Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 19, Issue : 258
Tuesday, 25 November 2025
Balasore, Page : 8, ₹ 2/
ବାଲେଶ୍ୱର, ମଙ୍ଗଳବାର, ୨୫ ନଭେମ୍ବର, ୨୦୨୫
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

୪୮ ଘଂଟାରେ ବାତ୍ୟା ! ଓଡ଼ିଶାରେ ପଡ଼ିବନି କୌଣସି ପ୍ରଭାବ

ନୂଆଦିଲ୍ଲୀ, ୨୪/୧୧(ନ୍ୟୁ.ଏ):ମାଲାକ୍କା ଓ ଦକ୍ଷିଣ ଆଣ୍ଡାମାନ ସାଗରରେ ସୃଷ୍ଟ ଲଘୁଚାପ ବାତ୍ୟାର ରୂପ ନେବ ହେଲେ ସମୁଦ୍ରରେ ହିଁ ବଳ ହରାଇବ । ଉପକୂଳକୁ ଛୁଇଁବା ପୂର୍ବରୁ ଦୁର୍ବଳ ହୋଇଯିବ ବାତ୍ୟା । ତେବେ ଆଶ୍ୱସ୍ତିର କଥା ହେଉଛି, ଏହି ବାତ୍ୟାର ପ୍ରଭାବ ଓଡ଼ିଶା ଉପରେ ଆଦୌ ପଡ଼ିବନି । ମାଲାକ୍କା ଓ ଦକ୍ଷିଣ ଆଣ୍ଡାମାନ ସାଗରରେ ଘନୀଭୂତ ହେଉଛି ଲଘୁଚାପ । ଆଗାମୀ ୨୪ ଘଂଟାରେ ଅଧିକ ଘନୀଭୂତ ହୋଇ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଅବପାତର ପରିଣତ ହେବ । ପଶ୍ଚିମ, ଉତ୍ତର-ପଶ୍ଚିମ ଦିଗରେ ଏହା ଆଗକୁ ବଢ଼ିବ । ପରବର୍ତ୍ତୀ ୪୮ ଘଂଟାରେ ବାତ୍ୟାର ରୂପ ନେବ । ହେଲେ ଏହା ଓଡ଼ିଶା ଉପରେ ପ୍ରଭାବ ପକାଇବ ନାହିଁ । ପାଣିପାଗ ବିଭାଗ ପକ୍ଷରୁ ଏନେଇ ଆଶ୍ୱସ୍ତ କରାଯାଇଛି । ସମୁଦ୍ର ଭିତରେ ହିଁ ଦୁର୍ବଳ ହେବ ବାତ୍ୟା । ଓଡ଼ିଶାରେ ୭ ଦିନ ପର୍ଯ୍ୟନ୍ତ ଶୁଖିଲା ରହିବ ପାଗ । ତେବେ ୪୮ ଘଂଟା ପରେ ତାପମାତ୍ରା ୨ରୁ ୩ ଡିଗ୍ରି କମିବ ବୋଲି ଆକଳନ କରିଛି ଆଂଚଳିକ ପାଣିପାଗ ବିଭାଗ । ତେବେ ଯେଉଁ ବାତ୍ୟା ବି ଆସୁ, ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା କହିଛନ୍ତି ରାଜସ୍ୱ ମନ୍ତ୍ରୀ ।

ବଙ୍ଗୋପସାଗରରେ ଆସୁଛି ବାତ୍ୟା...ବର୍ଷିପାରେ ନିର୍ଘୂମ ବର୍ଷା...ବହିପାରେ ପ୍ରବଳ ପବନ !...ହେଲେ କୁଆଡ଼େ ରହିବ ବାତ୍ୟାର ଗତିପଥ ? ସସପେନ୍ସ ବଢ଼ାଉଥିବା ଶୀତକାଳୀନ ସାଇକ୍ଲୋନ୍, ବୁଧବାର ନଚେତ ଗୁରୁବାର ସ୍ପଷ୍ଟ ହୋଇଯିବ । କାରଣ ଅତି ମନ୍ଥର ଗତିରେ ଦାନା ବାନ୍ଧୁଛି ଏହି ବାତ୍ୟା । ମାଲାକ୍କା ସମୁଦ୍ର ସନ୍ଧି ଓ ଦକ୍ଷିଣ ଆଣ୍ଡାମାନ ସାଗର ଉପରେ ସ୍ପଷ୍ଟଚିହ୍ନିତ ଲଘୁଚାପଟି ପ୍ରଥମେ ଅବପାତର ରୂପ ନେବ । ଏହାର ୪୮ ଘଂଟା ଭିତରେ ତଥା ବୁଧବାର କିମ୍ବା ଗୁରୁବାର ସୁଦ୍ଧା ବାତ୍ୟାର ରୂପ ଧାରଣ କରି ପଶ୍ଚିମ ଉତ୍ତର ପଶ୍ଚିମ ଆଡକୁ ଗତି କରିପାରେ । କିନ୍ତୁ ଓଡ଼ିଶା ଉପରେ ଏହାର ସିଧାସଳଖ ପ୍ରଭାବ ପଡ଼ିନପାରେ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ତଥାପି ୪୮ ଘଂଟା ପରେ କିଛି ସ୍ଥାନରେ ମେଘୁଆ ପାଗ ରହିବ ଏବଂ ୨ରୁ ୩ଦିନ ଡିଗ୍ରୀ ଯାଏଁ ତାପମାତ୍ରା ଖସିବ ବୋଲି କହିଛି ପାଣିପାଗ ବିଭାଗ । ସମ୍ଭାବ୍ୟ ବାତ୍ୟା କେଉଁଠି କରିବ ଲ୍ୟାଣ୍ଡଫଲ୍ ? ଆନ୍ଧ୍ର ମୁହାଁ ହେବ ନା ତାମିଲନାଡୁ ? ସେନେଇ କିନ୍ତୁ ସ୍ପଷ୍ଟତା ଆଣିନାହିଁ ଓଗଭ । କାରଣ ଦ୍ୱନ୍ଦ୍ୱ ବଢ଼ାଉଛି ବଙ୍ଗୋପସାଗର ସୃଷ୍ଟି ହୋଇଥିବା ଦୁଇ ଦୁଇଟି ସିଷ୍ଟମ୍ । ଗୋଟିଏ ମାଲାକ୍କା ନିକଟରେ ସୃଷ୍ଟି ହୋଇଥିବାବେଳେ ଆଉ ଗୋଟିଏ ସୃଷ୍ଟି ହୋଇଛି ଶ୍ରୀଲଙ୍କା ନିକଟରେ । ତେବେ ପାଣିପାଗ ବିଜ୍ଞାନୀଙ୍କ ମତ, ମାଲାକା ସିଷ୍ଟମ ଆଜି ମାଲେସିଆ ଉପରେ ସକ୍ରିୟ ହେବା ସହ ଅବପାତ ଭିତରେ ସୀମିତ ରହିପାରେ । କିନ୍ତୁ ଶ୍ରୀଲଙ୍କା ଉପକୂଳରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ବାତ୍ୟାର ରୂପ ନେଇପାରେ । ଯଦି ବାତ୍ୟା ହୁଏ, ତେବେ ୩୦ ବେଳକୁ ତାମିଲନାଡୁରେ ଲ୍ୟାଣ୍ଡଫଲ୍ କରିପାରେ । ଯାହାର ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ବର୍ଷାର ସମ୍ଭାବନା ରହିଛି । ଅମଳ ବେଳେ ସମ୍ଭାବ୍ୟ ବାତ୍ୟାକୁ ନେଇ ଚାଷୀ ମନରେ ଛନକା । କାରଣ କେଉଁଠି ପାଚିଆସିଲାଣି ଧାନ କେଣ୍ଡା ତ ଆଉ କେଉଁଠି ଚାଲିଛି ଅମଳ ପ୍ରକ୍ରିୟା । ଏଭଳି ସ୍ଥିତିରେ ବାତ୍ୟା କି ବର୍ଷା ବି ଯଦି ହୁଏ, ତାହେଲେ ବରବାଦ ହୋଇଯିବ ବର୍ଷକର ଦାନାପାଣି ।

୫୩ତମ ପ୍ରଧାନ ବିଚାରପତି ଭାବେ ଶପଥ ନେଲେ ଜଷ୍ଟିସ ସୂର୍ଯ୍ୟ କାନ୍ତ

ନୂଆଦିଲ୍ଲୀ, ୨୪/୧୧(ନ୍ୟୁ.ଏ):ଭାରତର ୫୩ତମ ପ୍ରଧାନ ବିଚାରପତି ଭାବେ ଶପଥ ନେଇଛନ୍ତି ସୁପ୍ରିମକୋର୍ଟ ର ବରିଷ୍ଠ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ । ରବିବାର ପ୍ରଧାନ ବିଚାରପତି ଭାବେ କାର୍ଯ୍ୟ କରୁଥିବା ଜଷ୍ଟିସ ବିଆର ଗବାଇଙ୍କ କାର୍ଯ୍ୟକାଳ ଶେଷ ହୋଇଥିଲା । ତାଙ୍କ ସ୍ଥାନରେ ଆଜି(ସୋମବାର) ଜଷ୍ଟିସ ସୂର୍ଯ୍ୟ କାନ୍ତ ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ନେଇଛନ୍ତି । ପ୍ରଧାନ ବିଚାରପତି ଭାବେ ଜଷ୍ଟିସ ସୂର୍ଯ୍ୟକାନ୍ତ ପ୍ରାୟ ୧୫ ମାସ କାର୍ଯ୍ୟ କରିବେ । ତାଙ୍କ କାର୍ଯ୍ୟକାଳ ୨୦୨୭ ମସିହା ଫେବୃଆରୀ ୯ରେ ଶେଷ ହେବ । ଏହି ସମୟରେ ତାଙ୍କୁ ୬୫ ବର୍ଷ ବୟସ ହୋଇଯିବ । ତେଣୁ ସେ ଅବସର ଗ୍ରହଣ କରିବେ । ଆଜି ଜଷ୍ଟିସ ସୂର୍ଯ୍ୟ କାନ୍ତଙ୍କୁ ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି । ଏହି କାର୍ଯ୍ୟକ୍ରମରେ ଉପ ରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନଙ୍କ ଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରତିରକ୍ଷା ରାଜନାଥ ସିଂହ, ଆଇନମନ୍ତ୍ରୀ ଅର୍ଜୁନ ରାମ ମେଘୱାଲଙ୍କ ଯାଏ ବହୁ କେନ୍ଦ୍ରମନ୍ତ୍ରୀ ଓ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହିଥିଲେ । ବିଦାୟୀ ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗବାଇ ମଧ୍ୟ ଆଜି ଉପସ୍ଥିତ ରହି ଜଷ୍ଟିସ କାନ୍ତଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି । ୧୯୬୨ ମସିହା ଫେବୃଆରୀ ୧୦ରେ ହରିୟାଣର ହିସାର ଜିଲ୍ଲାର ଗୋଟିଏ ମଧ୍ୟବିତ୍ତ ପରିବାରେ ଜନ୍ମ ଗ୍ରହଣ କରିଥିଲେ ଜଷ୍ଟିସ ସୂର୍ଯ୍ୟ କାନ୍ତି । ହିସାର ଭଳି ଛୋଟିଆ ସହରରେ ଆଇନର ଅଭ୍ୟାସ ଆରମ୍ଭ କରିଥିବା ଜଷ୍ଟିସ ସୂର୍ଯ୍ୟ କାନ୍ତ ପରବର୍ତ୍ତୀ ଅବସ୍ଥାରେ ଦେଶର ସର୍ବୋଚ୍ଚ ନ୍ୟାୟଳୟରେ ପହଂଚିଥିଲେ । ୨୦୧୧ରେ କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟରୁ ସେ ଆଇନ ପାଠ୍ୟକ୍ରମରେ ମାଷ୍ଟର ଡିଗ୍ରୀ ହାସଲ କରିପାରିଥିଲେ । ସୁପ୍ରିମକୋର୍ଟକୁ ପଦୋନ୍ନତି ମିଳିବା ପୂର୍ବରୁ ସେ ୨୦୧୮ ମସିହା ଅକ୍ଟୋବର ୫ରୁ ହିମାଚଳ ପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ କାର୍ଯ୍ୟ କରୁଥିଲେ । ପଞ୍ଜାବ ଓ ହରିୟାଣା ହାଇକୋର୍ଟର ବିଚାରପତି ଥିବା ବେଳେ ସେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ । ସୁପ୍ରିମକୋର୍ଟ ବିଚାରପତି ଭାବେ ସେ ସାମ୍ବିଧାନିକ ଓ ଜାତୀୟ ସୁରକ୍ଷା ପ୍ରସଙ୍ଗ ସହ ଜଡ଼ିତ ଅନେକ ଐତିହାସିକ ରାୟ ଦେଇଛନ୍ତି । ଏହା ମଧ୍ୟରେ ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ, ନାଗରିକତ୍ୱ ଅଧିକାର, ବାକ ସ୍ୱାଧୀନତା ଓ ନିର୍ବାଚନ ସଂସ୍କାର ସହ ଜଡ଼ିତ ରାୟ ରହିଛି । ଉପନିବେଶ ଯୁଗର ଦେଶଦ୍ରୋହ ଆଇନକୁ ରଦ୍ଦ କରିଥିବା ଖଣ୍ଡପୀଠରେ ଜଷ୍ଟିସ କାନ୍ତ ରହିଥିଲେ । ଏସ୍‌ଆଇଆର ପରେ ବିହାର ଭୋଟର ତାଲିକାରୁ ବାଦ ପଡ଼ିଥିବା ୬୫ ଲକ୍ଷ ଲୋକଙ୍କ ନାଁ ସାର୍ବଜନୀନ କରିବାକୁ ଜଷ୍ଟିସ କାନ୍ତଙ୍କ ଖଣ୍ଡପୀଠ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଲିଙ୍ଗଗତ ନ୍ୟାୟ ଓ ତୃଣମୂଳ ସ୍ତରରେ ଗଣତାନ୍ତ୍ରିକ ପରମ୍ପରାକୁ ବଜାୟ ରଖିବା ପାଇଁ ସେ ବେଆଇନ ଭାବେ ପଦଚ୍ୟୁତ ହୋଇଥିବା ଜଣେ ମହିଳା ସରପଂଚଙ୍କୁ ପୁଣି ନିଜ ପଦରେ ଅବସ୍ଥାପିତ କରିଥିଲେ । ବାର୍ ଆସୋସିଏସନର ଏକ ତୃତୀୟାଂଶ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରଖିବାକୁ ମଧ୍ୟ ଜଷ୍ଟିସ କାନ୍ତ ତାଙ୍କ ରାୟ ଜରିଆରେ ନିର୍ଦ୍ଦେଶ ଦେଇଥିଲେ । ପ୍ରତିରକ୍ଷା କର୍ମଚାରୀଙ୍କ ୱାନ ରାଙ୍କ ୱାନ ପେନସନ ଯୋଜନାକୁ ଜାରି ରଖିବାକୁ ନିର୍ଦ୍ଦେଶ ଦେଇଥିବା ଖଣ୍ଡପୀଠରେ ଜଷ୍ଟିସ କାନ୍ତ ରହିଥିଲେ ।

ତାମିଲନାଡୁରେ ଭୟଙ୍କର ବସ୍ ଦୁର୍ଘଟଣା: ୬ ଯାତ୍ରୀ ମୃତ, ୨୮ରୁ ଅଧିକ ଆହତ

ଚେନ୍ନାଇ, ୨୪/୧୧(ନ୍ୟୁ.ଏ): ତାମିଲନାଡୁରେ ଭୟଙ୍କର ବସ୍ ଦୁର୍ଘଟଣା । ତେନକାସି ଜିଲ୍ଲାରେ ଦୁଇ ଘରୋଇ ବସ୍ ମୁହାଁମୁହିଁ ଧକ୍କା । ଦୁର୍ଘଟଣାରେ ଚାଲିଗଲା ୬ ଜୀବନ, ୨୮ରୁ ଅଧିକ ଆହତ । ସମସ୍ତ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଉଛି । ସ୍ଥାନୀୟଲୋକ ବସ୍ ଭିତରୁ ଯାତ୍ରୀଙ୍କୁ ଉଦ୍ଧାର କରୁଥିବା ବେଳେ ପୁଲିସ ମଧ୍ୟ ରେସ୍କ୍ୟୁ କରୁଥିବା ଜଣାପଡିଛି । ସୂଚନାନୁସାରେ, ସୋମବାର ସକାଳେ ଏକ ଘରୋଇ ବସ ମଦୁରାଇରୁ ସେନକୋଟାଇ ଅଭିମୁଖେ ଯାଉଥିଲା । ଏହା ତେନକାସିରୁ କୋଭିଲପଟି ଅଭିମୁଖେ ଯାଉଥିବା ଅନ୍ୟ ଏକ ଘରୋଇ ବସକୁ ଧକ୍କା ଦେଇଥିଲା । ଭୟଙ୍କର ଦୁର୍ଘଟଣା ଉଭୟ ବସ ସମ୍ମୁଖ ଭାଗ ସଂପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି । ସ୍ଥାନୀୟ ପୁଲିସ କହିବାନୁସାରେ, ମଦୁରାଇରୁ ସେନକୋଟାଇ ଯାଉଥିବା ବସର ଡ୍ରାଇଭର ଅତି ବେପରୁଆ ଭାବେ ଗାଡି ଚଲାଉଥିଲେ । ଗାଡିର ବେଗ ଅଧିକ ଥିବାରୁ ବସ ନିୟନ୍ତ୍ରଣ କରିନପାରି ସାମ୍ନାରୁ ଆସୁଥିବା ଆଉ ଏକ ବସ୍ ଧକ୍କା ଦେଇଥିଲା । ଦୁର୍ଘଟଣାରେ ଘଟଣାସ୍ଥଳରେ ୬ ଜଣ ଯାତ୍ରୀ ଜୀବନ ଯାଇଥିବା ବେଳେ ୨୮ରୁ ଅଧିକ ଯାତ୍ରୁ ଆହତ ହୋଇଛନ୍ତି । ସମସ୍ତ ଆହତଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । କିଛି ଯାତ୍ରୀଙ୍କ ଅବସ୍ଥା ସଂଙ୍କଟାପନ୍ନ ରହିଛି । ଫଳରେ ମୃତ୍ୟୁସଂଖ୍ୟାରେ ବୃଦ୍ଧି ଘଟିପାରେ । ମୃତଯାତ୍ରୀଙ୍କୁ ପୋଷ୍ଟମର୍ଟମ ପାଇଁ ପଠାଯାଇଥିବା ଜଣାପଡିଛି ।

ପରଲୋକରେ ବଲିଉଡର ବୀରୁ

ମହାରାଷ୍ଟ୍ର, ୨୪/୧୧(ନ୍ୟୁ.ଏ): ବଲିଉଡର ବିଶିଷ୍ଟ ଅଭିନେତା ଧର୍ମେନ୍ଦ୍ର ଦେଓଲଙ୍କର ପରଲୋକ ଘଟିଛି । ବର୍ଷୀୟାନ ବଲିଉଡ୍ ଅଭିନେତା ଧର୍ମେନ୍ଦ୍ରଙ୍କ ମୁମ୍ବାଇସ୍ଥିତ ବାସଭବନରେ ୮୯ବର୍ଷ ବୟସରେ ଦେହାନ୍ତ ହୋଇଛି ବୋଲି ଖବର ସରବରାହ ସଂସ୍ଥା ଓଇଘଝ ସୂତ୍ରରୁ ଜଣାପଡିଛି । ଅସୁସ୍ଥତା ନେଇ ତାଙ୍କୁ ମୁମ୍ବାଇର ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଏହା ପରେ ସେ ହସ୍ପିଟାଲରୁ ଡିସଚାର୍ଜ ହୋଇ ଘରେ ରହି ଚିକିତ୍ସିତ ହେଉଥିଲେ । ଧର୍ମେନ୍ଦ୍ରଙ୍କୁ ପ୍ରଥମେ ନଭେମ୍ବର ୧ ତାରିଖରେ ହସ୍ପିଟାଲକୁ ନିଆଯାଇଥିଲା ଏବଂ ଏହା ଏକ ନିୟମିତ ଯାଂଚ ବୋଲି କୁହାଯାଇଥିଲା । ଏହା ପରେ ତାଙ୍କୁ ଭେଂଟିଲେଟରରେ ରଖାଯାଇଥିଲା ଏବଂ ତାଙ୍କ ଅବସ୍ଥା ଗୁରୁତର ଥିଲା । ରିପୋର୍ଟ ଅନୁସାରେ, ନିଶ୍ୱାସ ନେବାରେ କଷ୍ଟ ହେଉଥିବା କାରଣରୁ ଧର୍ମେନ୍ଦ୍ରଙ୍କୁ ହସ୍ପିଟାଲକୁ ନିଆଯାଇଥିଲା । ଡାକ୍ତରମାନେ ତାଙ୍କୁ ସେଠାରେ କଡ଼ା ନଜର ରଖିବା ପାଇଁ ରଖିଥିଲେ । ଗତ ୧୧ ତାରିଖରେ ଧର୍ମେନ୍ଦ୍ରଙ୍କ ମୃତ୍ୟୁ ନେଇ ଖବର ପ୍ରକାଶ ପାଇଥିଲା । ଯାହାକୁ ପରିବାର ତରଫରୁ ଖଣ୍ଡନ କରାଯାଇଥିଲା । ଧୀରେ ଧୀରେ ସୁସ୍ଥ ହେଉଥିବା ଏବଂ ଚିକିତ୍ସିତ ହୋଇ ଘରକୁ ଫେରିଥିବା କୁହାଯାଇଥିଲା । ୧୯୩୫ ଡିସେମ୍ବର ୮ରେ ପଞ୍ଜାବ ଲୁଧିଆନାରେ ଜନ୍ମଗ୍ରହଣ କରିଥିଲେ ଧର୍ମେନ୍ଦ୍ର । ଦର୍ଶକଙ୍କୁ ଭେଟି ଦେଇଥିଲେ ଅନେକ ହିଟ୍ ଚଳଚ୍ଚିତ୍ର । ୬ ଦଶନ୍ଧିର ଫିଲ୍ମ କ୍ୟାରିୟରରେ ସେ ପ୍ରାୟ ୩୦୦ରୁ ଅଧିକ ଫିଲ୍ମରେ ଅଭିନୟ କରିଛନ୍ତି । ଫୁଲ୍ ଔର ପଥର, ସୋଲେ, ଚୁପେକେ ଚୁପକେ, ଅନୁପମା ଭଳି ସିନେମାରେ ଅଭିନୟ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ୧୯୬୦ରେ 'ଦିଲ୍ ଭି ତେରା ହମ୍ ଭି ତେରା' ଫିଲ୍ମରେ ଡେବ୍ୟୁ କରିଥିଲେ । ବଲିଉଡ୍ ଜଗତରେ 'ହି-ମ୍ୟାନ୍' ଭାବେ ଜଣାଶୁଣା ଥିଲେ । ୧୯୯୭ରେ ଫିଲ୍ମଫେୟାର ଲାଇଫ୍ ଟାଇମ ଅଚିଭମେଂଟ ସମ୍ମାନ ପାଇଥିଲେ ଧର୍ମେନ୍ଦ୍ର । ୨୦୧୧ରେ ପାଇଥିଲେ ଦାଦା ସାହେବ ଫାଲକେ ସମ୍ମାନ । ୨୦୧୨ରେ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିଲେ । ଧର୍ମେନ୍ଦ୍ରଙ୍କ ବିୟୋଗ ନେଇ ବଲିଉଡ ଜଗତରେ ଶୋକର ଛାୟା ଖେଳିଯାଇଛି । ବଲିଉଡର ବିଶିଷ୍ଟ ଅଭିନେତା, ନିର୍ଦ୍ଦେଶକ ଏବଂ ଚଳଚ୍ଚିତ୍ର ଜଗତର ବହୁ ବିଶିଷ୍ଟ ବ୍ୟକ୍ତିମାନେ ଶୋକ ପ୍ରକାଶ କରିଛନ୍ତି । ଧର୍ମେନ୍ଦ୍ରଙ୍କ ଶେଷ ଦର୍ଶନ ପାଇଁ ଶ୍ମଶାନ ଘାଟରେ ସେଲିବ୍ରିଟିଙ୍କ ଭିଡ଼ ଲାଗିଛି । ମୁମ୍ବାଇ ଭିଲେ ପାର୍ଲେ ସ୍ଥିତ ଶ୍ମଶାନ ଘାଟରେ ସେଲିବ୍ରିଟିଙ୍କ ଭିଡ଼ । ଶେଷ ଦର୍ଶନ ପାଇଁ ପହଂଚିଛନ୍ତି ଅମିତାଭ ବଚ୍ଚନ ଓ ପୁଅ ଅଭିଷେକ ବଚ୍ଚନ ।

ରାଜ୍ୟ କ୍ୟାବିନେଟ ବୈଠକ : ନିଯୁକ୍ତି ନିୟମାବଳୀ ସଂଶୋଧନକୁ ଅନୁମୋଦନ

ଭୁବନେଶ୍ୱର, ୨୪/୧୧ (ଆ.ପ୍ର) : ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ସୋମବାର କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନିଯୁକ୍ତି ନିୟମାନବୀଳୁ ସଂଶୋଧନକୁ ଅନୁମୋଦନ କରାଯାଇଛି । ରାଜ୍ୟ ସରକାରଙ୍କ ଅଧୀନସ୍ଥ ଖ ବର୍ଗ ଏବଂ ଗ-ବର୍ଗ ଅନ୍ତର୍ଗତ ସ୍ୱତନ୍ତ୍ର ସେବା ଓ ପଦବୀରେ ନିଯୁକ୍ତି ନିମନ୍ତେ ମିଳିତ ସ୍ନାତକ ସ୍ତର ନିଯୁକ୍ତି ପ୍ରକିୟା ନିୟମାବଳୀ ୨୦୨୨କୁ ସଂଶୋଧନ କରାଯାଇଛି । ସିଡ୍ୟୁଲ-୧ରେ ୨୯ଟି ପଦବୀ ସାମିଲ କରାଯାଇଛି । ୨୦୨୨ର ନିୟମ-୩ରେ ଧାର୍ଯ୍ୟ କରାଯାଇଥିବା ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ସରକାରଙ୍କ ଅଧୀନସ୍ଥ ଖ-ବର୍ଗ ଓ ଗ-ବର୍ଗ ଅନ୍ତର୍ଗତ ସ୍ୱତନ୍ତ୍ର ସେବା ଓ ପଦବୀରେ ମିଳିତ ସ୍ନାତକ ସ୍ତର ନିଯୁକ୍ତି ପ୍ରକ୍ରିୟା ନିୟମାବଳୀ ୨୦୨୨ର ସିଡ୍ୟୁଲ-୧ରେ ୧୪ଟି ନୂତନ ପଦବୀକୁ ଅନ୍ତର୍ଭୁକ୍ତ କରାଯିବା ସହିତ ପୂର୍ବରୁ ଅନ୍ତଭୂକ୍ତ ହୋଇଥିବା ୪ଟି ପଦବୀକୁ ବାଦ ଦିଆଯାଇଛି । ଏହା ଦ୍ୱାରା ଓଡିଶା କର୍ମଚାରୀ ପ୍ରବରଣ ଆୟୋଗ ସମସ୍ତ ୩୯ଟି ସ୍ୱତନ୍ତ୍ର ପଦବୀଗୁଡିକୁ ମିଳିତ ସ୍ନାତକ ସ୍ତର ନିଯୁକ୍ତି ପରୀକ୍ଷାରେ ପରିଚାଳିତ କରିପାରିବେ ।

ନଭେମ୍ବର ୨୭ରେ ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ

ଭୁବନେଶ୍ୱର, ୨୪/୧୧ (ଆ.ପ୍ର) : ନଭେମ୍ବର ୨୭ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆଗାମୀ ଓଡ଼ିଶା ଗସ୍ତ ପାଇଁ କମିସନରେଟ୍ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥାକୁ ଚୂଡ଼ାନ୍ତ କରାଯାଇଛି । ରାଷ୍ଟ୍ରପତିଙ୍କ ସୁରକ୍ଷା ପାଇଁ କମିସନରେଟ୍ ପୁଲିସ ତ୍ରିସ୍ତରୀୟ କଡ଼ା ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିଛି । ରାଷ୍ଟ୍ରପତି ଓଡ଼ିଶା ବିଧାନସଭାର ପ୍ରଥମ ଶୀତକାଳୀନ ଅଧିବେଶନକୁ ସମ୍ବୋଧିତ କରିବେ । କୌଣସି ରାଜ୍ୟ ବିଧାନସଭାରେ ଏହା ରାଷ୍ଟ୍ରପତିଙ୍କ ପ୍ରଥମ ଅଭିଭାଷଣ ହେବ । ଏହି କାର୍ଯ୍ୟକ୍ରମକୁ ସୁରକ୍ଷିତ କରିବା ପାଇଁ ପ୍ରମୁଖ ସ୍ଥାନଗୁଡ଼ିକରେ ୨୫ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯିବ । କମିସନରେଟ୍ ପୁଲିସ ପକ୍ଷରୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ । ଏହା ସହିତ ରାଷ୍ଟ୍ରପତିଙ୍କ ଅଙ୍ଗରକ୍ଷୀ (ପିବିଜି) କମାଣ୍ଡୋ ଏବଂ ଅତିରିକ୍ତ କର୍ମଚାରୀ ଚତୁର୍ଥ ସ୍ତରୀୟ ସୁରକ୍ଷା ଯୋଗାଇବେ । ନଭେମ୍ବର ୨୭-୨୮ ପାଇଁ ବିଜୁ ପଟ୍ଟନାୟକ ବିମାନବନ୍ଦର, ରାଜଭବନ ଏବଂ ବିଧାନସଭାକୁ ଅଧିକାରୀମାନେ ହାଇ ଆଲର୍ଟରେ ରଖିଛନ୍ତି । ପାଂଚ ଜଣ ଡେପୁଟି ପୁଲିସ କମିସନର କାର୍ଯ୍ୟ ତଦାରଖ କରିବେ । ପାଂଚ ଜଣ ସହାୟକ କମିସନର, ୨୦ ଜଣ ଇନ୍‌ସପେକ୍ଟର ଏବଂ ୩୦ ଜଣ ଅନ୍ୟ ଅଧିକାରୀ ସୁରକ୍ଷା କାର୍ଯ୍ୟରେ ନିୟୋଜିତ ହେବେ । ଟ୍ରାଫିକ ପୁଲିସକୁ ଯାନବାହାନ ଚଳାଚଳ ନିୟନ୍ତ୍ରଣ କରିବା ପାଇଁ ନିର୍ଦ୍ଦେଶ ମିଳିଛି, ରୁଟ୍ ଲାଇନିଂ ପାଇଁ ପାଂଚଟି ପ୍ଲାଟୁନ୍ ନିୟୋଜିତ କରାଯାଇଛି । ରାଷ୍ଟ୍ରପତିଙ୍କ ସୁରକ୍ଷା ବ୍ୟବସ୍ଥାର ପୂର୍ଣ୍ଣ ଅଭ୍ୟାସ ନଭେମ୍ବର ୨୬ ତାରିଖରେ ହେବ । ସମ୍ଭାବ୍ୟ ବିପଦକୁ ଦୂର କରିବା ପାଇଁ ବମ୍ ସ୍କ୍ୱାଡ୍ ଏବଂ ସ୍ନିଫର କୁକୁରଙ୍କୁ ଯାଂଚ କାର୍ଯ୍ୟରେ ନିୟୋଜିତ କରାଯିବ ବୋଲି କମିସନରେଟ୍ ପୁଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟ, 'ପିବିଜି କମାଣ୍ଡୋ'ଭାରତର ସବୁଠାରୁ ବରିଷ୍ଠ ଏବଂ ପୁରୁଣା ସାମରିକ ରେଜିମେଂଟ, ରାଷ୍ଟ୍ରପତିଙ୍କ ଅଙ୍ଗରକ୍ଷୀ (PBG)ର ସୈନିକମାନଙ୍କୁ ବୁଝାଏ ।

ଦିଲ୍ଲୀ ପ୍ରଦୂଷଣ ନେଇ ଇଣ୍ଡିଆ ଗେଟ୍ ଆଗରେ ଆନ୍ଦୋଳନ

ନୂଆଦିଲ୍ଲୀ, ୨୪/୧୧(ନ୍ୟୁ.ଏ):ଦେଶର ରାଜଧାନୀ ଦିଲ୍ଲୀ ଏବେ ପ୍ରଦୂଷଣର ବିଷରେ ଆଉଟ ପାଉଟ ହେଉଛି । ଏହା ବିରୋଧରେ ହୋଇଥିବା ଗୋଟିଏ ବିକ୍ଷୋଭ ଶୋଭାଯାତ୍ରା ବିବାଦୀୟ ସ୍ଥିତି ସୃଷ୍ଟି କରିଛି । ନଭେମ୍ବର ୨୩ରେ ଇଣ୍ଡିଆ ଗେଟ୍ ନିକଟରେ ଆୟୋଜିତ ଶୋଭାଯାତ୍ରାରେ ଦେଖାଯାଇଛି ନକ୍ସଲବାଦ ସପକ୍ଷରେ ପୋଷ୍ଟର । ନିକଟରେ ସୁରକ୍ଷାକର୍ମୀଙ୍କ ଗୁଳିରେ ନିହତ ହୋଇଥିବା ମାଓବାଦୀ(ଘବଙ୍ଘକ୍ଷ) ନେତା ମାଡଭୀ ହିଡମା ସପକ୍ଷରେ ଦିଆଯାଇଛି ନାରା । ସେ ନିହତ ହୋଇଥିଲେ ହେଁ ତା' ସପକ୍ଷରେ ବିକ୍ଷୋଭ ସମୟରେ ପୋଷ୍ଟର ପ୍ରଦର୍ଶନ କରାଯାଇଛି । ସେହିପରି ବିକ୍ଷୋଭ ସମୟରେ ପୁଲିସ୍ ଉପରକୁ ବିଷାକ୍ତ ସ୍ପ୍ରେ ମଧ୍ୟ ମାଡ଼ କରାଯାଇଛି । ପୁଲିସ୍ ବ୍ୟାରିକେଡ ଲଗାଇ ଭିଡ଼ ନିୟନ୍ତ୍ରଣ କରୁଥିବା ବେଳେ ଏପରି ଘଟଣା ଘଟିଛି ।ରବିବାର ସନ୍ଧ୍ୟାରେ ହୋଇଥିବା ବିକ୍ଷୋଭ ବେଳେ ଏପରି ଘଟଣା ଘଟିବା ସମସ୍ତଙ୍କୁ ଚିନ୍ତାରେ ପକାଇଛି । ଏହି ଘଟଣାରେ ପୁଲିସ ୨୩ ଜଣଙ୍କୁ ଗିରଫ କରିଥିବା ବେଳେ କେଉଁ ପରିସ୍ଥିତିରେ ଓ କାହିଁକି ହିଡମାର ପୋଷ୍ଟର ଏବଂ ସପକ୍ଷରେ ନାରା ଦିଆଗଲା, ତା'ର ତଦନ୍ତ କରୁଛି । ସାମ୍ନାକୁ ଆସିଥିବା ଭିଡିଓରେ ଦେଖିବାକୁ ମିଳୁଛି ଯେ ଅନେକ ଯୁବ ବିକ୍ଷୋଭକାରୀ ଇଣ୍ଡିଆ ଗେଟ ନିକଟ ସି-ହେକ୍ସାଗାଓଁ ଅଂଚଳରେ ବସି ରହିଛନ୍ତି ଓ ଦିଲ୍ଲୀ ବାୟୁ ପ୍ରଦୂଷଣ ବିରୋଧରେ ନାରାବାଜୀ କରୁଛନ୍ତି । ଏହି ସମୟରେ ବିକ୍ଷୋଭକାରୀଙ୍କ ମଧ୍ୟରୁ ଜଣେ ଯୁବକଙ୍କ ହାତରେ ହିଡମାର ଗୋଟିଏ ସ୍କେଚ ଥିବା ଫଟୋ ରହିଛି । ଏଥିରେ ତା' ସପକ୍ଷରେ କିଛି ଲେଖାଯାଇଛି । ସେହିପରି ବିକ୍ଷୋଭ ବେଳେ ମାଓବାଦୀ ନେତା ହିଡମା ସପକ୍ଷରେ ନାରାବାଜୀ ମଧ୍ୟ କରାଯାଇଥିଲା । କେତେ ହିଡମାକୁ ମାରିବ ? ପ୍ରତିଘରୁ ହିଡମା ବାହାରିବେ ଓ ହିଡମା ଅମର ରହେ ନାରା ଦିଆଯାଇଛି । ବିକ୍ଷୋଭକାରୀମାନେ ରାସ୍ତାରେ ବସିରହିବାରୁ ସୁରକ୍ଷାକର୍ମୀମାନେ ସେଠାରେ ପହଂଚି ସ୍ଥାନ ଖାଲି କରିବାକୁ କହିଥିଲେ । ତଥାପି ସେମାନେ କିଛି ବି ଶୁଣି ନଥିଲେ । ଫଳରେ ପୁଲିସ୍‌କର୍ମୀମାନେ ସେମାନଙ୍କୁ ସେଠାରୁ ବଳପୂର୍ବକ ଉଠାଇ ନେଇଥିଲେ । ଏହି ସମୟରେ ପୁଲିସ୍ ଉପରେ ବିଷାକ୍ତ ଗ୍ୟାସର ସ୍ପ୍ରେ କରାଯାଇଛି । ଏଥିଯୋଗୁ ଅନେକ ପୁଲିସ କର୍ମଚାରୀ ଆଖି ଓ ମୁହଁରେ ଯନ୍ତ୍ରଣା ଅନୁଭବ କରିବାରୁ ସେମାନଙ୍କୁ ହସ୍ପିଟାଲ ନିଆଯାଇଛି । ସେହିପରି ଏନେଇ ଗୋଟିଏ ଏଫଆଇଆର ମଧ୍ୟ ହୋଇଛି । ଜଣେ ବିକ୍ଷୋଭକାରୀ କହିଛନ୍ତି, "ହିଡମା ଜଣେ ଆଦିବାସୀ । ସେ ନିଜର ଅଧିକାର ପାଇଁ ଅସ୍ତ୍ର ଉଠାଇଥିଲେ । ଲୋକମାନେ ତାଙ୍କ ଶୈଳୀରେ ଏକମତ ହୋଇ ନପାରନ୍ତି ଓ ଏହାକୁ ଭୁଲ କହିପାରନ୍ତି । କିନ୍ତୁ ସେମାନେ ଏହା ପଛର କାରଣକୁ କେବେ ହେଲେ ମନା କରିପାରିବେ ନାହିଁ । ନିଜର ଅଧିକାର ପାଇଁ ଲଢ଼େଇ କରୁଥିବା ଲୋକଙ୍କୁ ଏପରି ଢଙ୍ଗରେ ଦମନ କରାଯାଇ ପାରିବ ନାହିଁ ।" ପୁଲିସ୍ ? ବିଭିନ୍ନ ଭିଡିଓ ଓ ସିସିଟିଭି ଆଧାରରେ ୨୩ ଜଣଙ୍କୁ ଗିରଫ କରିଛି । କର୍ତ୍ତବ୍ୟ ପଥ ଓ ସଂସଦ ରାସ୍ତା ପୁଲିସ୍ ଷ୍ଟେସନରେ ଏନେଇ ଦୁଇଟି ଏଫଆଇଆର ମଧ୍ୟ ରୁଜୁ ହୋଇଛି । ବାସ୍ତବରେ ପ୍ରଦୂଷଣ ବିରୋଧୀ ଆନ୍ଦୋଳନକୁ କ୍ଲିନ ଏୟାର ଫର ଦିଲ୍ଲୀ ସମନ୍ୱୟ କମିଟି ପକ୍ଷରୁ ଆୟୋଜନ କରାଯାଇଥିଲା । ଦିଲ୍ଲୀ ସରକାର ପ୍ରଦୂଷଣକୁ ନିୟନ୍ତ୍ରଣ କରିବାରେ କିଛି ଉପଯୁକ୍ତ ପଦକ୍ଷେପ ନେଇ ନଥିବାରୁ ରବିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ସରକାରୀ ବିରୋଧରେ ବିକ୍ଷୋଭକାରୀ ନାରାବାଜୀ କରିଥିଲେ । କିନ୍ତୁ ଏହି ସମୟରେ ହିଡମା ସପକ୍ଷରେ ନାରା ସମସ୍ତଙ୍କୁ ଚକିତ କରିଛି ।

ଶ୍ରମ ସଂହିତା ବାତିଲ ଦାବିରେ ଏଆଇସିସିଟିୟୁର ବିକ୍ଷୋଭ ଓ ଶ୍ରମ କୋଡ଼ ଗେଜେଟ ପୋଡି

ଖୋର୍ଦ୍ଧା/ଭୁବନେଶ୍ୱର, ୨୪/୧୧ (ଆ.ପ୍ର) : ଏଆଇସିସିଟିୟୁ ପକ୍ଷରୁ ବିଜେପି ସରକାର ଶ୍ରମ ସଂସ୍କାର ନାମରେ ୪ ଶ୍ରମ କୋଡ଼କୁ ଦେଶରେ ଲାଗୁ କରିଛନ୍ତି । ଏହି ଶ୍ରମ କୋଡ଼କୁ ତୁରନ୍ତ ରଦ କରିବାକୁ ଏଆଇସିସିଟିୟୁ ଦାବୀ କରିବା ସହିତ ଆଜି ଶ୍ରମ କୋଡ଼ର କପିକୁ ଗାନ୍ଧୀ ମାର୍ଗ ଠାରେ ପୋଡିଛନ୍ତି । ଏହି କୋଡ଼ରେ ଶ୍ରମିକଙ୍କ ଲାଗି ସେଭଳି କିଛି ବିଶେଷ ଧରଣର କିଛି ନାହିଁ । ଏହା କେବଳ ନୂଆ ବୋତଲରେ ପୁରୁଣା ମଦ ଭଳି ହୋଇଛି ଓ କେବଳ ନାମ ପରିବର୍ତ୍ତନ ହୋଇଛି, ଯାହାକି ବିଜେପିର ଲଗାତାର କାର୍ଯ୍ୟ । ୬୫ ଟି ଉପଧାରାକୁ ପୁରାପୁରି ଭାବରେ ଉଚ୍ଛେଦ କରାଯାଇଛି । ଶ୍ରମିକ ମାନଙ୍କ ମଜୁରୀ, ରେକର୍ଡ ଯାଂଚ, ବହୁବିଧ ଲାଇସେନ୍ସ, ବିନା ବିଜ୍ଞାପନ କାର୍ଯ୍ୟାନୁଷ୍ଠାନ ଓ ଇନ୍ସପେକ୍ସନ ରାଜକୁ ହଟେଇ ଦିଆଯାଇଛି । ଇପିଏଫ ଜମା ନିୟମକୁ ମଧ୍ୟ କୋହଳ କରାଯାଇଛି । ଶ୍ରମିକ ମାନେ ସଂଘ ଗଠନ କରିବାରେ ପ୍ରତିବନ୍ଧକ, ୨୯୯ କର୍ମଚାରୀ ଥିବା ସଂସ୍ଥାରେ ମାଲିକ ବିନା ସରକାରଙ୍କ ଆଦେଶରେ ଛଟେଇ କରିବାର ଅଧିକାର ଦେବା ଶ୍ରମିକ ମାନଙ୍କ ବେରୋଜଗାରୀକୁ ବଢାଇବା ସହ ହାୟର ଓ ଫାୟାର ନୀତିରେ ହଜାର ହଜାର ଶ୍ରମିକ ନିଯୁକ୍ତି ହରାଇବେ । ଏ କୋଡ଼ ଶ୍ରମିକ ଶ୍ରେଣୀର ଅନେକ କ୍ଷତି ପହଂଚାଇବା ପୂର୍ବରୁ ସରକାର ଏହି କୋଡ଼କୁ ରଦ କରିବାକୁ ଏଆଇସିସିଟିୟୁ ଦାବୀ କରିଛି । ଆଜିର ଏହି କାର୍ଯ୍ୟକ୍ରମରେ ଏଆଇସିସିଟିୟୁର ସଭାପତି ରାଧାକାନ୍ତ ସେଠି, ରାଜ୍ୟ ସମ୍ପାଦକ ମହେନ୍ଦ୍ର ପରିଡା, ସମ୍ପାଦକ ମାନସ ରଞ୍ଜନ ପ୍ରଧାନ, ସଫେଇ କର୍ମଚାରୀ ସଂଘ ସମ୍ପାଦକ ବିଜୟ ବେହେରା, ବନବିହାରୀ ଦାସ, ଚିତ୍ର ସେନ ସେଠି, ନିର୍ମାଣ ଶ୍ରମିକ ନେତା ଅରୁଣ ପରିଡା, ଉପେନ୍ଦ୍ର ସାହୁ, ହେମନ୍ତ ପ୍ରଧାନ ଅଂଶ ଗ୍ରହଣ କରି ଶ୍ରମକୋଡ଼କୁ ବାତିଲ କରିବା ଲାଗି ଦାବୀ କରିବା ସହିତ ସାରା ରାଜ୍ୟରେ ମୋଦି ସରକାରର ଶ୍ରମିକ ନୀତି ବିରୁଦ୍ଧରେ ଆନ୍ଦୋଳନ କରାଯିବା ସହିତ ନଭେମ୍ବର ୨୬ ରେ ଦେଶବ୍ୟାପୀ ଆନ୍ଦୋଳନକୁ ସଫଳ କରିବା ଲାଗି ଆହ୍ୱାନ ଦେଇଛନ୍ତି ।

ଆମର ଛାତ୍ରଛାତ୍ରୀ ମାନେ ବିକଶିତ ଓଡିଶାର କର୍ଣ୍ଣଧାର : ଶ୍ରୀ ହରିଚନ୍ଦନ

ଚିଲିକା/ବାଣପୁର, ୨୪/୧୧ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ୍ ସି.ଏମ୍.ଶ୍ରୀ. ପଂଚୁପଲ୍ଲୀ ସୋମନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ଆଙ୍କୁଲାଚଟୀ ଠାରେ ବ୍ଲକ ସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଅଛି । ବିଦ୍ୟାଳୟ ପରିସରରେ ଆୟୋଜିତ ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ-୨୦୨୫ରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସରକାରଙ୍କ ମାନ୍ୟବର ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଦେଶର ଆଗାମୀ ଭବିଷ୍ୟତମାନଙ୍କୁ ସମ୍ବୋଧିତ କରି କହିଛନ୍ତି ଯେ ଦୈନନ୍ଦିନ ଜୀବନର ପ୍ରତିଟି କ୍ଷେତ୍ରରେ ଆମେ ସମସ୍ତେ ବିଜ୍ଞାନକୁ ବ୍ୟବହାର କରୁଛୁ । ଆଜି ମହାକାଶ ବିଜ୍ଞାନରେ ଭାରତ ବିଶ୍ୱର ବିକଶିତ ଦେଶ ଗୁଡିକ ସହିତ ସମକକ୍ଷ ହୋଇପାରିଛି । ଆମେ କେବଳ 'ଜୟ ବିଜ୍ଞାନ'ରେ ସୀମିତ ନାହୁଁ, 'ଜୟ ଅନୁସନ୍ଧାନ' ଦିଗରେ ଆଗକୁ ଅଗ୍ରସର ହେଉଛୁ । ସରକାର ରାଜ୍ୟରେ ଜାତୀୟ ଶିକ୍ଷାନୀତି ଲାଗୁକରି ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ପ୍ରୟାସ କରିବା ସହ ବୈଜ୍ଞାନିକ ଜ୍ଞାନକୌଶଳ, ସୃଜନଶୀଳତା ଏବଂ ଗବେଷଣା ଉପରେ ଦୃଷ୍ଟି ଦେଉଛନ୍ତି । ଆଗାମୀ ଦିନରେ ଆମର ଛାତ୍ରଛାତ୍ରୀ ମାନେ ବିକଶିତ ଓଡିଶାର କର୍ଣ୍ଣଧାର ସାଜିବେ ବୋଲି ମାନ୍ୟବର ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଆଶାବ୍ୟକ୍ତ କରିଥିଲେ । ଏହି ଅବସରରେ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ପ୍ରତିଯୋଗିତାରେ ବିଜ୍ଞ ବିଚାରକ ମଣ୍ଡଳୀ ମାନଙ୍କୁ ମାନ୍ୟବର ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସମ୍ବର୍ଦ୍ଧିତ କରିଥିଲେ । ଏହାର ଉଦ୍ଘାଟନୀ ସଭାରେ ସମ୍ମାନୀତ ଅତିଥି ଭାବରେ ଡି.ଇ.ଓ- ସୋନାମିକା ରାୟ, ଚିଲିକା ପଂଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ଜ୍ୟୋତ୍ସ୍ନା ରାଣୀ ବେହେରା, ବି.ଡି.ଓ. ସୁଶ୍ରୀ ପୁନମ୍ ମହାପାତ୍ର, ବୈଜ୍ଞାନିକ ସରୋଜ କୁମାର ମହାନ୍ତି ଯୋଗଦାନ କରିଥିଲେ । ଚିଲିକା ବ୍ଲକ ଶିକ୍ଷା ଅଧିକାରୀ ଦ୍ୱାରିକାନାଥ ବେହେରା ଉକ୍ତ ସଭାରେ ଅଧ୍ୟକ୍ଷତା କରିଥିବାବେଳେ ବି.ଇ.ଓ ନିଳାଦ୍ରିଭୂଷଣ ହରିଚନ୍ଦନ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପଂଚସଖା ଶିକ୍ଷା ସେତୁ କମିଟି ସଭାପତି ଦେବରାଜ ବିଶ୍ୱାଳ, କୈଳାସ ବରାଳ, କୃଷ୍ଣଚନ୍ଦ୍ର ମାର୍ଥା, ଦାମୋଦର ସ୍ୱାଇଁ, ସୁକାନ୍ତ ସ୍ୱାଇଁ, ବାବୁଲି ପାଢକରାୟ, ଅଶୋକ କୁମାର ପାଢକରାୟ, ଅଖିଳ କୁମାର ପଲେଇ ଓ ବହୁ ବୁଦ୍ଧିଜୀବି ଉପସ୍ଥିତ ଥିଲେ । ଅନ୍ୟତମ ଏ.ବି.ଇ.ଓ ଗଗନ ବିହାରୀ ବେହେରାଙ୍କ ସମେତ ସମସ୍ତ ସି ଆର.ସି .ସି, ଉକ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ବ୍ଲକର ଶିକ୍ଷକ ଶିକ୍ଷୟିତ୍ରୀ ଏହାକୁ ସଫଳ କରିବାରେ ସହଯୋଗ ପ୍ରଦାନ କରିଥିଲେ । ଏଥିରେ ବାଲ ବୈଜ୍ଞାନିକ ବିଜ୍ଞାନମେଳାରେ ୧୦୮ଟି ପ୍ରକଳ୍ପ ଓ ରାଷ୍ଟ୍ରିୟ ଆବିଷ୍କାର ଅଭିଯାନରେ ବିଜ୍ଞାନ ମେଳାରେ ୩୬ ଟି ପ୍ରକଳ୍ପ କୁନି କୁନି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା । ଉଦଯାପନ ଉତ୍ସବରେ ଚିଲିକା ବ୍ଲକ ପୂର୍ବତନ ବିଧାୟକ ଡଃ ବିଭୂତି ଭୂଷଣ ହରିଚନ୍ଦନ ମୁଖ୍ୟ ଅତିଥି ,ଅବସର ପ୍ରାପ୍ତ ଅଧ୍ୟକ୍ଷ ବିଜୟ କୁମାର ନନ୍ଦ ମୁଖ୍ୟବକ୍ତା, ଚିଲିକା ବି.ଇ.ଓ ଦ୍ୱାରିକାନାଥ ବେହେରା ସଭାପତି ଓ ସମ୍ମାନିତ ଅତିଥି ଭାବରେ ବିଜୟ କୁମାର ପାତ୍ର, ନିଳାଦ୍ରୀ ଭୂଷଣ ଦାଶ ବି.ଆର.ସି .ସି, ଗଗନ ବିହାରୀ ବେହେରା ଏ.ବି.ଇ.ଓ, ବିଜ୍ଞାନ ମେଳା ସଂଯୋଜକ ଗୋପୀନାଥ ପ୍ରଧାନ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥିଲେ । ପରିଶେଷରେ ଉପସ୍ଥାପକ ଗୋପୀନାଥ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

କୁକୁଡ଼ାଖଣ୍ଡିରେ ପଂଚାୟତ ସ୍ତରୀୟ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ

କୁକୁଡାଖଣ୍ଡି, ୨୪/୧୧ (ଆ.ପ୍ର) : କୁକୁଡାଖଣ୍ଡି ବ୍ଲକର କୁକୁଡାଖଣ୍ଡି ପଂଚାୟତ କାର୍ଯ୍ୟାଳୟରେ ପଂଚାୟତ ସ୍ତରୀୟ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମଟି ସରପଂଚ ଶ୍ରୀମତୀ ବନ୍ଦନା ସେଠୀଙ୍କ ସଂଯୋଜନାରେ ହୋଇଥିବା ବେଳେ ବ୍ଲକ ବିଡ଼ିଓ ବାଇଦ୍ରରେ ଥିବା ପ୍ରୋବେସନାରୀ ଆଇଏଏସ୍ ଅଫିସର ମୃଣାଳିକା ରାଠୋର, ବିଏମସି କମିଶନର ପ୍ରଥମେଶ ଅରବିନ୍ଦ ରଜେଶିର୍କେ, ସହକାରୀ ଯନ୍ତ୍ରୀ ଅନୁରାଗ ରଥ, ଅତିରିକ୍ତ ତହସିଲଦାର ସ୍ୱାଗତିକା ରଥ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ମହାପାତ୍ର, କନିଷ୍ଠ ଯନ୍ତ୍ରୀ ସଞ୍ଜୟ ସୁବୁଦ୍ଧି, ଜଳସେଚନ ବିଭାଗ ଅଧିକାରୀ ଅରୁଣ ପଟ୍ଟନାୟକ, ଆର୍ ଆଇ ବଳରାମ ପାତ୍ରୀ, ସମିତି ସଭ୍ୟ ଅଶୋକ ଦାସଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହିଥିଲେ । ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ଗ୍ରାମବାସୀ ମାନେ ନିଜ ଅସୁବିଧା ଓ ସମସ୍ୟାଗୁଡ଼ିକ ପ୍ରଶାସନ ସମ୍ମୁଖରେ ଲିଖିତ ଅଭିଯୋଗ କରିଥିଲେ । ଏଥିରେ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଅଭିଯୋଗ ଶୁଣାଣୀ ହୋଇଥିବା ବେଳେ ଘଟଣା ସ୍ଥଳରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଅଭିଯୋଗ ସମାଧାନ ହୋଇଥିବା ବେଳେ ଅନ୍ୟ ଅଭିଯୋଗ ଗୁଡ଼ିକୁ ଖୁବ୍ ଶୀଘ୍ର ଯାଂଚ କରି ପଦକ୍ଷେପ ନିଆଯିବ ବୋଲି ଆଇଏଏସ୍ ଅଫିସର ମୃଣାଳିକା ରାଠୋର କହିଥିଲେ । ଗ୍ରାମବାସୀ ମାନଙ୍କର ମୁଖ୍ୟ ଅଭିଯୋଗଗୁଡ଼ିକ ମଧ୍ୟରୁ ରାସନ୍ କାର୍ଡ, ବୃଦ୍ଧାଭତା, ଦିବ୍ୟାଙ୍ଗ ଭତା, ଆବାସ ଯୋଜନା, ସୁଭଦ୍ରା ଯୋଜନା, ଘରବାରି ପଟ୍ଟା ସହ ଅନ୍ୟ ସମସ୍ୟା ରହିଛି । ଅଧିକାରୀମାନେ ଗ୍ରାମବାସୀଙ୍କୁ ଆଶ୍ୱାସନ ଦେଇଥିଲେ ଯେ ଯେଉଁ ଅଭିଯୋଗ ଯାଂଚସାଧ, ସେଗୁଡ଼ିକୁ ତୁରନ୍ତ ସମାଧାନ କରାଯିବ ଓ ଯେଉଁ ଅଭିଯୋଗ ଜିଲ୍ଲା ସ୍ତରୀୟ ଅନୁମୋଦନ ଆବଶ୍ୟକ, ସେଗୁଡ଼ିକୁ ଉଚ୍ଚସ୍ତରକୁ ପଠାଯିବ ।ସରପଂଚ ଶ୍ରୀମତୀ ସେଠୀ କହିଥିଲେ ଯେ ଏହି ଶୁଣାଣୀ ମାଧ୍ୟମରେ ଗ୍ରାମ ସ୍ତରୀୟ ଜନତାଙ୍କ ଅସୁବିଧା ସିଧାସଳଖ ପ୍ରଶାସନ ନିକଟରେ ପହଂଚିପାରୁଛି ଓ ଗ୍ରାମର ଉନ୍ନତିରେ ଏହା ଏକ ସକାରାତ୍ମକ ପଦକ୍ଷେପ ଅଟେ । ଶେଷରେ ବିଡିଓ ରାଠୋର ଅଭିଯୋଗ ଶୁଣାଣୀ ପ୍ରକ୍ରିୟାକୁ ନିୟମିତ ଭାବରେ ଜାରି ରଖିବା ସହ ଲୋକମାନଙ୍କ ଆଶା ଅନୁଯାୟୀ ସେବା ଯୋଗାଇବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଗଣିତ ବିଭାଗରେ ଜାତୀୟ ପାଠଚକ୍ର

ଖଲ୍ଲିକୋଟ, ୨୪/୧୧ (ଆ.ପ୍ର) : ଖଲ୍ଲିକୋଟ ଏକକ ବିଶ୍ୱିଦ୍ୟାଳୟ ଗଣିତ ବିଭାଗ ପକ୍ଷରୁ ଏକ ଦିବସୀୟ ଜାତୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ମୁଖ୍ୟ ତଥା ସ୍ନାତକୋତର ପରିଷଦ ସମୂହ ଅଧ୍ୟକ୍ଷ ଡକ୍ଟର ମନୋଜ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପାଠଚକ୍ରରେ ମୁଖ୍ୟ ଅତିଥି ରୂପେ ଜାତୀୟ ବୈଷୟିକ ଅନୁଷ୍ଠାନ (NIT)ର ବରିଷ୍ଠ ପ୍ରାଧ୍ୟାପକ ଡକ୍ଟର ଦେବାଶିଷ ମିଶ୍ର , ମୁଖ୍ୟ ବକ୍ତା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡକ୍ଟର ପବିତ୍ର କୁମାର ଜେନା, ସମ୍ମାନିତ ଅତିଥି ରୂପେ କୁଳସଚିବ ଶ୍ରୀମତୀ ପାର୍ବତୀ ମଞ୍ଜରୀ ମହାଲିକ ଓ ଛାତ୍ରକଲ୍ୟାଣ ଅଧିକାରୀ ଡକ୍ଟର ଭକ୍ତରାଣୀ ରଥ ପ୍ରମୁଖ ମଂଚାସୀନ ଥିଲେ । ଅଧ୍ୟକ୍ଷ ନିଜ ବକ୍ତବ୍ୟ ରେ ବିପରୀତ ଶାସ୍ତ୍ର (inverse theory) ଆଜି କେମିତି ରାଷ୍ଟ୍ର ଭିତରେ ସୁଉପଯୋଗ ହୋଇପାରିବ ତାହାରି ଉପରେ ଆଲୋକପାତ କରିଥିଲେ । କୁଳସଚିବ ଓ ଛାତ୍ର କଲ୍ୟାଣ ଅଧିକାରୀ ପ୍ରମୁଖ ଯୋଗ ଦେଇ କର୍ମଶାଳା କିପରି ଛାତ୍ରଛାତ୍ରୀଙ୍କ ଶିକ୍ଷାର ଅଭିବୃଦ୍ଧି ସହ ସେମାନଙ୍କ ଭବିଷ୍ୟତ କଲ୍ୟାଣମୟ କରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ଡକ୍ଟର ମିଶ୍ର ବିପରୀତ ଶାସ୍ତ୍ର ଓ ତାର ପ୍ରୟୋଗ ଉପରେ ନିଜର ଦୃଢ଼ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ସମସ୍ତ ଜିନିଷ ର ପୁନଃ ବ୍ୟବହାର ଗାଣିତିକ ମାଧ୍ୟମ ରେ କିପରି ହୋଇପାରିବ ପ୍ରୟୋଗାତ୍ମକ ମାଧ୍ୟମରେ ପ୍ରତିପାଦିତ କରିଥିଲେ । ମୁଖ୍ୟବକ୍ତା ଡକ୍ଟର ଜେନା ଗଣିତ କିପରି ପ୍ରତ୍ୟେକ କ୍ଷେତ୍ରରେ ବିପରୀତ ଜ୍ଞାନ କୌଶଳ କୁ ପ୍ରୟୋଗ କରି ପୁଣି ସେହି ଜିନିଷର କାର୍ଯ୍ୟକାରୀ ରାଷ୍ଟ୍ର ଭିତରେ ହୋଇପାରିବ ତାହାରି ଉପରେ ନିଜର ବକ୍ତବ୍ୟ ରଖିଥିଲେ । ଅଧ୍ୟାପକ ଅଶୋକ ମୁଦୁଲି ସଭା କାର୍ଯ୍ୟ ପରିଚାଳନା ସହିତ ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ । ଅଧ୍ୟାପକ ଚିନ୍ମୟ ରାଉତଙ୍କ ସମେତ ଶ୍ରୀଯୁକ୍ତ ଜଗନ୍ନାଥ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହି ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ । ଏହି ପାଠଚକ୍ରରେ ଛାତ୍ରଛାତ୍ରୀ ପ୍ରତିନିଧି ମାନସୀ ସ୍ୱାଇଁ , ଲୁନ୍ଦନ କୁମାର ବାଗ, ସମୀର କୁମାର ସାହୁ, କୁନୁ ପଣ୍ଡା, ବିଶ୍ୱଜିତ ପାତ୍ରୀ, ଲିପ୍ସିତା ବେହେରା,ସ୍ୱାତୀ ସମ୍ପ୍ରତି ତ୍ରିପାଠୀ, ସଞ୍ଜିତ ଶତ୍ରୁସଲ୍ୟ, ରଶ୍ମି ଜେନା, ବର୍ଷା ରାଣୀ ବେହେରା ସହିତ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

ନାରାୟଣ ଛକ ପ୍ରିମିୟର ଲିଗ ଉଦଯାପିତ

ଯାଜପୁର, ୨୪/୧୧ (ଆ.ପ୍ର) : ଯାଜପୁର ସହରର କୁସୁମୀ ନିକଟସ୍ଥ ମିନିଷ୍ଟାଡିୟମରେ ନାରାୟଣ ଛକ ପ୍ରିମିୟର ଲିଗ ମହା ସମାରୋହରେ ଏକ ବର୍ଣ୍ଣାଢ ପରିବେଶ ମଧ୍ୟରେ ଉଦଯାପିତ ହୋଇଯାଇଛି । ଏହି ଉଦଯାପନୀ ଉତ୍ସବରେ ଆଖଣ୍ଡଳମଣି ଜୁଏଲର୍ସର ସତ୍ୱାଧିକାରୀ ସୁଶାନ୍ତ କୁମାର ନାଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଟୁର୍ଣ୍ଣାମେଂଟରେ ମୋଟ ୧୬ ଦଳ ଅଂଶ ଗ୍ରହଣ କରିଥିଲେ ପ୍ରତ୍ୟେକ ମ୍ୟାଚ ୬ ଓଭର ବିଶିଷ୍ଟ ଖେଳାଯାଇ ଥିଲା । ଦୁଇ ଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଂଟରେ ସହରର ବଛା ବଛା ଦଳ ଅଂଶଗ୍ରହଣ କରିଥିଲେ ଏଥିରେ ଦୁଇ ଦଳ ତଥା ଶ୍ରୀଗଣେଶ ଚାଲେଞ୍ଜର୍ସ ଏବଂ ଏମ ଟି ସିସି ଫାଇନାଲ ମ୍ୟାଚ କୁ ଉଠୀଜ ହୋଇଥିଲେ । ଫାଇନାଲ ମ୍ୟାଚ ରେ ଶ୍ରୀଗଣେଶ ଚାଲେଞ୍ଜର୍ସ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତି ନେଇ ନିର୍ଦ୍ଧାରିତ ୫ ଓଭରରେ ୨୬ ରନ ସଂଗ୍ରହ କରିଥିଲା ଏହାର ଜବାବରେ ଏମଟି ସିସି ୨୧ ରନ କରି ପରାଜୟ ହୋଇଥିଲା । ବିଜେତା ଦଳକୁ ନାରାୟଣ ଛକ ଶ୍ୟାମପୂଜା କମିଟିର କର୍ମ କର୍ତା ମାନେ ନଗଦ ୧୦,୦୦୦ଟଙ୍କା ଟ୍ରଫି ଏବଂ ରନର ଦଳକୁ ଆଖଣ୍ଡଳମଣି ଜୁଏଲର୍ସର ସତ୍ୱାଧିକାରୀ ସୁଶାନ୍ତ କୁମାର ନାଥ ୬୬୬୬ ଟଙ୍କା ଏବଂ ଟ୍ରଫି ପ୍ରଦାନ କରିଥିଲେ । ଏହା ସହ ଫାଇନାଲ ମ୍ୟାଚ ରେ ମ୍ୟାନ ଅଫ ଦୀ ମ୍ୟାଚଭାବେ ଶ୍ରୀଗଣେଶ ଟିମର ବାଇଁ ଏବଂ ମ୍ୟାନ ଅଫ ଦି ସିରିସ ଭାବେ ଟିକୁଙ୍କ ଟ୍ରଫିପ୍ରଦାନ କରାଯାଇ ଥିଲା ।ଏହି ମ୍ୟାଚ ଟିକୁ ଓସିଏ ଅମ୍ପିଆର ଲଲାଟ ନନ୍ଦ, ସାରଦା ମହାପାତ୍ର, ସତ୍ୟବ୍ରତ ଜେନା ଏବଂ ସ୍କୋରର ଭାବେ ଏସକେ ଇମ୍ରାନ ଭାବେ ଦାଇତ୍ୱ ତୁଲାଇ ଥିଲେ । ଏବଂ ମ୍ୟାଚ ପରିଚାଳନା ରେ ସର୍ବଶ୍ରୀ ସମର୍ଜିତ ସାହୁ, ଶିବନ କର, ବେଦାନ୍ତ ମିଶ୍ର, ଦେବାଶିଷ ମିଶ୍ର, ଇନ୍ଦ୍ରଜିତ ମିଶ୍ର, ବିରଂଚି ନାରାୟଣ କର, ଶୀତେଶ ମିଶ୍ର, ବିରଂଚି ନାରାୟଣ ମିଶ୍ର, ଜଗନ୍ନାଥ ମିଶ୍ର,ସତ୍ୟରଞ୍ଜନ ମିଶ୍ର, ଦେବାଶିଷ ମହାନ୍ତି, ଆଶିଷ ମହାନ୍ତି, ସୁମନ୍ତ କର. ରାକେଶ ମିଶ୍ର, ରୁଦ୍ରପ୍ରସାଦ ସାମନ୍ତ, ଦେବେନ୍ଦ୍ର ବେହେରା ପ୍ରମୁଖ ମ୍ୟାଚ ପରିଚାଳନରେ ମୁଖ୍ୟ ସହଯୋଗ କରିଥିଲେ ।

ଦଶପଲ୍ଲା ଏନ୍ଏସିର ୨୩ତମ ସାଧାରଣ ବୈଠକ ଅନୁଷ୍ଠିତ

ଦଶପଲ୍ଲା, ୨୪/୧୧ (ଆ.ପ୍ର) : ବିଜ୍ଞାପିତ ଅଂଚଳ ପରିଷଦ(ଏନ୍ଏସି)ର ୨୩ତମ ସାଧାରଣ ବୈଠକ ନୂତନ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ବହୁ ବାଦବିବାଦ ପରେ ଆଜି ଏନଏସିର ନୂତନ ସଭା ଗୃହରେ ବୈଠକ ହୋଇଥିବାରୁ ସମସ୍ତେ ଖୁସି ବ୍ୟକ୍ତ କରିଥିଲେ । ବୈଠକରେ ମୁଖ୍ୟ ଅତିଥି ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗ ଦେଇଥିବା ବେଳେ ପ୍ରବର୍ତ୍ତମାନ କନ୍ଧମାଳ ସାଂସଦଙ୍କ ଏନଏସି ପ୍ରତିନିଧି ଅଞ୍ଜନ ଦାସ ବିଶେଷ ଅତିଥି ଭାବେ ଉପସ୍ଥିତ ରହି କାଉନସିଲର କାର୍ଯ୍ୟପ୍ରଣାଳୀ ଓ ନଗର ଉନ୍ନତି ସମ୍ପର୍କରେ ମତାମତ ରଖିଥିଲେ । ବୈଠକରେ ସମସ୍ତ କାଉନସିଲର ଓ କର୍ମଚାରୀବୃନ୍ଦ ଉପସ୍ଥିତ ଥିବାବେଳେ ନଗରର ପରିଷ୍କାର-ପରିଚ୍ଛନ୍ନ, ପାଣି ଯୋଗାଣ, ରାସ୍ତା-ଘାଟ ଉନ୍ନତି, ଆଲୋକ ବ୍ୟବସ୍ଥା, ଡ୍ରେନେଜ୍ ପ୍ରଣାଳୀ ଓ ଆବଶ୍ୟକ ଭିତିଭୂମି ଗଠନ ସମ୍ପର୍କରେ ବ୍ୟାପକ ଆଲୋଚନା ହୋଇଥିଲା । ମୁଖ୍ୟ ଅତିଥି ବିଧାୟକ ରମେଶ ବେହେରା ନଗରର ସମଗ୍ର ଉନ୍ନତି ପାଇଁ ସଂଯୁକ୍ତ ପ୍ରୟାସର ଆବଶ୍ୟକତା ଉଲ୍ଲେଖ କରିଥିଲେ । ସାଂସଦ ପ୍ରତିନିଧି ଅଞ୍ଜନ ଦାସ ମଧ୍ୟ କେନ୍ଦ୍ର ସରକାରୀ ଯୋଜନାଗୁଡ଼ିକ ନଗରୀୟ ଅଂଚଳରେ କିପରି ଫଳଦାୟକ ଭାବରେ ପ୍ରୟୋଗ ହୋଇପାରିବ ତାହା ଉପରେ ମତ ରଖିଥିଲେ । କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ଅମିନ ଏବଂ ଆଇନଗତ ଓକିଲ ରହିବା ବ୍ୟବସ୍ଥା କରିବା ପାଇଁ ଉପାଧ୍ୟକ୍ଷ କିଶୋର ଚନ୍ଦ୍ର ଦାଶ ବୈଠକରେ ଉପସ୍ଥାପନା କରିଥିଲେ । ଏଥିରେ ସମସ୍ତ କାଉନସିଲର ବର୍ଗ ସମର୍ଥନ ଜଣାଇଥିଲେ । ଏନ୍ଏସି ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶିନୀଙ୍କ ନେତୃତ୍ୱରେ ହୋଇଥିବା ସଭା ସମନ୍ୱୟମୂଳକ ଆଲୋଚନା ହୋଇଥିଲା । ପୂର୍ବ ବୈଠକର କାମକୁ ନେଇ ସମସ୍ତ କାଉନସିଲର ଭାଇ-ଭଉଣୀ ମାନେ କ୍ଷୋଭ ପ୍ରକାଶ କରିଥିଲେ ।ଏଥିସହିତ ନୂଆ ପ୍ରସ୍ତାବଗୁଡ଼ିକର ଗ୍ରହଣ ଓ ନଗର ଉନ୍ନତି ପାଇଁ ଆଗାମୀରେ ଜରୁରୀ ବୈଠକ ହେବ ବୋଲି ଅଧ୍ୟକ୍ଷା ଙ୍କ ସହିତ କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି ବୈଠକରେ କହିଥିଲେ । ଶାନ୍ତି ଶୃଙ୍ଖଳାରେ ବୈଠକ ସମାପ୍ତ ହୋଇଥିଲା ।

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ପଦ୍ମୁଆ ଗ୍ରାମ ପଂଚାୟତରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାସୁଦେବପୁର, ୨୪/୧୧ (ଆ.ପ୍ର) : ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ପଦ୍ମୁଆ ଗ୍ରାମ ପଂଚାୟତର ବିଭିନ୍ନ ଅଂଚଳରେ ଓ ଚନ୍ଦନ ପୋଖରୀ ଚାରି ପାଖରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଏକତାର ଆଦର୍ଶ, ଜାତି ଗଠନରେ ତାଙ୍କର ଅବଦାନ ଓ ଯୁବପିଢ଼ୀ ପାଇଁ ତାଙ୍କ ପ୍ରେରଣାଦାୟକ । ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତି ଅବସରରେ ଚକ୍ରତୀର୍ଥ ଇରମ ମଣ୍ଡଳରେ ବିଜେପି ଦଳର ମଣ୍ଡଳ ସଭାପତି ବିଜୟ କୁମାର ମାଝୀଙ୍କ ନେତୃତ୍ୱରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ଯୋଗଦାନ କରିଥିଲେ ଚକ୍ରତୀର୍ଥ ଇରମ ମଣ୍ଡଳର ସଭାପତି ବିଜୟ କୁମାର ମାଝୀ, କମଳାକାନ୍ତ ଦାସ, ପ୍ରଦିପ ଦାସ, କୁବେର ଦାସ, ପ୍ରଫୁଲ୍ଲ ଦାସ, ଅମିତାଭ ମଲିକ, ପ୍ରଶାନ୍ତ ନାୟକଙ୍କ ସମେତ ବିଜେପି ଦଳ କର୍ମୀ କର୍ତା ମାନେ ଉପସ୍ଥିତ ଥିଲେ ।

ଅଧିକାରୀ ମାନେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ସେବା, ସମାଧାନ ଓ ସଚେତନତା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରନ୍ତୁ : ଜିଲ୍ଲାପାଳ ଶ୍ରୀ ରତୁରାଜ

ଟାଙ୍ଗି/ବାଣପୁର, ୨୪/୧୧(ଆ.ପ୍ର): ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ ନୀଳାଦ୍ରି ପ୍ରସାଦ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀ ବିବେକାନନ୍ଦ ଶର୍ମାଙ୍କ ପଲ୍ଲୀରେ ପ୍ରଶାସନିକ ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲାପାଳ ଶ୍ରୀ ଋତୁରାଜ କହିଲେ ଯେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାଦ୍ୱାରା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାର ସୁଫଳ ହିତାଧିକାରୀ ମାନଙ୍କୁ ବହୁ ମାତ୍ରାରେ ଉପଲବ୍ଧ ହେଉଛି । ଏଣୁ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ତଥା ପଂଚାୟତ ବା ପଲ୍ଲୀରେ ପ୍ରଶାସନିକ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମକୁ ଅଧିକାରୀ ମାନେ ସେବା, ସମାଧାନ ଓ ସଚେତନତା କୁ ତ୍ୱରାନ୍ୱିତ କରି ନିଷ୍ଠାପର ସେବା ପ୍ରଦାନ କଲେ ଖୋର୍ଦ୍ଧା ଜିଲ୍ଲା ବିକାଶ ପଥରେ ଆଗେଇ ଯିବ ବୋଲି ପ୍ରକାଶ କରିଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମତେ ବ୍ଲକ୍ ଓ ପଂଚାୟତ ମାନଙ୍କରେ ଜନଶୁଣାଣି ଶିବିରରେ ପ୍ରତ୍ୟେକ ଯୋଜନାର ହିତାଧିକାରୀ ମାନଙ୍କୁ ଯଥା ସୁକନ୍ୟା ସମୃଦ୍ଧି ଯୋଜନା ଠାରୁ ନେଇ, ସ୍ୱାସ୍ଥ୍ୟ, ପଶୁ ସମ୍ପଦ, କୃଷି ଓ ଆନୁସଙ୍ଗିକ କୃଷି , ଓଡ଼ିଶା ଜୀବିକା ମିଶନ, ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା, ଆୟୁଷ୍ମାନ ଭାରତ ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଅଟଳ ପେନସନ ଯୋଜନା, ବସୁନ୍ଧରା, ରାଜସ୍ୱ ବିଭାଗ ଅଧୀନ ବିଭିନ୍ନ ସାର୍ଟିଫିକେଟ, ପ୍ରତ୍ୟେକ ପଂଚାୟତ ଓ ଗ୍ରାମ୍ୟ ସ୍ତରୀୟ କାର୍ଯ୍ୟାଳୟ ଗୃହ ନିର୍ମାଣ ଜମି ସମସ୍ୟା, ଦକ୍ଷତା ବିକାଶ, ମତ୍ସ୍ୟ ଚାଷ, ଅଣୁ କ୍ଷୁଦ୍ର ମଧ୍ୟମ ଶିଳ୍ପ ଉଦ୍ୟୋଗ, ସୁଷମ ବଂଟନ, ଶିଶୁ ଓ ମାତୃ ଯତ୍ନ, ଭିଏଚ୍ଏନ୍ଡି ଯୋଜନା, ପିଏମ ସୂର୍ଯ୍ୟ ଘର, ମାଟି ସ୍ୱାସ୍ଥ୍ୟ କାର୍ଡ, ପି ଏମ କିଶାନ ଓ ସି ଏମ କିଶାନ୍ ଯୋଜନା, ପ୍ରଧାନ ମନ୍ତ୍ରୀ ମୁଦ୍ରା ଓ ପ୍ରଧାନ ମନ୍ତ୍ରୀ ବିଶ୍ୱକର୍ମା ଯୋଜନା, ରେଡ୍ କ୍ରସ ଓ ମୁଖ୍ୟ ମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ଆଦି ଅଗ୍ରଣୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ସିଧା ପଲ୍ଲୀ ବାସିନ୍ଦାର ପ୍ରକୃତ ହିତାଧିକାରୀ ମାନଙ୍କୁ ଯୋଗାଇ ଦେବାପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । ସମସ୍ତ ଅଧିକାରୀ ମାନେ ଜନସାଧାରଣଙ୍କ ନିକଟତର ହୋଇ ସେମାନଙ୍କ ସମସ୍ୟା, ଆପତି ଏବଂ ଅଭିଯୋଗ ଗୁଡ଼ିକର ସରକାର ଓ ପ୍ରଶାସନର ନୀୟମାନୁସାରେ ସମାଧାନ କରି ଜନସାଧାରଣଙ୍କ ଆସ୍ଥା ଭାଜନ ହେବାକୁ ଜିଲ୍ଲାପାଳ ଶ୍ରୀ ଋତୁରାଜ ଗୁରୁତ୍ୱାରୋପ କରିଥିଲେ । ଆଜିର ଅଭିଯୋଗ ଶୁଣାଣିରେ ମୋଟ ୭୮ ଗୋଟି ଅଭିଯୋଗ ଆସିଥିବା ବେଳେ, ବ୍ୟକ୍ତି ଗତ ୬୫ ଗୋଟି ଓ ଗ୍ରାମୀଣ ସମସ୍ୟା ଜନିତ ୧୩ ଗୋଟି ଅଭିଯୋଗ ଥିଲା । ଜିଲ୍ଲାପାଳ ଅଭିଯୋଗ ସ୍ଥଳରେ ୦୩ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ । ଜନଶୁଣାଣି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଶ୍ରୀ ଜ୍ୟୋତି ଶଙ୍କର ସାହୁ, ଉପ ଜିଲ୍ଲାପାଳ ଶ୍ରୀ କିଶୋର କୁମାର ପଣ୍ଡା , ଜିଲ୍ଲାମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ଆସିଷ୍ଟାଂଟ କଲେକ୍ଟର, ଭୁବନେଶ୍ୱର କର୍ପୋରେ, ସଂପୃକ୍ତ ବ୍ଲକର ବି ଡି ଓ ଏବଂ ତହସିଲଦାର ପ୍ରମୁଖ ଜନ ଅଭିଯୋଗ ଶୁଣାଣିରେ ସହଯୋଗ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରୁ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଶ୍ରୀ ଜ୍ଞାନେନ୍ଦ୍ରିୟ ମିଶ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ଡ଼ଃ ଗୀତାଂଶୁ ଦାଶ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଦିଲ୍ଲୀପ ହିଆଲ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରବି ନାରାୟଣ ସେନାପତି ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଲାଇନ ଡିପାର୍ଟମେଂଟ ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀ ମାନେ ଯୋଗ ଦେଇଥିଲେ ।

ଅନ୍ତର୍ଜାତୀୟ ଲିଙ୍ଗଭିତିକ ଏବଂ ମହିଳା ବିରୋଧୀ ହିଂସା ନିବାରଣ ପକ୍ଷ ପାଳନର ଜିଲ୍ଲାସ୍ତରୀୟ ଉଦଘାଟନ

ନବରଙ୍ଗପୁର, ୨୪/୧୧ (ଆ.ପ୍ର) : ଡାବୁଗାଁ ବ୍ଲକର ମିଶନ ଶକ୍ତି ସମ୍ମିଳନୀଗୃହ ଠାରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଏବଂ ୱାନ ଷ୍ଟପ ସେଂଟର୍ (ଶକ୍ତି ସମ୍ବଲ) ମିଳିତ ଭାବରେ ୧୬ଦିନିଆ କାର୍ଯ୍ୟକ୍ରମର ଜିଲ୍ଲା ସ୍ତରୀୟ ଉଦ୍ଘାଟନ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କଂହର ସ୍ୱାଗତ ସମ୍ଭାଷଣ ଦେବା ସହ ୧୬ ଦିନିଆ କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବିଷୟରେ ବିବରଣୀ ପ୍ରଦାନ କରିଥିଲେ । ସଖୀ କେନ୍ଦ୍ରର କେନ୍ଦ୍ର ପରିଚାଳିକା ରଂଜିତା ସାହୁ ଲୋକ କଲ୍ୟାଣ ପୋର୍ଟାଲ ଦ୍ୱାରା ପଞ୍ଜିକୃତ ହୋଇଥିବା ଆଇ ଏସ ଆର ଡି ୱାନ ଷ୍ଟପ ସେଂଟର ନବରଙ୍ଗପୁର ରେ ଚଳିତ ବର୍ଷ ୧୬ ଦିନ କାର୍ଯ୍ୟକ୍ରମ କରିବାକୁ ଯାଉଛି ବୋଲି କହିଥିଲେ ଏବଂ ୧୬ଦିନର ପ୍ରତ୍ୟେକ କାର୍ଯ୍ୟକ୍ରମ ଥିମ ଅନୁସାରେ କେଉଁ ଦିନ କେଉଁ କାର୍ଯ୍ୟକ୍ରମ ରହିଛି ଏବଂ ଏହା ଦ୍ୱାରା କିପରି ମହିଳା ଏବଂ ବାଳିକା ମାନେ କିପରି ଉପକୃତ ହେବେ ବିଭାଗୀୟ ଅଧିକାରୀଙ୍କ ମିଳିତ ଆନୁକୂଲ୍ୟରେ ସମ୍ପାଦନ କରିବାକୁ ଅନୁରୋଧ କରିଥିଲେ । କାର୍ଯ୍ୟକ୍ରମ ରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ବାଳିକା ଏବଂ ମହିଳା ମାନଙ୍କ ପ୍ରତି ଘଟି ଆସିଥିବା ବିଭିନ୍ନ ପ୍ରକାର ହିଂସା ଦୂରୀକରଣ ନିମନ୍ତେ ଏହା ଏକ ସ୍ୱାଗତଯୋଗ୍ୟ କାର୍ଯ୍ୟକ୍ରମ ଏବଂ ଏହା ମାଧ୍ୟମରେ କେବଳ ନାରୀ ନୁହେଁ ପୁରୁଷ ମାନଙ୍କୁ ବିଶେଷ ରୂପେ ସଚେତନ କରାଯାଉ ବୋଲି କହିଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ଜିଲ୍ଲାପାଳ ଙ୍କ ସମେତ ଜିଲ୍ଲାର ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ରହିଥିଲେ । ଏଚ ଇ ଡବଲ୍ୟୁ ଜିଲ୍ଲା ସଂଯୋଜିକା, ସରିତା ପାଣି, ସସ୍ମିତା ପାତ୍ର, ପ୍ରୀତି ବାଘ, ସ୍ମରଣିକା ପଟ୍ଟନାୟକ ପରାମର୍ଶ ଦାତ୍ରୀ, ଜସ୍ମିନ ସିଂ କେସ ୱାର୍କର ସ୍ୱାସ୍ଥ୍ୟ କର୍ମୀ ଦାମିନୀ ବାଳା ନାୟକ, ଗୀତାଞ୍ଜଳି ପାଣିଗ୍ରାହୀ ଶକ୍ତି ସଦନ ପରିଚାଳିକା, ଦୁର୍ଲଭା ବେନିଆ, ରଶ୍ମିତା ଜାଲ, ଉପସ୍ଥିତ ହୋଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

ବାଲେଶ୍ୱର ଲୋକ ମହୋତ୍ସବର ଷଷ୍ଠ ସନ୍ଧ୍ୟା ମୁଖ୍ୟ ଆକର୍ଷଣ ଦେବଶ ପତି

ବାଲେଶ୍ୱର, ୨୪/୧୧ (ଆ.ପ୍ର) : ବାଲେଶ୍ୱର ଆଇଟିଆଇ ପଡିଆରେ ଆୟୋଜିତ ଲୋକ ମହୋତ୍ସବର ସୋମବାର ଷଷ୍ଠ ସନ୍ଧ୍ୟା ଥିଲା । ଷଷ୍ଠ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ସାଜିଥିଲେ ଦେବଶ ପତି । ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସାଙ୍ଗକୁ ଓଲିଉଡ କଣ୍ଠଶିଳ୍ପୀଙ୍କ ଗୀତ ଶୀତୁଆ ସଂଜର ମଜାକୁ ଦୁଇଗୁଣ କରିଦେଇଥିଲା । ଏହି ଅବସରରେ ଆୟୋଜିତ ସଭାରେ କାର୍ଯ୍ୟକାରୀ ସଭାପତି ଶ୍ରୀମାନ ଶ୍ରୀଚନ୍ଦନ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇଥିଲେ । ଅନ୍ୟତମ ଅତିଥି ଭାବେ ହରି ଉଦ୍ୟୋଗର ଅଧ୍ୟକ୍ଷ ସଂଗ୍ରାମ ଦାସ, ଓମଫେଡ୍ର ମାର୍କେଟିଂ ମୁଖ୍ୟ ଜ୍ୟୋତି ରଂଜନ ସ୍ୱାଇଁ, ସମ୍ବାଦ ଭତର ଓଡ଼ିଆ ବ୍ୟୁରୋ ମୁଖ୍ୟ ଚିତରଞ୍ଜନ ଚିରଞ୍ଜିବ ଉପସ୍ଥିତ ଥିଲେ । ସାଂସ୍କୃତିକ ସମ୍ପାଦକ ସୌମ୍ୟ ରଞ୍ଜନ ପାଣିଗ୍ରାହୀ ମଂଚ ଆହ୍ୱାନ କରିଥିବାବେଳେ ଅନ୍ୟ ମାନଙ୍କ ମଧ୍ୟରେ ଉପଦେଷ୍ଟା ବିଭୂପଦ ଦାସ, ଉପାଧ୍ୟକ୍ଷ ବିକାଶ ପାଢ଼ୀ, ଉପାଧ୍ୟକ୍ଷ ଶ୍ରୀମନ୍ତ ମାଝୀ, ସହ ସମ୍ପାଦକ ଦେବଜ୍ୟୋତୀ ଦାସ ମହାପାତ୍ର, କାର୍ଯ୍ୟକାରୀ ସଦସ୍ୟ ନିତ୍ୟାନନ୍ଦ ସେଠୀ, ଗୌରହରି ମଲ୍ଲିକ, ସିଦ୍ଧାର୍ଥ ଶଙ୍କର ପଣ୍ଡା, ସୌମ୍ୟ ରଞ୍ଜନ ଯାଦବ, ଅନୁପମ ମିଶ୍ର, ଅଭିନାଶ ନାୟକ ପ୍ରମୁଖ ମଂଚରେ ଉପସ୍ଥିତ ଥିଲେ । ଶିକ୍ଷାବିତ ଘନଶ୍ୟାମ ବିଶ୍ୱାଳ, ଦିବ୍ୟାଂଶୀ ଆଚାର୍ଯ୍ୟଙ୍କୁ ମଂଚରେ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ କୋଷାଧ୍ୟକ୍ଷ ନିଶିତ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ସଭାପତି ଆସିତ କୁମାର ଦାସ, ଉପସଭାପତି ସିମନ ଦାସ ମହାପାତ୍ର, ସାଧାରଣ ସମ୍ପାଦକ ସଞ୍ଜୟ ସାମନ୍ତ, ସୌଭାଗ୍ୟ ମାନସ ନାୟକ, ତାପସ ପାଣିଗ୍ରାହୀ, ସତ୍ୟପ୍ରକାଶ ପତି, ହ୍ରିତିକ୍ ନାୟକ, ସିଲାବ ସତ୍ୟକାମ, ରାଜେଶ ମହାକୁଡ଼, ଜିତେନ୍ଦ୍ର ମହାଳିକ, ଅନୁପମ ମିଶ୍ର, ସୁଶୀଲ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ସାହିତ୍ୟ ସର୍ବଦା ସଂଗୀତ ଆଉ ସଂସ୍କୃତି ସହିତ ଜଡ଼ିତ: କଣ୍ଠଶିଳ୍ପୀ ମାନସୀ ପାତ୍ର

ନୀଳଗିରି, ୨୪/୧୧ (ଆ.ପ୍ର) : ଅଦୃଶ୍ୟ ଓ ଅପାର୍ଥିବ ସତ୍ତା ହେଉଛି ଈଶ୍ୱରୀୟ ସତ୍ତା । ଆଦି ଭୌତିକ ସଙ୍ଗୀତ ଗୁଡ଼ିକରେ ଭକ୍ତିମୂଳକ ଗୀତ ନିହିତ ଥାଏ । ଶୂନ୍ୟବାଦୀ ଚେତନା, ବ୍ରହ୍ମବାଦୀ ଚେତନା ମହିମା ଚେତନା ସର୍ବଦା ନିର୍ଗୁଣ ତତ୍ତ୍ୱାଶ୍ରୟୀ ଶକ୍ତି ଅଟେ । ଭଜନ, ଜଣାଣ ଗୁଡ଼ିକ ସଗୁଣ ତତ୍ତ୍ୱାଶ୍ରୟୀ ଶକ୍ତି ଅଟେ । ଇନ୍ଦ୍ରିୟବୋଧରୁ ଅତିନ୍ଦ୍ରୀୟ ଚେତନାକୁ ଜାଣିହୁଏ । ଭାବମୟ ବଂଚିବାପଣ ପାଇଁ ଅଲୌକିକ ଶକ୍ତି ଲୋଡା । ଜଣାଣରେ ବିନୟୀଭାବ ପ୍ରକାଶ ପାଏ । ଦେବୀ ବନ୍ଦନା ହିଁ ମାନଶ୍ରୀ ଅଟେ । ପ୍ରଶସ୍ତି ଗାନ ହିଁ ସ୍ତୁତି ପଦବାଚ୍ୟ । ସ୍ତୁତି କୀର୍ତ୍ତନର ଆଖ୍ୟା ପାଇଥାଏ । ବୈଷ୍ଣବ ଭକ୍ତି ଗୀତିକା ଗୁଡ଼ିକ ଦାର୍ଶନିକ ତତ୍ତ୍ୱ ସମନ୍ୱିତ ବସ୍ତାବିକ ଅଟେ । ରୂପକାତ୍ମକ ଓ ପ୍ରତିକାତ୍ମକ ଭାବଧାରା ପ୍ରାଚୀନ ଗୀତିକା ଗୁଡ଼ିକର ମହତ୍ୱ ବୃଦ୍ଧି କରେ । ଷଡଭାବର ଉପାସନା ରୀତିକୁ କେନ୍ଦ୍ରକରି ଛାନ୍ଦ୍ୟ ହେବାକୁ ଜଣାଣ କୁହାଯାଏ । ଇନ୍ଦ୍ରିୟ ଓ ଇନ୍ଦ୍ରିୟୋତର ଉପଲବ୍ଧି ବୋଲିରେ ନିହିତ । ସର୍ବୋପରି ପ୍ରାଚୀନ ଗୀତିକବିତା ଗୁଡ଼ିକ ଆଧ୍ୟାତ୍ମିକ ଦର୍ଶନ ସମନ୍ୱିତ ବୋଲି ସ୍ୱର୍ଣ୍ଣବୃତ୍ତ ସାହିତ୍ୟ ପରିବାର ଦ୍ୱାରା ଆୟୋଜିତ ୭୯ତମ ଆଭାସୀ ଆଲୋଚନାଚକ୍ରରେ ଆଲୋଚିକା ପ୍ରଫେସର ବିଜୟଲକ୍ଷ୍ମୀ ଦାଶ ଓ ଅତିଥି ଭାବରେ ଓଡ଼ିଶାର ଲୋକପ୍ରିୟ କଣ୍ଠଶିଳ୍ପୀ ମାନସୀ ପାତ୍ର ପ୍ରକାଶ କରିଥିଲେ । ପ୍ରାରମ୍ଭରେ ପରିବାରର ସମ୍ପାଦକ ଡ. ପ୍ରଦୀପ୍ତ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ ଭାର୍ଗବୀ ରାଉତ୍ ସ୍ୱାଗତ ସଙ୍ଗୀତ ଗାନ କରିଥିବାବେଳେ ଶେଷରେ ଜଳେଶ୍ୱର ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପିକା ଡ. ମୋନାଲିସା ଚାନ୍ଦ ସମସ୍ତଙ୍କୁ ଆନ୍ତରିକ କୃତଜ୍ଞତା ପୂର୍ବକ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ଆସରରେ ମୁଖ୍ୟ ଆକର୍ଷଣ ମାନସୀ ପାତ୍ର ବଉଳା ଗାଈର ଚାନ୍ଦ ବାଛୁରୀ ଗୀତ ଗାନକରି ଶତାଧିକ ଶ୍ରୋତାଙ୍କ ମନ ଜିଣିଥିଲେ ।

ବସ୍ତାରେ ଚିତ୍ରାଙ୍କନ ପ୍ରତିଯୋଗିତ ଅନୁଷ୍ଠିତ

ଲଙ୍ଗଳେଶ୍ୱର, ୨୪/୧୧ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ବସ୍ତା କୋର୍ଟ ପରିସର ଶିଶୁମୟ ହୋଇଯାଇଥିଲା । ଶିଶୁ ଦିବସ ଉପଲକ୍ଷେ ତାଲୁକ ଆଇନ ସେବା ଅଧ୍ୟକ୍ଷା ସିଲଭାସା ବଡ଼ଜେନାଙ୍କ ତତ୍ତ୍ୱାବଧାନରେ ଏକ ସୁନ୍ଦର ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗିତାରେ ବସ୍ତା ଏବଂ ବାଲିଆପାଳ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ମୋଟ ୪୩ ଜଣ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ଛାତ୍ରଛାତ୍ରୀଙ୍କ କଳା କୌଶଳକୁ ପ୍ରୋତ୍ସାହନ ଦେବା ପାଇଁ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ବଂଟନ କରାଯାଇଥିଲା । ଚିତ୍ରାଙ୍କନ ପାଇଁ ଆବଶ୍ୟକ ସମସ୍ତ ଚିତ୍ରାଙ୍କନ ଉପକରଣ ଏବଂ ପ୍ରତିଯୋଗୀଙ୍କ ପାଇଁ ଖାଦ୍ୟପେୟର ବିଶେଷ ବ୍ୟବସ୍ଥା କରାଯାଇଥିଲା । କାର୍ଯ୍ୟକ୍ରମକୁ ସଫଳ କରିବାରେ କୋର୍ଟର ସମସ୍ତ କର୍ମଚାରୀ ଏବଂ ପାରା ଲିଗାଲ ସ୍ୱେଚ୍ଛାସେବୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ଶିଶୁମାନଙ୍କ ସୃଜନଶୀଳତାକୁ ଜାଗ୍ରତ କରିଥିବା ଏହି କାର୍ଯ୍ୟକ୍ରମ ଅଂଚଳବାସୀଙ୍କ ମନକୁ ମଧ୍ୟ ଛୁଇଁଯାଇଛି ।

ଜାତୀୟ ମିଡ଼ିଆ ମହାକୁମ୍ଭରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ଯୋଗଦାନ

ନୀଳଗିରି, ୨୪/୧୧ (ଆ.ପ୍ର) : ଭୁବନେଶ୍ୱର ସ୍ଥିତ କିମସ ଅଡିଟୋରିୟମ ରେ ଇନଷ୍ଟିଚ୍ୟୁଟ ଅଫ ମିଡ଼ିଆ ଷ୍ଟଡିଜ, ଉତ୍କଳ ବିଶ୍ୱବିଦ୍ୟାଳୟ ସହ ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଅଧିନସ୍ଥ ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ରର ସହଭାଗିତାରେ ଆୟୋଜିତ ତିନିଦିନିଆ ଜାତୀୟ ମିଡ଼ିଆ ମହାକୁମ୍ଭର ନବମ ସଂସ୍କରଣର ଉଦଯାପନୀ ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ନିଜ ମୂଲ୍ୟବାନ ଅଭିଭାଷଣ ଉପସ୍ଥାପନ କରିଥିଲେ । ସେ କହିଥିଲେ ଯେ ବର୍ତ୍ତମାନର ଏ.ଆଇ ଯୁଗରେ ଆବଶ୍ୟକତା ଅନୁସାରେ ଏହାର ବ୍ୟବହାର ବହୁଳ ହୋଇଅଛି । ସବୁବର୍ଗର, ସବୁ ବୃତିର ବ୍ୟକ୍ତିବିଶେଷ ଏହା ଉପରେ ନିର୍ଭରଶୀଳ ହେବା ପରିଲକ୍ଷିତ ହେଉଛି । ଏହି ପରିବର୍ତ୍ତନଶୀଳ ପରିସ୍ଥିତିରେ ଏ.ଆଇ କୁ ଆମେ ସଦୁପଯୋଗ କରିବା ସହ ନିଜର ଅନ୍ତର୍ନିହିତ ଜ୍ଞାନକୁ ହରାଇବା ନାହିଁ । ଛାତ୍ରଛାତ୍ରୀଙ୍କୁ ନିଜ ଗବେଷଣା କ୍ଷେତ୍ରରେ ହେଉ କିମ୍ବା ବୃତିଗତ ଜୀବନରେ ପଦୋନ୍ନତି ପାଇଁ ହେଉ, ଏଆଇର ବ୍ୟବହାର କରାଯାଉ କିନ୍ତୁ କାର୍ଯ୍ୟକଳାପର ମୌଳିକତାକୁ ନଷ୍ଟ ନକରାଯାଉ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭାର ବାଚସ୍ପତି ସମ୍ମାନନୀୟା ସୁରମା ପାଢ଼ୀ ଯୋଗଦେଇ, ସାମ୍ବାଦିକତାରେ କୃତ୍ରିମ ବୁଦ୍ଧିମତା (ଏଆଇ)ର ବ୍ୟବହାର ସମୟରେ ଗଣମାଧ୍ୟମ ନିଜ ନୀତିଗତ ମାନଦଣ୍ଡକୁ ଦୃଢୀଭୂତ ରଖିବା ସହ ସାମାଜିକ ନୈତିକତାକୁ ଅକ୍ଷୁର୍ଣ୍ଣ ରଖି ଖବର ପ୍ରକାଶ ଓ ପ୍ରସାରଣ କରିବାର ଆବଶ୍ୟକତାର ଅନୁଭବକୁ ପରିପ୍ରକାଶ କରିଥିଲେ । ଉପସ୍ଥିତ ଅତିଥି ଭାବେ ଗାନ୍ଧୀନଗର ସ୍ଥିତ ପଣ୍ଡିତ ଦିନଦୟାଲ ଶକ୍ତି ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରଦୀପ ମଲ୍ଲିକ ନିଜ ମୂଲ୍ୟବାନ ଉଦବୋଧନ ପ୍ରଦାନ କରିଥିଲେ । ଏହି ନବମ ମିଡ଼ିଆ ମହାକୁମ୍ଭର ଅଧ୍ୟକ୍ଷ ତଥା ଆଇଏମଏସର ନିର୍ଦ୍ଦେଶକ ପ୍ରଫେସର ଉପେନ୍ଦ୍ର ପାଢ଼ୀ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ ।

ବାର୍ଷିକୋତ୍ସବ ପାଳନ ନିମନ୍ତେ ଚୂଡାନ୍ତ ପ୍ରସ୍ତୁତି ଅନୁଷ୍ଠିତ

ନୀଳଗିରି, ୨୪/୧୧ (ଆ.ପ୍ର) : ଭବିଷ୍ୟତର ସମାଜକୁ ଆଧ୍ୟାତ୍ମିକ ଜ୍ଞାନାଲୋକ ରେ ଉଦ୍ଭାସିତ କରିବା ଲକ୍ଷ ନେଇ ଦୁଇ ବର୍ଷ ତଳେ ସ୍ଥାନୀୟ ରତ୍ନାକର ଟାଉନ ହାଇସ୍କୁଲ ପରିସରରେ ଗଢିଉଠିଥିଲା ଏକ 'ବେଦ,ଗୀତା,ଯୋଗ ଓ ଭାରତୀୟ ସଂସ୍କୃତି ପ୍ରଶିକ୍ଷଣ (ନିଃଶୁଳ୍କ) ପାଠଶାଳା । ଯାହାର ଏକ ଶାଖା ଡିଭାଇନ ଚାରିଟେବୁଲ ଟ୍ରଷ୍ଟ, ନୀଳଗିରି ପରି ସହରେ କାର୍ଯ୍ୟ କରୁଛି । ଏହି ପାଠଶାଳାରେ ପ୍ରତି ରବିବାର ସକାଳ ନଅଟା ରେ ପ୍ରଶିକ୍ଷିତ ପଣ୍ଡିତ ମାନଙ୍କ ଦ୍ୱାରା ବିଦ୍ୟାର୍ଥୀ ମାନଙ୍କୁ ଗୀତା ପାଠ ଓ ବେଦ ଅଧ୍ୟୟନର ବ୍ୟବସ୍ଥା ରହିଛି । ସେହିପରି ସମାଜର ପ୍ରତିବିମ୍ବ ' ସାହିତ୍ୟର ' ଉନ୍ନତି ନିମନ୍ତେ ନ' ବର୍ଷ ତଳେ ନୀଳଗିରିରେ ଗଢିଉଠିଥିଲା 'ସାରସ୍ୱତ ସାଧନା ସମନ୍ୱୟ ସମିତି' । ଉଭୟ ଅନୁଷ୍ଠାନର ମିଳିତ ବାର୍ଷିକୋତ୍ସବ ଆସନ୍ତା ତିରିଶ ତାରିଖ ରବିବାର ଦିନ ରତ୍ନାକର ଟାଉନ ହାଇସ୍କୁଲ, ବାଳିଗୋହିରି ଠାରେ ପାଳନ ହେବାକୁ ଯାଉଅଛି । ଏଥିନିମନ୍ତେ ଏକ ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠାନର ସଭାପତି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିନୋଦ ବିହାରୀ ପଣ୍ଡା ଏବଂ ସମ୍ପାଦିକା ଶ୍ରୀମତୀ ସୁଭାଷିନୀ ଜୀଙ୍କ ଆବାହକତ୍ୱରେ ଏବଂ ବରିଷ୍ଠ ସଦସ୍ୟ ସୋମନାଥ ନାୟକଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ଲବ୍ଧପ୍ରତିଷ୍ଠିତ ସାହିତ୍ୟିକ ତଥା ବିଦ୍ୱାନ ପଣ୍ଡିତ ମାନଙ୍କ ଅତିଥି ଆସନରେ ଅଳଙ୍କୃତ କରାଇ ସମାଜକୁ ବାସ୍ତବ ଆଧ୍ୟାତ୍ମିକତାର ମନ୍ତ୍ର ଧ୍ୱନୀ ଶୁଣାଇବାକୁ ବୈଠକ ରେ ନିଷ୍ପତି ହୋଇ ଥିଲା । ଉତ୍ସବରେ ଆଜି ଅନୁଷ୍ଠିତ ହୋଇଥିବା ଗୀତା ଆବୃତି ଏବଂ ବେଦ ପାଠ ପ୍ରତିଯୋଗିତାର ବିଜୟୀ ଛାତ୍ର/ଛାତ୍ରୀମାନଙ୍କୁ ପୁରସ୍କୃତ କରାଯିବା ସହିତ ଏ ଅଂଚଳର ପ୍ରତିଭାବାନ ସାହିତ୍ୟିକ,ସାମ୍ବାଦିକ, ସମାଜ ସଂସ୍କାରକ ଇତ୍ୟାଦିଙ୍କୁ ସମ୍ବର୍ଦ୍ଧିତ କରିବାକୁ ନିଷ୍ପତି ହୋଇଥିଲା । ବୈଠକ ରେ ଅନ୍ୟମାନଙ୍କ ମଧ୍ୟରେ ସୁଶାନ୍ତ କୁମାର ମହାପାତ୍ର, ଉତ୍ତମ କୁମାର ବିଶ୍ୱାଳ, ଅର୍ଚ୍ଚନା ପଣ୍ଡା, ଜୟନ୍ତୀ ପ୍ରଧାନ, ସଂଜୁ ଲତା ପରିଡା, ଚିତରଞ୍ଜନ ପତି, ବ୍ରହ୍ମାନନ୍ଦ ଦାସ, ସୁଶାନ୍ତ କୁମାର ମହାପାତ୍ର (ମଂଟୁ ସାର),ଜୟନ୍ତ କୁମାର ଷଡଙ୍ଗୀ, ଶକ୍ତିପଦ ମିଶ୍ର, ବିଶ୍ୱନାଥ ନାୟକ, ଏବଂ ହେମନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିବା ନିମନ୍ତେ ବଳିଷ୍ଠ ମତ ରଖି ଥିଲେ ।

ଜାମ୍ବୁଝାଡ଼ି - ବେଦପୁର ରାସ୍ତାର ଶୁଭ ଭିତି ପ୍ରସ୍ତର ସ୍ଥାପନ

ସିମୁଳିଆ, ୨୪/୧୧ (ଆ.ପ୍ର) : ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଜାମ୍ବୁଝାଡ଼ି -ବେଦପୁର ୪କିମି ରାସ୍ତାକୁ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଜାମ୍ବୁଝାଡ଼ି ପଂଚାୟତ ଗୌଡ଼ପଡା ଛକ ନିକଟରେ ନଡ଼ିଆ ଫଟାଇ ଫିତା କାଟି ଶୁଭ ଶିଳାନ୍ୟାସ କରିଥିଲେ । ଏହି ରାସ୍ତାରଯାହାର ଅଟକଳ ମୂଲ୍ୟ ୩କୋଟି ୩୪ଲକ୍ଷ ୨୯ହଜାର ଟଙ୍କା ଅଟେ । ଏହି ଅବସରରେ ଗୌଡ଼ପଡା ଛକ ନିକଟରେ ଏକ ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ ବ୍ଲକ ଅଧ୍ୟକ୍ଷ ବାବାଜୀ ଚରଣ ମଲ୍ଲିକ, ସରପଂଚ ସନ୍ତୋଷ ସେଠୀ, ସମିତି ସଭ୍ୟ ସୁଶାନ୍ତ କୁମାର ନାୟକ, ଶ୍ରୀଧର ମହାନ୍ତି, ରାଧାରମଣ ପଟ୍ଟନାୟକ,ଜିଲ୍ଲା ଯୁବମୋର୍ଚ୍ଚା ସମ୍ପାଦକ ଅକ୍ଷୟ କୁମାର ବିଶ୍ୱାଳ, ବିଜେପି ବିଧାନସଭା ପ୍ରଭାରି ନିରାକାର ପଣ୍ଡା, ଏସଡ଼ିଓ ସଞ୍ଜୟ କୁମାର ସାହୁ, ପ୍ରମୁଖ ଉପସ୍ଥିତ ଥିଲେ ।

ଅବସର ପ୍ରାପ୍ତ ବ୍ୟାଙ୍କ ଅଧିକାରୀଙ୍କ ପରଲୋକ

ଖପରାପଡା, ୨୪/୧୧ (ଆ.ପ୍ର) : ବାଳିଆପାଳ ବ୍ଲକ ନିଖିରା ପଂଚାୟତ ଅଧିନସ୍ଥ ପାଳପଡା ଗ୍ରାମର ଅବସର ବ୍ୟାଙ୍କ ଅଧିକାରୀ ତଥା ପଂଚାୟତର ବିଜେଡି ସଭାପତି ଅଦୈତ୍ୟ ଦାସ ଅଧିକାରୀଙ୍କ ଶୁକ୍ରବାର ରାତ୍ରୀ ୧ ଘଟିକା ସମୟରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା । ସେ ଦୀର୍ଘ ଦିନ ଧରି କ୍ୟାନସର ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ । ଶୁକ୍ରବାର ବ୍ରହ୍ମପୁର ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା ।ତାଙ୍କ ମୃତ୍ୟୁରେ ବସ୍ତା ବିଧାୟିକା ସୁବାସିନୀ ଜେନା ଗଭୀର ଶୋକ ବ୍ୟକ୍ତ କରିବା ସହିତ ଅନ୍ତିମ ସମୟରେ ଉପସ୍ଥିତ ହୋଇ ଅମର ଆତ୍ମାର ସଦଗତି କାମନା କରିଥିଲେ । ତାଙ୍କ ବିୟୋଗରେ ପଂଚାୟତରେ ବିଜୁ ଜନତା ଦଳର ଅପୂରଣୀୟ କ୍ଷତି ଘଟିଲା ବୋଲି ବିଧାୟିକା ଶ୍ରୀମତୀ ଜେନା କହିଛନ୍ତି । ସେ ଜଣେ ସରଳ, ମିଷ୍ଟଭାଷୀ ଏବଂ ଅମାୟିକ ବ୍ୟକ୍ତି ଥିଲେ । ଅବସର ଗ୍ରହଣ ପରେ ବିଜୁ ଜନତା ଦଳର ସଭାପତି ରହି ସଂଗଠନକୁ ସୁଦୃଢ଼ କରିଥିଲେ । ରବିବାର ତାଙ୍କ ମରଶରୀରକୁ ବିରାଟ ଶୋଭାଯାତ୍ରାରେ ନିଖିରା ପଂଚାୟତ ପରିକ୍ରମା କରି ସୁବର୍ଣ୍ଣରେଖା ନଦୀ କୂଳରେ ଶେଷ କୃତ୍ୟ ସମ୍ପନ୍ନ ହୋଇଛି । ଏକମାତ୍ର ପୁଅ ଅମୀୟ ମୁଖାଗ୍ନି ଦେଇଥିଲେ । ସ୍ୱର୍ଗତଃ ଦାସ ଅଧିକାରୀଙ୍କ ମୃତ୍ୟୁରେ ନିଖିରା ପଂଚାୟତ ସମେତ ଆଖ ପାଖ ଅଂଚଳରେ ଶୋକର ଛାୟା ଖେଳି ଯାଇଛି ।

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବାଜିରାଉତ ଜନ୍ମ ଶତବାର୍ଷିକୀ ଉତ୍ସବ ପାଳିତ

ନୀଳଗିରି, ୨୪/୧୧ (ଆ.ପ୍ର) : ଫକୀରମୋହନ ବିଶ୍ୱବିଦ୍ୟାଳୟର ଫକୀରମୋହନ ସାହିତ୍ୟପୀଠ ଦ୍ୱାରା ସାହିତ୍ୟ ଓ ଇତିହାସରେ ବାଜିରାଉତଙ୍କ ଅମର ଅବଦାନକୁ ଉଦ୍‌ବୋଧିତ କରି "ବାଜିରାଉତ ଜନ୍ମ ଶତବାର୍ଷିକୀ ଉତ୍ସବ" ପାଳିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରି ନିଜର ମୂଲ୍ୟବାନ ଅଭିଭାଷଣ ପ୍ରଦାନ କରିଥିଲେ । ସେ ବାଜିରାଉତଙ୍କୁ "ବାର ବର୍ଷର ତ୍ୟାଗର ପ୍ରତିମୂର୍ତ୍ତି" ବୋଲି ସମ୍ବୋଧନ କରି କହିଥିଲେ— "କୋମଳ ବୟସରେ ସେ କେବଳ ଏକ ନାମ ନୁହେଁ, ବରଂ ଏକ ଅହ୍ୱାନ, ଏକ ବାର୍ତ୍ତା ଓ ଏକ ଅଦମ୍ୟ ପ୍ରେରଣା ।" ସମ୍ମାନୀତ ଅତିଥି ଭାବେ ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଉପସ୍ଥିତ ହୋଇ ବାଜିରାଉତଙ୍କ ତ୍ୟାଗ ଓ ବୀରତା ଉପରେ ଆଲୋଚନା ଓ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଏହାର ସଠିକ ଅବଗତି ପ୍ରଦାନ ପାଇଁ ଏପରି ଚର୍ଚ୍ଚା ଓ ଆୟୋଜନ ଅତ୍ୟନ୍ତ ଉପଯୁକ୍ତ ବୋଲି ଉଲ୍ଲେଖ କରିଥିଲେ । ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ବ୍ରଜମୋହନ ମିଶ୍ର, ବାଜିରାଉତଙ୍କୁ "ମାତୃଭୂମି ପ୍ରେମରେ ଉଦବୁଦ୍ଧ ଅଭିକଳ୍ପନୀୟ ପ୍ରତୀକ" ବୋଲି ବର୍ଣ୍ଣନା କରି କହିଥିଲେ— "ସେ ଚିରନ୍ତନ ଗର୍ବର ବାର୍ତ୍ତା, ସାହସର ପ୍ରତୀକ ଓ ଅସ୍ମହାବାନ ଚିତ୍ର; ଯାହା ଆଲୋକର ବହ୍ନି ସଦୃଶ ଆଗାମୀ ପିଢ଼ୀଙ୍କୁ ପ୍ରେରଣା ଦେଇଆସୁଛି ।" ଏଥିସହ ମୁଖ୍ୟ ବକ୍ତା ପ୍ରସିଦ୍ଧ ସାହିତ୍ୟିକ ଓ ସ୍ତମ୍ଭକାର ଅଭିରାମ ବିଶ୍ୱାଳ ଯୋଗଦେଇ, ବାଜିରାଉତଙ୍କୁ ଇତିହାସ ଓ ସାହିତ୍ୟର ସଂଧିସ୍ଥଳରେ ଦୃଢ଼ ଭାବେ ଠିଆ ଥିବା ବ୍ୟକ୍ତିତ୍ୱ ବୋଲି କହିଥିଲେ । ସେ ବିଭିନ୍ନ ପ୍ରତିଷ୍ଠିତ ସାହିତ୍ୟିକଙ୍କ ଲିଖିତ କବିତା ଓ ରଚନାରେ ବାଜିରାଉତଙ୍କ ଜୀବନଦର୍ଶନ କିପରି ଆଲୋକିତ ହୋଇଛି, ତାହା ଉପରେ ଓଜସ୍ୱୀ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମକୁ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ସଂଚାଳନ କରିଥିଲେ ତଥା ଡ଼କ୍ଟର ପ୍ରହଲ୍ଲାଦ ଝିଲ, ସହାୟକ ଅଧ୍ୟାପକ-ଅଧ୍ୟାପିକାବୃନ୍ଦ, ସମସ୍ତ ଅତିଥି, ଅଂଶଗ୍ରାହୀ ଓ ଉପସ୍ଥିତ ଶିକ୍ଷାର୍ଥୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ବିଧବା ମହିଳାଙ୍କ ପେନସନ ଲୁଟୁଥିବା ୨ ଭାଇ ଗିରଫ

ପାରଳାଖେମୁଣ୍ଡି, ୨୪/୧୧ (ଆ.ପ୍ର) : ଗଜପତି ଜିଲ୍ଲା ରାୟଗଡ ବ୍ଲକ କାର୍ଯ୍ୟାଳୟର ସ୍ୱାଇଁସିଂ ସାହିର ବିଧବା ଶୁଭାଗମନ ସ୍ୱାଇଁସିଂ (୮୨)ଂ କର ୨୦୧୫ ମସିହାରୁ ୨୦୨୫ ମସିହା ପର୍ଯ୍ୟନ୍ତ ମିଳୁଥିବା ପେନସନକୁ ଜଣେ ସରୋଜ ବର୍ଦ୍ଧନ ନାମକ ବ୍ୟକ୍ତି ଓ ପରିବାରବର୍ଗ ଲୁଟୁଥିଲେ । ସେହି ବ୍ୟକ୍ତିଂକର ଗତ କରୋନାରେ ପରଲୋକ ହେଲାପରେ ତାଙ୍କର ୩ ପୁଅ ପୁନର୍ବାର ଲୁଟିବା ଆରମ୍ଭ କଲେ ।ବୃଦ୍ଧାଂକର ସଂପର୍କୀୟ ସୁକାନ୍ତ ସ୍ୱାଇଁସିଂ ରାୟଗଡ ପୋଲିସ ଥାନାରେ କେଶ ଦାୟର କରିଥିଲେ । ସେହି କେଶ ଆଧାରରେ ଭାତୃଦ୍ୱୟ ନିରଜ ବର୍ଦ୍ଧନ(୩୯) ଓ ଉଜ୍ୱଳ ବର୍ଦ୍ଧନଂକୁ(୨୫)ପୋଲିସ ଗିରଫ କରିଛି ଏବଂ କୋର୍ଟକୁ ପଠାଇଛି । ପାଖାପାଖି ୧୪ ଲକ୍ଷ ଟଂକା ସେମାନେ ଲୁଟିଛନ୍ତି । ଏହି ବିଷୟରେ ସୂଚନା ଦେଇଛନ୍ତି ଆଇସିସି କମଳା ଚୌଧୁରୀ ।

ଜିଲ୍ଲା ଡ୍ରଗ୍ସ ବିଭାଗ ନୀଳଗିରି ଅବକାରୀ ବିଭାଗ ଓ ବରହମପୁର ପୋଲିସର ଚଢାଉ



ନୀଳଗିରି, ୨୪/୧୧ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ଡ୍ରଗ୍ ବିଭାଗ,ନୀଳଗିରି ଅବକାରୀ ବିଭାଗ ଓ ବରହମପୁର ପୋଲିସର ମିଳିତ ଉଦ୍ୟମରେ ନୀଳଗିରି ବ୍ଲକ୍ ବରହମପୁର ମାର୍କେଟରେ ଥିବା ସମସ୍ତ ପାନ, ଗୁଟୁଖା ଓ ମେଡିସିନ ଦୋକାନ ଗୁଡିକରେ କୋଟପାଟ ନିୟମ ଅନୁଯାୟୀ ସମସ୍ତ କାଗଜ ପତ୍ର ଯାଂଚ କରାଯାଇଛି । ଗୁଟୁଖା ଓ ପାନ ମସଲା ଗୁଡିକୁ ଜବତ କରାଯିବା ସହ ପାନ ଦୋକାନୀ ମାନଙ୍କୁ ଫାଇନ କରାଯାଇଥିଲା । ସେହିପରି ମେଡିସିନ ଦୋକାନ ଗୁଡିକରେ ସମସ୍ତ ଔଷଧ ଯାଂଚ କରିବା ସହ କିଛି କଫ ସିରପ ଓ ମେଡିସିନ ଗୁଡିକୁ ଜବତ କରିବା ସହ ଯାଂଚ ନିମନ୍ତେ ଭୁବନେଶ୍ୱର ପଠାଯାଇଛି । ତମାଖୁ ବର୍ଜନ ସହିତ ଅହିତକର ଔଷଧକୁ ଲୋକମାନଙ୍କ ଠାରୁ ଦୂରରେ ରଖିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏଭଳି କଠୋର ପଦକ୍ଷେପ ନିଆଯାଇଥିବା ଜଣା ପଡିଛି । ତେବେ ଛୋଟ ଦୋକାନ ଗୁଡ଼ିକ ପାନ ଓ ଗୁଟକା ମସଲା ବିକ୍ରି ଉପରେ କଟକଣା ଲଗାଇବା ପରିବର୍ତେ ନିର୍ଦ୍ଦିଷ୍ଟ ନିର୍ମାଣ କାରି କମ୍ପାନୀ ଗୁଡ଼ିକ ଉପରେ ପଦକ୍ଷେପ ନେବାକୁ ଦୋକାନୀ ମାନେ କହିଛନ୍ତି ।

ଚାରୋଟି ଶ୍ରମ କୋଡ୍‌କୁ ପ୍ରତ୍ୟାହାର ଦାବୀରେ ସିଆଇଟିୟୁ ପକ୍ଷରୁ ପ୍ରତିବାଦ ସଭା

ନୀଳଗିରି, ୨୪/୧୧ (ଆ.ପ୍ର) : ଚାରୋଟି ଶ୍ରମ କୋଡ୍‌କୁ ପ୍ରତ୍ୟାହାର ଦାବୀରେ ସିଆଇଟିୟୁ ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇ ଯାଇଛି । କେନ୍ଦ୍ରରେ ବିଜେପି ସରକାର ୪୪ ଟି ଶ୍ରମ ଆଇନ୍‌କୁ ଭାଙ୍ଗି ଚାରୋଟି କୋଡରେ ପରିବର୍ତନ କରି ଆଜି ଠାରୁ କାର୍ଯ୍ୟକାରୀ କରିଛନ୍ତି । ଚାରୋଟି ଶ୍ରମ କୋଡ୍ ଲାଗୁ ହେବା ଫଳରେ ଶ୍ରମିକ ମାନେ ନିଜର ଅଧିକାର ହରାଇଛନ୍ତି । ଏହାକୁ ପ୍ରତିବାଦ କରି ସିଆଇଟିୟୁ ଜିଲ୍ଲା କମିଟି ତରଫରୁ ବାଲେଶ୍ୱର ଫାଣ୍ଡି ଛକରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇ ଯାଇଛି । ସିଆ ଟିୟୁ ଜିଲ୍ଲା ସଭାପତି ରାଜକିଶୋର ଲେଙ୍କାଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇ ଥିଲା । ସିଆଇଟିୟୁ ଜିଲ୍ଲା ସମ୍ପାଦକ ବିଜୟ କୁମାର ପାତ୍ର କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧି ନୀତି ବିରୁଦ୍ଧରେ ଆଲୋଚନା କରିଥିଲେ । ଯେ ପର୍ଯ୍ୟନ୍ତ ଶ୍ରମ କୋଡ୍ ବାତିଲ ନ ହୋଇଛି, ସେ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଉକ୍ତ ସଭାରେ ଅରୁଣ ମିଶ୍ର, ସଧାନନ୍ଦ ଦୀକ୍ଷିତ, ସାଇକିଙ୍କର ନାୟକ, ସୁଶାନ୍ତ ଜେନା, ମୃତ୍ୟୁଞ୍ଜୟ ରାଉତ, ହେମେନ୍ଦ୍ର ସେଠି, ପୂର୍ଣ୍ଣିମା ବେହେରା, କନକ ବେହେରା, ଷାଲିନ୍ ମିଶ୍ର, ଙ୍କ ସମେତ ବହୁ ସାଥୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସହଯୋଗ କରିଥିଲେ । ଶେଷରେ ପ୍ରଭାକର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ପାଳନ ନିମନ୍ତେ ସିମୁଳିଆରେ ପ୍ରସ୍ତୁତି ବୈଠକ



ସିମୁଳିଆ, ୨୪/୧୧ (ଆ.ପ୍ର) : ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ ନିମନ୍ତେ ସିମୁଳିଆରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ଆସନ୍ତା ୨୬ ତାରିଖରେ ସିମୁଳିଆ ନିର୍ବାଚନ ମଣ୍ଡଳୀରେ ଏକତା ପଦଯାତ୍ରା ବଣା ମୁନୀ ପଡିଆ ଠାରେ ଅନୁଷ୍ଠିତ ହେବ । ଏହି ଅବସରରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ପ୍ରତିନିଧି ଯୁବନେତା ଡା. ଅଶ୍ୱିମାଧବ ପଣ୍ଡାଙ୍କ ଅଧ୍ୟକ୍ଷତାରେ ସିମୁଳିଆ ବ୍ଲକ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ସିମୁଳିଆ ବିଡ଼ିଓ ସାହୁଆଳ, ଜିଲ୍ଲା ପରିଷଦ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ବ୍ଲକ ଅଧ୍ୟକ୍ଷ ବାବାଜୀ ଚରଣ ମଲ୍ଲିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ମହାପାତ୍ର, ଅଣ୍ଡରାଇ ସମିତି ସଭ୍ୟ ଉତ୍ତମ କୁମାର ମହାନ୍ତି,ସିମୁଳିଆ ବ୍ଲକ ୨୨ଗୋଟି ପଂଚାୟତ ନିର୍ବାଚିତ ପ୍ରତିନିଧିଙ୍କ ସମେତ ବ୍ଲକର ସମସ୍ତ ସରକାରୀ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ । ସେହିପରି ବିଜେପି ର ମଣ୍ଡଳ ସଭାପତି ଅବିନାଶ ବେହେରା, ରଘୁନନ୍ଦନ ମିଶ୍ର, ସୁଶାନ୍ତ କୁମାର ନାୟକଙ୍କ ସମେତ, ସମସ୍ତ ଲୋକ ପ୍ରତିନିଧି ସମେତ ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି ଉକ୍ତ ପଦଯାତ୍ରାକୁ ସଫଳ କରିବାକୁ ସମସ୍ତ ଙ୍କର ସହଯୋଗ କାମନା କରିଥିଲେ । ଉକ୍ତ ବୈଠକ ରେ ଯୁବନେତା ଡାକ୍ତର ଅଶ୍ୱିମାଧବ ପଣ୍ଡା ଏକତା ପଦଯାତ୍ରାରେ ପ୍ରତି ପଂଚାୟତରୁ ଲୋକ ମାନେ ଅଂଶ ଗ୍ରହଣ କରିବେ ବୋଲି ପ୍ରକାଶ କରିଥିଲେ ।

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ମଣିଷ

ଅତୀତର ମଣିଷ ଥିଲା ଏକ ସରଳ ଉପତ୍ୟକାର ଅଧିବାସୀ । ସାମୂହିକତା ସୂତ୍ରରେ ଆବଦ୍ଧ ଏହି ମଣିଷ ପାଇଁ ସୌଭାଗ୍ୟ ଥିଲା ସାମୂହିକ । କୃଷିଭିତ୍ତିକ ସଭ୍ୟତାରେ ବିଶ୍ୱାସୀ ପ୍ରାଚୀନ ମଣିଷ ପାଇଁ ଜୀବନ ଥିଲା ବିକାଶର ଏକ ସୋପାନ । ପ୍ରାରବ୍ଧ କର୍ମରେ ବିଶ୍ୱାସ କରୁଥିବା ମଣିଷ ଜନ୍ମମୃତ୍ୟୁର ସୀମିତ ପରିବେଶ ମଧ୍ୟରେ ଜୀବନକୁ ଅବସ୍ଥାପିତ କରିନଥିଲା । ପ୍ରାଚୀନ ମଣିଷ ପାଇଁ ମୃତ୍ୟୁ ଥିଲା ଏକ ନୂତନ ଜୀବନର ପ୍ରସ୍ତୁତି କ୍ଷେତ୍ର । ଆଧୁନିକ ମଣିଷ କିନ୍ତୁ ଏହି ଚେତନା ଠାରୁ ବହୁ ଭାବରେ ଭିନ୍ନ । ସମୟର ଧାରାରେ ଆଜି ପୃଥିବୀ ବହୁଭାବରେ ପରିବର୍ତ୍ତିତ । ବ୍ୟକ୍ତି ଆପଣାର ଜ୍ଞାନ ବଳରେ ବହୁ ଅସାଧ୍ୟ ସାଧନ କରିବା ସହିତ ସମଗ୍ର ବିଶ୍ୱକୁ ଅନୁଧ୍ୟାନ କରିବାର ଶକ୍ତି ସଂଗ୍ରହ କରିପାରିଛି । ପରମ୍ପରାର ରୂପଚିତ୍ର ବଦଳିଛି ଏବଂ ବଦଳିଛି ମଧ୍ୟ ଜୀବନକୁ ବୁଝିବାର ଦୃଷ୍ଟିଭଙ୍ଗୀ । ଦିନେ ଦେବଶିଶୁ ଭାବେ ସୃଷ୍ଟିର ଶ୍ରେଷ୍ଠତ୍ୱ ଦାବି କରୁଥିବା ମଣିଷ; ଡାରଉଇନ୍‌ଙ୍କ ବିବର୍ତ୍ତନବାଦ ତତ୍ତ୍ୱବଳରେ ମର୍କଟର ବଂଶଧରରେ ରୂପାନ୍ତରିତ ହୋଇଛି । ମାର୍କସ୍‌ଙ୍କ ସମାଜବାଦ, ଫ୍ରଏଡ୍‌ଙ୍କ ଯୌନତତ୍ତ୍ୱ, ଆଇନ୍‌ଷ୍ଟାଇନ୍‌ଙ୍କ ଆଣବିକ ତତ୍ତ୍ୱ- ଯୁଗ ଓ ଜାତିର ଚେତନାରେ ଟେକିଛି ଅଭୂତପୂର୍ବ ପରିବର୍ତ୍ତନ । ନବ୍ୟ ଇତିହାସକରଣ ଅତୀତକୁ ଏକ ନୂଆ ଆଖି ନେଇ ଦେଖିବାର ଖୋରାକ୍ ଯୋଗାଇଛି । ଏକଦା ଚିହ୍ନା ଅଚିହ୍ନା ଉପତ୍ୟକାର ସମାହାର ଭାବରେ ପରିକଳ୍ପିତ ବିଶ୍ୱ ଆଜି କ୍ରମଶଃ ସଂକୁଚିତ ହୋଇପଡ଼ିଛି । ପୃଥିବୀର କୋଣ ଅନୁକୋଣରେ ଘଟିଯାଉଥିବା ଘଟଣା ପ୍ରଯୁକ୍ତି ବିଦ୍ୟା ଦ୍ୱାରା ମୁହୂର୍ତ୍ତକରେ ଆମ ବିଚାରଧାରାକୁ ପ୍ରଭାବିତ କରୁଛି । ମୁକ୍ତ ଅର୍ଥନୀତି ଏବଂ ଜଗତୀକରଣର ରାହୁଗ୍ରାସରେ ଆଜିର ଜୀବନ ସମ୍ପୂର୍ଣ୍ଣଭାବେ କବଳିତ ହୋଇପଡ଼ିଛି । ଏହାସହ ସହର ଭିତ୍ତିକ ଦ୍ରୁତ ଶିଳ୍ପାୟନ ଭାରତୀୟ ଜନଜୀବନକୁ କରିଛି ବିପର୍ଯ୍ୟସ୍ତ ।

ମହାଦେବଙ୍କ ମହାତତ୍ତ୍ୱ

।। ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ।।

ସତ୍‌ସଙ୍ଗର ପ୍ରାଣପୁରୁଷ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦେଓଘର ଠାକୁର ବଙ୍ଗଳା ସମ୍ମୁଖରେ ଖୋଲା ପ୍ରାଙ୍ଗଣରେ ଏକ କୃଷ୍ଣପକ୍ଷ ରାତ୍ରିରେ ଆକାଶକୁ ଅନାଇ ବିଭିନ୍ନ ଗ୍ରହ ନକ୍ଷତ୍ର ଓ ସେମାନଙ୍କର କ୍ରିୟା ଓ ଅବସ୍ଥିତି ସମ୍ବନ୍ଧରେ ସମବେତ ଭକ୍ତ ମାନଙ୍କୁ ବୁଝାଇ ଆକାଶର ଏକ ପ୍ରାନ୍ତରୁ ଅପର ପ୍ରାନ୍ତ ପର୍ଯ୍ୟନ୍ତ ବିସ୍ତୃତ ଶ୍ୱେତବର୍ଣ୍ଣ ଛାୟାପଥ ଦେଖାଇ କହିଥିଲେ – 'ଏହା ହେଉଛି ନୀହାରିକାର ଜଗତ । ଏଠାରେ କୋଟି କୋଟି ଗ୍ରହ ନକ୍ଷତ୍ର ସର୍ବଦା ସୃଷ୍ଟି ହେଉଛି, ତୀବ୍ର ଗତିରେ ଭ୍ରମଣ କରୁଛି, ଆଉ ପରସ୍ପରକୁ ଧକ୍କା ଲଗାଇ ପୁଣି ଭାଙ୍ଗି ଯାଉଛି । ଏହାଫଳରେ ସେଠାରେ ସର୍ବଦା ଓଁ – ଓଁ – ଶବ୍ଦ ଉଚ୍ଚାରିତ ହେଉଛି' । ବ୍ରହ୍ମାଣ୍ଡର ସୃଷ୍ଟିଧାରାର ଏକ ବିଶେଷ ପର୍ଯ୍ୟାୟରେ ଏହି ଓଁ ଧ୍ୱନି ଜାଗି ଉଠେ । ବିଶ୍ୱନାଥ ଶିବଙ୍କ ସଙ୍ଗେ ଏହି ଓଁ ବା ବ୍ୟୋମ ଧ୍ୱନିର ସମ୍ବନ୍ଧ ଅତି ନିକଟ । ଭଗବାନ ଶିବଙ୍କ ସମ୍ବନ୍ଧରେ ବୁଝାଇବାକୁ ଯାଇ ଯୁଗାବତାର ଶ୍ରୀ ଶ୍ରୀ ଠାକୁର କହିଛନ୍ତି - 'ଶିବ' ଶବ୍ଦର ଅର୍ଥ ମଙ୍ଗଳ । 'ଯିଏ ପରମ ମଙ୍ଗଳମୟ ଓ ନିଖିଳକ୍ଷେମ ବିଧାତା ସେ ହିଁ ଶିବ । ଶିବ ଶବ୍ଦର ଉତ୍ପତ୍ତି ଶୀ – ଧାତୁ (ଶୟନ) ଠାରୁ । ଏହାର ଅର୍ଥ ହେଉଛି ସବୁକିଛି ଯାହାଙ୍କ ମଧ୍ୟରେ ଶାୟିତ ବା ଅଧିଷ୍ଠିତ ବା ଯିଏ ସମସ୍ତଙ୍କର ଆଶ୍ରୟସ୍ଥଳ ସେହି ହେଉଛନ୍ତି ଶିବ । ଶିବଙ୍କର ଆଉ ଏକ ନାମ ଶମ୍ଭୁ । ଶମ୍ ମାନେ କଲ୍ୟାଣ ଓ ଭୂ ଧାତୁମାନେ ହେବା । ଯିଏ କଲ୍ୟାଣମୟ ସେ ହିଁ ଶମ୍ଭୁ । ଏହି କଲ୍ୟାଣ ପଥରେ ଯେତେ ବାଧାବିଘ୍ନ ଓ ଘାତ ପ୍ରତିଘାତ ଆସେ ତାହାକୁ ଶିବ ବ୍ୟକ୍ତିତ୍ୱ ଜୟ କରନ୍ତି ।

ସଂସାରର ସମସ୍ତ ହଳାହଳ ଓ ନେତିବାଚକ ବିଷକୁ ଗ୍ରହଣ କରି ସେ ନୀଳକଣ୍ଠ ହୁଅନ୍ତି । ସେ ଭୂତନାଥ, ଭୂତେଶ ଓ ଭୂତଭାବନ । ଭୂତମାନେ ପ୍ରେତ ବା ଅଶରୀରୀ ଆତ୍ମା ନୁହେଁ । ଭୂତମାନେ ଯାହାକିଛି ହୋଇଅଛି, ସ୍ଥାବର ଜଙ୍ଗମ, ସମସ୍ତ କିଛିର ସେ ନାଥ । ମହାଦେବଙ୍କର ଦୁଇ ଅନୁଚର ବା ଶକ୍ତି – ନନ୍ଦୀ ଓ ଭୃଙ୍ଗୀ ରହିଛନ୍ତି । ନନ୍ଦୀ ଶବ୍ଦର ଉତ୍ପତ୍ତି ନନ୍ଦ ଧାତୁ ଠାରୁ, ମାନେ ଆନନ୍ଦ ଏବଂ ଭୃଙ୍ଗୀ ଆସିଛି ଭୃ ଧାତୁ ଠାରୁ, ମାନେ ଭରଣ, ପୋଷଣ ଓ ଧାରଣ । ମହାଦେବଙ୍କର ତପସ୍ୟା କଲେ ଅଫୁରନ୍ତ ଆନନ୍ଦ, ସହ୍ୟ, ଧୈର୍ଯ୍ୟ, ଅଧ୍ୟବସାୟ ଓ ବୈଶିଷ୍ଟ୍ୟାନୁପାତିକ ପରିପୋଷଣ ପ୍ରାପ୍ତ ହୁଏ । ସର୍ବଯୋଗ ବା ସର୍ବସିଦ୍ଧିର ଅଧିପତି ମହାଦେବ, ତାଙ୍କର ଅନ୍ୟ ଏକ ନାମ ଯୋଗୀଶ୍ୱର ବା ଯୋଗେଶ୍ୱର । ସକଳ ବୋଧ, ଦର୍ଶନ ଓ ଜ୍ଞାନ ତାଙ୍କର ଅଧିଗତ । ତାଙ୍କର ଅନ୍ୟ ଏକ ନାମ ପଶୁପତି ଅର୍ଥ ସେ ଜ୍ଞାନ ଓ ଦର୍ଶନର ଅଧିପତି । ସୁସ୍ଥ ଦେହ ଓ ମନ ନେଇ ବଂଚିବା ଓ ବଢ଼ିବାର କୌଶଳ ଶିବଙ୍କର ଅଧିଗତ ଏବଂ ତାଙ୍କର ଅନ୍ୟ ଏକ ନାମ ବୈଦ୍ୟନାଥ । ମହାଦେବଙ୍କ ବୃଷଭ ବାହନ ଅର୍ଥ ହେଲା ବୃଷଭ ହେଉଛି ଧର୍ମର ପ୍ରତୀକ । ସେ ଚତୁଷ୍ପଦ ।

ଧର୍ମ ଯେତେବେଳେ ଚତୁଷ୍ପଦ ବା ଚାରି ପାଦ, ସେତେବେଳେ ତାହା ପୂର୍ଣ୍ଣ ମହିମାରେ ବିକଶିତ । ମହାଦେବଙ୍କର କଣ୍ଠରେ ସାପର ମାଳା, ତେଣୁ ତାଙ୍କର ଅନ୍ୟ ଏକ ନାମ ଫଣିଭୂଷଣ । ଏହି ସାପର ଅସ୍ତିତ୍ୱକୁ ପରମ ଦୟାଳ ଶ୍ରୀ ଶ୍ରୀ ଠାକୁର କହିଛନ୍ତି - ସାପ ହେଉଛି ହିଂସ୍ର ବ୍ୟକ୍ତିର ପ୍ରତୀକ । ସମାଜରେ ହିଂସ୍ର ବା ଖଳ ବ୍ୟକ୍ତିମାନଙ୍କୁ ମହାଦେବ ସ୍ୱପ୍ରେମରେ ବଶୀଭୂତ କରି ପାଖରେ ରଖିଛନ୍ତି ଯେଭଳି ସେମାନେ ସମାଜର ଅନ୍ୟ ମାନଙ୍କର କ୍ଷତି କରିନପାରନ୍ତି । ମହାଦେବଙ୍କର ପରିଧାନ ବ୍ୟାଘ୍ରଚର୍ମ । ବାଘ ହେଲା ସାହସୀ, ବୀର୍ଯ୍ୟବାନ ଓ କୌଶଳୀ । ବ୍ୟାଘ୍ରଚର୍ମ ଏହି ଗୁଣ ଗୁଡ଼ିକର ଦ୍ୟୋତକ । ମହାଦେବଙ୍କ ମସ୍ତିଷ୍କରେ ଚନ୍ଦ୍ର ରହିଛନ୍ତି । ତେଣୁ ତାଙ୍କ ନାମ ଚନ୍ଦ୍ରେଶ୍ୱର । ଚନ୍ଦ୍ରର ତେଜରେ ସମୁଦ୍ରରେ ଜୁଆର ଭଟ୍ଟା ହୁଏ, ମାଟି ଉର୍ବର ହୋଇ ଶସ୍ୟାଦି ଉତ୍ପନ୍ନ ହୁଏ ଓ ପୃଥିବୀରେ ଔଷଧ ସମୂହର ପରିସ୍ଫୁଟ ହୁଏ । ତେଣୁ ଏକ ପ୍ରୟୋଜନୀୟ ବିଗ୍ରହକୁ ମହାଦେବ ତାଙ୍କର ଶିରୋଭୂଷଣ କରିରଖିଛନ୍ତି । ସମଗ୍ର ବିଶ୍ୱର ଯେ ପ୍ରଭୁ ସେ ହିଁ ବିଶ୍ୱନାଥ । ତତ୍ତ୍ୱଶାସ୍ତ୍ରରେ ଅଛି ଏହିପରି ଗୁଣାନ୍ୱିତ ପରମଶିବ ମଝି ମଝିରେ ପୃଥିବୀରେ ଦେଖା ଦିଅନ୍ତି ଇଷ୍ଟଗୁରୁ ରୂପେ । ଶିବତ୍ୱ ଘନୀଭୂତ ହୋଇ ପ୍ରକାଶ ପାଏ ସେହି ଶିବ ବ୍ୟକ୍ତିତ୍ୱ ମଧ୍ୟରେ ଏବଂ ସେ ହିଁ ଲୋକଗୁରୁ, ଲୋକ ଭର୍ତ୍ତା, କାଳଜୟୀ, ପରମପ୍ରେମମୟ, ବୈଶିଷ୍ଟ୍ୟପାଳୀ, ଭଗବାନ ପୁରୁଷୋତ୍ତମ । ତତ୍ତ୍ୱଶାସ୍ତ୍ରରେ ଅଛି 'ଶିବ ରୁଷ୍ଟ ହେଲେ ଗୁରୁ ରକ୍ଷା କରିପାରେ, ଗୁରୁ ରୁଷ୍ଟ ହେଲେ ଶିବ ରାଖିବାରେ ନାରେ' । ନାରୀ ହେଉ ବା ପୁରୁଷ ହେଉ ଯେଉଁମାନେ ଇଷ୍ଟଗୁରୁଙ୍କୁ ସାଧନା କରି ଶିବଙ୍କର ଗୁଣ ଓ ଦ୍ୟୁତିକୁ ନିଜ ଚରିତ୍ରରେ ଚରିତ୍ରାୟିତ କରିପାରନ୍ତି ସେମାନେ ହିଁ ଶିବଙ୍କୁ ତୁଷ୍ଟ କରନ୍ତି ଓ ଇଷ୍ଟଗୁରୁଙ୍କର ଆଶୀର୍ବାଦ ଲାଭ କରନ୍ତି ।

ପ୍ରତିରତ୍ୱିକ ଓ ପ୍ରଫେସର,
ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ;୯୪୩୭୦୫୧୯୫୭

ଭଜ ନିତାଇଗୌର ନାମ

।। ହରିଗୁରୁବୈଷ୍ଣବ ଆଶ୍ରିତ ଅତୀଶ ।।

ଆମ ରାଜ୍ୟ ଓଡ଼ିଶାରେ ପ୍ରାୟତଃ ବର୍ଷ ତମାମ ଘରେ କିମ୍ବା ମଠ ମନ୍ଦିରରେ ହରିନାମ କୀର୍ତ୍ତନ ଅଷ୍ଟପ୍ରହରୀ, ଚତୁର୍ଥ ପ୍ରହରୀ ବା କୌଣସି ମଠ ମନ୍ଦିରରେ ଅଖଣ୍ଡ ନାମ ହେଉଛି । ପ୍ରାୟତଃ ମହାମନ୍ତ୍ର ସବୁଠାରେ ନାମ ସଂକୀର୍ତ୍ତନ ହେଉଛି ସବୁ ଲୋକ ମହାମନ୍ତ୍ର ବିଷୟରେ ଅବଗତ ଆଉ କୋଉଟି (ଭଜ) ନିତାଇ ଗୌର ରାଧେଶ୍ୟାମ... ନାମ କୀର୍ତ୍ତନ ହେଉଛି ଏହି ନାମ କେଉଁଠୁ ଆସିଲା ? ଯିଏ ନାହିଁ ସିଏ ନିଜେ ନାମ ତିଆରି କରିଦେବ ତାକୁ କୀର୍ତ୍ତନ କରାଯିବ କି ? ଛୋଟ ବେଳେ ଥରେ ମୋର ମନେ ଅଛି ଆମ ଗାଁରେ ଜଣେ ଲୋକ କହିଲେ ଭଜ ନିତାଇ ଗୌର..... ନାମ କଣ କଳିର ତାରକ ମନ୍ତ୍ର ଯେ ଏହା ଅଷ୍ଟପ୍ରହରୀରେ କୀର୍ତ୍ତନ ହେବ ମୁଁ ଛୋଟ ଥିବାରୁ ତାହାର ଉତ୍ତର ଜାଣି ନଥିଲି । ତେବେ ଏହି ନିତାଇ ଗୌର ନାମ କିପରି ସୃଷ୍ଟି ହେଲା ଓ ତାହାର ଅର୍ଥ କ'ଣ ଜାଣିବା ଏହି ପ୍ରସଙ୍ଗରେ । ଦିନେ ସନ୍ଧ୍ୟା ସମୟରେ ସଦଗୁରୁଦେବ ନାମତାୟ ଶ୍ରୀ ଶ୍ରୀ ବାୟା ବାବା ବସିଛନ୍ତି ଜଣେ ଭଦ୍ରଲୋକ ପ୍ରଶ୍ନ କଲେ ବାବା ଆପଣ କହନ୍ତି ଭଗବାନଙ୍କର ଯେ କୌଣସି ନାମ କଲେ ହେବ ତାହାହେଲେ କାହିଁକି ଆପଣଙ୍କ ପାଖରେ ସବୁବେଳେ (ଭଜ) ନିତାଇ ଗୌର ରାଧେ ଶ୍ୟାମ (ଜପ) ହରେ କୃଷ୍ଣ ହରେ ରାମ ଏହି ନାମ ହେଉଛି ? ଯାହାର ଯେଉଁ ନାମ ଇଚ୍ଛା ସେହି ନାମ କଲେ ଚଳନ୍ତା ନାହିଁ ସବୁବେଳେ କାହିଁ ସେହି ଗୋଟିଏ ନାମ ହେବ ? ତା ଛଡ଼ା ଅନ୍ୟ ନାମ ଥାଉ ଥାଉ ଏହି ଗୋଟିଏ ନାମ ପ୍ରଚାର କରିବାର କଣ ଆବଶ୍ୟକତା ଅଛି ଏହା ଶୁଣି ଶ୍ରୀ ବାବା ଉତ୍ତର ଦେଲେ ଆପଣ ବୋଧେ ଅନ୍ୟମନସ୍କ ଥିଲେ ବାୟା କହିଲେ ଯାହାକୁ ଯେଉଁ ନାମ ଇଚ୍ଛା ହେଉଛି ସେ କରୁ ଆମକୁ ଏହି ନାମ ଭଲ ଲାଗୁଛି ତେଣୁ ଆମେ ତାହା କରୁଛୁ ତେଣୁ ଅଡୁଆ କୋଉଠି ରହିଲା । ଏହି ନାମ ଛାଡ଼ ଆମେ ଅନ୍ୟ କିଛି ଜାଣୁନ କଳ୍ପତରୁ ଶ୍ରୀଗୁରୁଦେବ ଏହି ନାମ ଶୁଣାଇ ଦେଇଛନ୍ତି ତେଣୁ ଘୋସି ହେଉଛୁ । ସାଧନା ଭଜନ କ'ଣ ଆମେ ଜାଣିଛୁ ? ସେ ଯାହା କହିଯାଇଛନ୍ତି ଆମେ ତାହା କରୁଛୁ । ତାଙ୍କ ଆନୁଗତ୍ୟର ତାଙ୍କ ଆଦେଶ ପାଳିବା ଆମ କର୍ତ୍ତବ୍ୟ । ଆମେ ହେଲୁ ଘଣା ବଳଦ ତେଲି ଆମକୁ ଏଥିରେ ଯୋଚି ଯାଇଛି । ଆମେ କି ଜାଣିଛୁ ଭଲ ମନ୍ଦ ଲାଭ କ୍ଷତି ? ଏ ଘଣା ନୂଆ କି ପୁରୁଣା ଏଥିରେ ତେଲ ବାହାରିବ କି ନାହିଁ ଆମେ ଜାଣିନୁ ତାହା ମଧ୍ୟ ଜାଣିବା ଦରକାର ନାହିଁ ସେ କାନ୍ଧରେ ଜୁଆଳି ଲଦି ଦେଇ ଯାଇଛନ୍ତି, ଆମେ ବୁଲୁଛୁ ଭଲ ମନ୍ଦ ସେ ତେଲି ଜାଣେ । ଭଗବାନଙ୍କ ଅନନ୍ତ ନାମ କେଉଁ ନାମ ଆମେ କରିବା ସେଥିପାଇଁ ନିଜେ କିଛି ବିଚାର ନକରି ଶ୍ରୀଗୁରୁଦେବଙ୍କ ଅଦିଷ୍ଟରେ ନାମ କରିବା ନିରାପଦ ଯେତେବେଳେ ଯାହା ଇଚ୍ଛା ହେଲା ସେ ନାମ କରିବା ଦ୍ୱାରା ସାଧନା ପୂର୍ଣ୍ଣ ହୁଏ ନାହିଁ । ତେଣୁ ଗୁରୁ ପରମ୍ପରା ଅନୁସାରେ ସାଧନା କରିବାକୁ ହୁଏ । ସେଥିପାଇଁ ବାୟା କହୁଛି ଶ୍ରୀ କଳ୍ପତରୁ ଗୁରୁଦେବ ଯେଉଁ ନାମ କରିବାକୁ କହିଛନ୍ତି ତାହା ଆମେ କରୁଛୁ । ଏହି ନାମ କିପରି ସୃଷ୍ଟି ହେଲା ଜାଣିଛନ୍ତି ଶ୍ରୀ ଶ୍ରୀ ବଡ଼ବାବାଜୀ ରାଧା ରମଣ ଦେବ ମହାରାଜ ଜଣେ ଶକ୍ତିଧର ମହାପୁରୁଷ ଥରେ ନଦିଆ ଜିଲ୍ଲାର କୃଷ୍ଣ ନଗର ଠାରେ ଜଣେ ଭକ୍ତଙ୍କ ଗୃହରେ କୀର୍ତ୍ତନ କରୁଥାନ୍ତି । କୀର୍ତ୍ତନରେ ମହାଭାବରେ ମତୁଆଲା ହୋଇ ସେଠାରେ ଥିବା କାହ୍ନୁକୁ ଆଉଜି ହୋଇ ଠିଆ ହୋଇଥାନ୍ତି ହଠାତ୍ ତାଙ୍କ ମୁଖରୁ ସେହି ମହାଭବ ଅବସ୍ଥାରେ (ଭଜ) ନିତାଇ ଗୌର ରାଧେଶ୍ୟାମ (ଜପ) ହରେ କୃଷ୍ଣ ହରେ ରାମ ନାମ ପ୍ରକଟ ହେଲା ସେ ଯେଉଁଠାରେ ଠିଆ ହୋଇଥିଲେ ସେ ପଥର ଚଟାଣରେ ତାଙ୍କ ପାଦ ଚିହ୍ନ ରହିଗଲା । ଭଗବାନ ଯେପରି ସ୍ୱପ୍ରକାଶ ନିଜେ ଇଚ୍ଛା କଲେ ଯେଉଁଠାରେ ଯେମିତି ସ୍ୱ ପ୍ରକାଶ କରନ୍ତି ସେହିପରି ତାଙ୍କ ନାମ ମଧ୍ୟ ସେହିପରି ସ୍ୱତ୍ ପ୍ରକାଶିତ ହୋଇଥାନ୍ତି । ଶୁଦ୍ଧ ଆଧାର ଦେଖିଲେ ନାମ ବା ମନ୍ତ୍ର ସେଠାରେ ପ୍ରକାଶିତ ହୁଅନ୍ତି । ଯୁଗ ଅନୁସାର ଭଗବାନ ଯେପରି ଭିନ୍ନ ଭିନ୍ନ ଅବତାର ନିଅନ୍ତି ସେହିପରି ନିତ୍ୟସିଦ୍ଧ ନାମ ମଧ୍ୟ ଭିନ୍ନ ଭିନ୍ନ ଯୁଗରେ ଭିନ୍ନ ଭିନ୍ନ ଭାବରେ ପ୍ରକାଶ ହୁଅନ୍ତି । ଏଥିରେ ନୂଆ ପୁରୁଣା କିଛି ନାହିଁ ନିତାଇ ଗୌର କଣ ନୂଆ ନା ହରେ କୃଷ୍ଣ ନାମ ନୂଆ ? ଏଥିରେ କୌଣସି ନାମ ନୂଆ ନୁହେଁ । କେବଳ ସାଧନକ୍ରମରେ ଏହି ନାମମାଳା ଗୁନ୍ଥା ହୋଇଛି । ଦେଖିଥିବେ ଠାକୁରଙ୍କ ପାଖରେ ଯେଉଁ ମାଳା ଲାଗିହୁଏ, ତାହା ବିଚାର ହୁଅ ଫୁଲ ଉପରେ ମାଳା ଉପରେ ନିହେ । ମଲ୍ଲୀ, ମାଳତୀ, ଯାଇ, ଜୁଇ, କଦମ୍ବ, ବଉଳ ଏହି ଫୁଲର ସବୁ ଠାକୁରଙ୍କୁ ଲାଗି ହୁଅ ଏହାର ମାଳା ମଧ୍ୟ ମାଳୀ ମାଳା ଗୁନ୍ଥିଲା ବେଳେ କିପରି ସୁନ୍ଦର ଦେଖାଯିବ ମାଳୀ ବିଚାର କରି କାହାକୁ ଆଗରେ ପଛରେ ଫୁଲ ମାନଙ୍କୁ ଗୁନ୍ଥିଛି ତେଣୁ ସେଥିରେ କାହିଁକି ନୂଆ ପୁରୁଣା ବିଚାର ହେବ ? ତେଣୁ ଏହି ନିତାଇ ଗୌର ନାମ ନୂଆ ନୁହେଁ ।

ସାଧ୍ୟ ସାଧନା ଭେଦରେ ତାହା ଗୁନ୍ଥା ଯାଇଛି ମାତ୍ର । ଭଜ ଓ ଜପ ଦ୍ୱାରା ସାଧ୍ୟ ସାଧନ ନିର୍ଣ୍ଣୟ କରାଯାଇଛି । ଯାହା ଲାଭ କରିବାକୁ ସାଧନ କରାଯାଏ ତାହା ସାଧ୍ୟ ଯାହା କରାଯାଏ ତାହା ସାଧନା । ଏହି ଯେଉଁ ନାମ ମାଳା ଦେଖୁଛନ୍ତି ସେଥିରେ କ୍ରମାନ୍ୱୟରେ ସାଧ୍ୟ ସାଧନା କଥା କୁହାଯାଇଛି । ସାଧ୍ୟ ହେଲା ଭଜ ନିତାଇ ଗୌର ରାଧେଶ୍ୟାମ । ସାଧନ ହେଲା ଜପ ହରେ କୃଷ୍ଣ ହରେ ରାମ । ଆଗ ନିତାଇଙ୍କୁ ଡାକ କାରଣ କଳିପୀଡ଼ିତ ଜୀବ ମାନଙ୍କୁ ଦେଖି ତାଙ୍କ ପରାଣ କାନ୍ଦୁଛି କିପରି ଉଦ୍ଧାର ହେବ ଓ ସେ କୃପା କଲେ ଗୌର ମିଳିବେ । ନିତାଇ ଦୟା କିପରି ହେବ ? ହରେକୃଷ୍ଣ ହରେ ରାମ ଜପ କଲେ । ଯଦି ମନରେ ଆସେ ଏହି ଗୌର କିଏ ତେବେ ଉତ୍ତର ହେଉଛି ରାଧେଶ୍ୟାମ ଅର୍ଥାତ୍ ରାଧାକୃଷ୍ଣଙ୍କ ମିଳିତ ବିଗ୍ରହ ହେଉଛନ୍ତି ଶ୍ରୀ ଗୌରାଙ୍ଗ ମହାପ୍ରଭୁ ଏହାଠାରୁ ବଳି ବଡ଼ ସାଧନ କରିବା ନିରାପଦ ଉପାୟ କ'ଣ ? ଏହି ପ୍ରଶ୍ନ ଉତ୍ତର ହେଲା ନିରପରାଧରେ ହରେ କୃଷ୍ଣ ହରେ ରାମ ଜପ କରିବା । ରସଗୋଲା ସମ୍ବନ୍ଧରେ ଖାଲି ପଚାରିଲେ ହେବନି ଖାଇବାକୁ ହୁଏ । ଗୁରୁଦେବଙ୍କ ଅନୁଗତ୍ୟର ଯେତେ ପାରୁଛ ନାମ କରିଯାଅ ସବୁ ପାଇବେ । ତେଣୁ ଏହି ଦିବ୍ୟ ନାମ ନାମ ସଂକୀର୍ତ୍ତନ କରିବା ବିଧି । ସିହ ନାମର ପ୍ରମାଣ ସ୍ୱରୂପ ସେହି ପାଦପଦ୍ମ ପଥର ଏବେ କଟକ ସ୍ଥିତ ପୁରୀଘାଟ ଥାନା ପାଖରେ ଥିବା ଶ୍ରୀ ରାସବିହାରୀ ମଠରେ ଏକ ମନ୍ଦିର ମଧ୍ୟରେ ପୂଜା ପାଉଛି ସର୍ବସାଧାରଣଙ୍କ ଦର୍ଶନ କରିପାରିବେ ଯାହାକି ନିତାଇ ଗୌର ନାମ କିପରି ସ୍ୱପ୍ରକଟ ଓ ଚିନ୍ମୟ ତାହା ଅନୁଭବ ହୁଅ ତାକୁ ଦେଖି । ନିତାଇ ଗୌର ହରିବୋଲ ।

ଦୂରଭାଷ;୬୩୭୧୫୮୦୫୨୪

ହାତୀ ଓ ମଣିଷର ଭାବ

ଆମ ସଂସ୍କୃତିରେ ହାତୀ ଏକ ସାଧାରଣ ଜୀବ ନୁହେଁ । ଏହି ବୃହତ ସ୍ଥଳଚର ଜୀବ ଆମ ଜନଜୀବନ, ପରମ୍ପରା, ଆଧ୍ୟାତ୍ମିକ ବିଶ୍ୱାସ ସହିତ ପ୍ରାଚୀନ କାଳରୁ ଜଡ଼ିତ । ହାତୀ ଆମ ପୌରାଣିକ କଥାବସ୍ତୁ ଠାରୁ ଆରମ୍ଭ କରି ପର୍ବପର୍ବାଣୀ, ମନୋରଞ୍ଜନ, ଜୀବନଜୀବିକା ଆଦିରେ ପ୍ରମୁଖ ଭୂମିକାରେ ଦେଖିବାକୁ ମିଳେ । ବାସ୍ତବ ଜୀବନରେ ମଧ୍ୟ ମଣିଷ ଯେମିତି ହାତୀ କଥା ବୁଝିଛି ଅନେକ ସ୍ଥଳରେ ହାତୀ ମଧ୍ୟ ମଣିଷକୁ ନିଜର କରି ଏକ ଭାବାବେଗ ପରିସ୍ଥିତି ସୃଷ୍ଟି କରିଛି । ନିକଟରେ ଏକ ଶ୍ରେଷ୍ଠ ଡକ୍ୟୁମେଣ୍ଟାରୀ ସର୍ଟ ଫିଲ୍ମ ଭାବରେ ଓସ୍କାର ପୁରସ୍କାର ଜିଣିଥିବା 'ଦି ଏଲିଫ୍ୟାଣ୍ଟ ହୁଇସପରର୍ସ' ରେ ହାତୀ ଓ ମଣିଷର ସଂପର୍କର କଥା ଉଲ୍ଲେଖନୀୟ । ତାମିଲନାଡୁର ନୀଳଗିରି ଜିଲ୍ଲା ମୁଦୁମାଲାଇର ଆଦିବାସୀ ଦମ୍ପତି କିଭଳି ବର୍ଷବର୍ଷ ଧରି ନିଜର ସନ୍ତାନ ସମ ଅନାଥ ହାତୀ ଛୁଆର ଯତ୍ନ ନେଉଛନ୍ତି, ତାହାର ବାସ୍ତବ ଚିତ୍ର ଉକ୍ତ ଫିଲ୍ମରେ ପ୍ରଦର୍ଶିତ । ଯେଉଁଠି ନିଜ ଲୋକ ପର ହୋଇଯାଉଛନ୍ତି ସେଇଠି ମଣିଷ ଓ ଜଙ୍ଗଲୀ ଜୀବର ଅନାବିଳ ଭାବର ନିଚ୍ଛକ ଚିତ୍ର ଏହି ଫିଲ୍ମକୁ ମର୍ଯ୍ୟାଦାଜନକ ଓସ୍କାର ପୁରସ୍କାର ଆଣିଦେଇଛି । ହାତୀ ସଂପର୍କ ଗଢ଼ି, ସେହି ସଂପର୍କକୁ ନିଷ୍ଠାର ସହ ନିର୍ବାହ କରି ପଥଭ୍ରଷ୍ଟ ମଣିଷକୁ ମଣିଷପଣିଆର ବାର୍ତ୍ତା ଦେଇପାରେ । ଏହା ଏହି ଫିଲ୍ମରେ ଅତ୍ୟନ୍ତ ସରଳ ଢଙ୍ଗରେ ଫୁଟି ପାରିଛି । ସାଧାରଣତଃ ହାତୀ ବିଷୟରେ ଆଲୋଚନା କଲେ ପିଲା ବେଳର କଥା ମନେ ପଡ଼ିଯାଏ । ସେତେବେଳେ ଗାଁ ଦାଣ୍ଡରେ ମାହୁନ୍ତ ଆଣିଥିବା ଏତେ ବଡ଼ ଜୀବକୁ ଦେଖି ପିଲା ମନ ଯେତିକି ଭୟ ପାଏ ତା'ଠାରୁ ଅଧିକ କୌତୂହଳ ସଂଚରିତ ହୁଏ । ହାତୀ ପିଠିରେ ବସିବାର ଉତ୍ସାହ ତ କହିଲେ ନସରେ । ଗାଁ ସାରା ଲୋକେ ହାତୀ ଦେଖିବାକୁ ଦାଣରେ ରୁଣ୍ଡ ହେଉଥିଲେ । ଧାନ, ଚାଉଳ, ପନିପରିବା, ଫଳମୂଳ ଆଣି ତା ପାଖରେ ଅଜାଡ଼ି ଦେଉଥିଲେ । କେହିକେହି ତ ନିଜ ହାତରେ ହାତୀକୁ ଖୁଆଇ ଦେବାକୁ ସୌଭାଗ୍ୟ ମନେ କରୁଥିଲେ । ସେସବୁ ଭାବିଲା ବେଳକୁ ବର୍ତ୍ତମାନର ହାତୀ ଓ ମଣିଷ ଲଢ଼େଇ ଚର୍ଚ୍ଚାକୁ ନେଇ ମ୍ରିୟମାଣ ହେବାକୁ ପଡ଼େ । ପୁନଶ୍ଚ ବର୍ତ୍ତମାନର ହାତୀ-ମଣିଷର କିଛି ବିଶ୍ୱାସନୀୟ ସଂପର୍କ ଏହି ଜୀବ ପ୍ରତି ଗଭୀର ଆସ୍ଥାର ପରିପ୍ରକାଶ କରେ । ଯାହାର ଆଲୋଚନା ମାଧ୍ୟମରେ ହାତୀ ଓ ମଣିଷର ସଂପର୍କ ବିଷୟରେ ସଚେତନ କରିବା ହିଁ ଏହି ଆଲେଖ୍ୟର ଅସଲ ଉଦ୍ଦେଶ୍ୟ । ହାତୀ ବିଷୟରେ ଲେଖିଲା ବେଳେ ପିଲା ଦିନେ ବାପାଙ୍କ ଠାରୁ ଶୁଣିଥିବା ଏକ ହାତୀ କଥା ଏ ଲେଖକର ମନେ ପଡ଼େ । ଏକଦା ରାତିରେ ଜଙ୍ଗଲ ଉପକଣ୍ଠସ୍ଥ ଗୋଟିଏ ଗ୍ରାମକୁ ପଲେ ହାତୀ ପଶି ଆସିଲେ । ଇଥାଟି ଜଣାପଡ଼ିଲାରୁ ଗ୍ରାମର କେହି ଆଉ ବାହାରକୁ ବାହାରିଲେ ନାହିଁ । ସକାଳ ପୂର୍ବରୁ ହାତୀ ପଲ ଜଙ୍ଗଲକୁ ଫେରିଗଲେ । ହେଲେ ଗୋଟିଏ ହାତୀ ଜଙ୍ଗଲକୁ ନଯାଇ ଗାଁ ମୁଣ୍ଡର ଜଣିକଙ୍କ ଘର ସମ୍ମୁଖରେ ଠିଆ ହୋଇ ରହିଲା । କବାଟ ଫାଙ୍କରୁ ହାତୀ ଥିବା ଦେଖି ସେ ଘରର କେହି ଘରୁ ବାହାରିବାର ସାହସ କଲେ ନାହିଁ । ସକାଳ ହେଲା, ତଥାପି ହାତୀ ଗଲା ନାହିଁ । କବାଟ ଫାଙ୍କରୁ ଘର ମାଲିକ ଦେଖିଲେ ଯେ, ହାତୀର ଆଖିରୁ ଲୁହ ଗଡ଼ୁଛି । ଏବେ ସେ ସାହସ ବାନ୍ଧି କବାଟ ଖୋଲି ଦେଖିଲା ବେଳକୁ ହାତୀର ଆଗପଟ ଗୋଡ଼ରୁ ରକ୍ତଧାର ବୋହୁଥାଏ । ଭଲକରି ଅନୁମାନ କଲାପରେ ଦେଖାଗଲା ହାତୀର ପାଦରେ ଏକ କାଠଖଣ୍ଡ ପଶି ଯାଇଛି । ହାତୀର କଷ୍ଟକୁ ଦେଖି ବ୍ୟକ୍ତି ଜଣକ ତାଙ୍କ ଘରର ଅନ୍ୟମାନଙ୍କୁ ଡ଼ାକିଲେ ଏବଂ ସମସ୍ତେ ମିଶି ହାତୀର ସେହି ଆଘାତପ୍ରାପ୍ତ ପାଦରୁ ଖୁଣ୍ଟିଟିକୁ ବାହାର କରି, କ୍ଷତକୁ ସଫାକରି ସେଠାରେ କିଛି ଚେରମୂଳି ଔଷଧି ଲଗାଇ କପଡ଼ା ବାନ୍ଧି ଦେଲେ । ଏହାପରେ ହାତୀଟି ସେଠାରୁ ଜଙ୍ଗଲ ଆଡ଼କୁ ଚାଲିଯାଇଥିଲା । ଆରଦିନ ଠାରୁ ଲଗାତାର ଚାରିପାଂଚ ଦିନ ଧରି ସେହି ହାତୀ ଉକ୍ତ ଘର ସାମନାକୁ ଆସେ । ଘରମାଲିକ ପୁରୁଣା ପଟି ଖୋଲି ଔଷଧି ଲଗାଇ ନୂଆଁ ପଟି ବାନ୍ଧି ଦେଲା ପରେ ପୁଣି ଜଙ୍ଗଲକୁ ଚାଲିଯାଏ । ଧୀରେଧୀରେ ହାତୀର କ୍ଷତ ସୁଖି ଯାଇ ସେ ସୁସ୍ଥ ହୋଇଗଲା । ଏହାର କିଛିଦିନ ପରେ ଦିନେ ରାତିରେ ପଲେ ହାତୀ ନିଜନିଜ ଶୁଣ୍ଢରେ ବିଭିନ୍ନ ଫଳମୂଳ, ପନିପରିବା, ଧାନ ଆଦି ଖାଦ୍ୟପଦ୍ୟ ଧରି ଗାଁମୁଣ୍ଡ ସେହି ବ୍ୟକ୍ତିଙ୍କ ଘର ସାମନାରେ ଗଦା କରିଦେଇ ଚାଲିଗଲେ । ନିର୍ଦ୍ଦିଷ୍ଟ ଅନ୍ତରାଳେ ହାତୀମାନେ ଏମିତି ଖାଦ୍ୟଶସ୍ୟ ସଂପୃକ୍ତ ବ୍ୟକ୍ତିଙ୍କ ଘର ସମ୍ମୁଖରେ ରଖିଦେଉଥିବା ଦେଖି ବ୍ୟକ୍ତି ଜଣକ ଡରିଗଲେ । ଦିନେ ସେ ହାତଯୋଡ଼ି ଏଭଳି ନକରିବାକୁ ଅନୁରୋଧ କରିବାରୁ ସେହି ଦିନଠାରୁ ହାତୀ ମାନେ ଆସିଲେ ନାହିଁ । ଏହା କାହାଣୀ ନା ବାସ୍ତବ ଅବଶ୍ୟ ସେତେବେଳେ ମୁଁ ଜାଣିବାର ଚେଷ୍ଟା କରି ନଥିଲି କିନ୍ତୁ ଘଟଣାଟିରେ ହାତୀର କୃତଜ୍ଞତା ଭାବ ଆବେଗଗ୍ରସ୍ତ କରିଥିଲା ।

ଉତ୍ତର ଦାୟିତ୍ୱର ଆହ୍ୱାନରେ ସୌମ୍ୟାଶ୍ରୀ

।। ବିକ୍ରମ କେଶରୀ ବିଶ୍ୱାଳ ।।

ଆମ ଓଡ଼ିଶାର ଅଗ୍ନିକନ୍ୟା ସୌମ୍ୟାଶ୍ରୀ ନ୍ୟାୟ ପାଇବା ଆଶାରେ ଜୀବନ ହାରି ଦେଲା । ବାଲେଶ୍ୱର ଫକୀର ମୋହନ କଲେଜର ଏହି ଅଗ୍ନିକନ୍ୟା ନିଆଁ ଲଗାଇ ଆତ୍ମାହୁତି ଘଟଣା ଅନେକ ପ୍ରସଙ୍ଗକୁ ସୃଷ୍ଟି କରିଛି । ଏହି ଘଟଣା କେବଳ ତାଙ୍କ ପରିବାରକୁ ନୁହଁ, କଲେଜର କର୍ତ୍ତୃପକ୍ଷଙ୍କୁ ନୁହଁ ଛାତ୍ର ସମାଜ ଠାରୁ ଅଭିଭାବକ, ଶିକ୍ଷାବିତ ମହଲ ଠାରୁ ସବୁ ସ୍ତରରେ ସମସ୍ତେ ଆଜି ସ୍ତବ୍ଧ ଓ ମର୍ମାହତ । ଏହି ଘଟଣାକୁ ନେଇ ଓଡ଼ିଶାର ଲୋକପ୍ରିୟ ସରକାର ଯଥେଷ୍ଟ କାର୍ଯ୍ୟ ନିର୍ବାହ କରିଛନ୍ତି । ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ତେବେ ଏସବୁ ଭିତରେ ବିରୋଧୀଙ୍କ ରାଜନୀତିର ରୁଟି ସେକା ଭିତରେ ଅନେକ ଅସମାହିତ ପ୍ରଶ୍ନ ରହିଯାଉଛି । ବିରୋଧୀଙ୍କ ସ୍ୱଭାବ ସେମାନେ ସରକାରଙ୍କ ଯେକୌଣସି କାର୍ଯ୍ୟକୁ ଯେ କୌଣସି ଅଘଟଣର କାର୍ଯ୍ୟାନୁଷ୍ଠାନକୁ ମଧ୍ୟ ବିରୋଧ କରିବେ । ଝିଅଟି ଜୀବନ ଯୁଦ୍ଧରେ ଶେଷ ପର୍ଯ୍ୟନ୍ତ ଏକାକି ଲଢ଼େଇ କରିଥିଲା । ନିର୍ଭୀକ, ଉଦ୍ୟମୀ ଓ ସ୍ୱାଧୀନ ଚେତା ତଥା ସାହାସୀ ପ୍ରତିଭାବାନ ଛାତ୍ରୀ ହିସାବରେ ସମାଜର ସାମ୍ବିଧାନିକ ବ୍ୟବସ୍ଥାରେ ଥିବା ସବୁ ଫୋରମରେ ବିଧିବଦ୍ଧ ତାଙ୍କ ନିବେଦନ ରଖିଥିଲା । ସବୁଠି ନିରାଶ ହୋଇ ଏଭଳି ମର୍ମନ୍ତୁଦ ଜୀବନ ନ୍ୟାସର ପଦକ୍ଷେପ ନେବାକୁ ବାଧ୍ୟ ହୋଇଥିଲା । କଲେଜର ମୁରବୀ ଭାବେ ଅଧ୍ୟକ୍ଷ ଜାଣିଥିଲେ । କଲେଜର ଆଭ୍ୟନ୍ତରୀଣୟ ଆଇସିସି କମିଟି ସବୁ ଜାଣି ମଧ୍ୟ କୌଣସି ସୁଫଳ ନମିଳିବା ଅତିବ ଦୁର୍ଭାଗ୍ୟଜନକ । ସୋସିଆଲ ମିଡ଼ିଆରେ ଯାହା ଖବର ପ୍ରକାଶ ପାଇଛି କଲେଜ କର୍ତ୍ତୃପକ୍ଷଙ୍କ ସହ ଛାତ୍ରଛାତ୍ରୀମାନେ ଓ ଖୋଦ ଝିଅଟି ମଧ୍ୟ ତାର ଆବେଦନ ରଖିଥିଲା । ସାଂସଦ ମହୋଦୟ ସବୁକିଛି ଜାଣିଥିଲେ କିନ୍ତୁ ଗଣମାଧ୍ୟମର ତଥ୍ୟ ମୁତାବକ ଅଧ୍ୟକ୍ଷ ଓ ସଂପୃକ୍ତ ଅଭିଯୋଗ ଉଠିଥିବା ଅଧ୍ୟାପକ ଜଣକଙ୍କ ସହିତ ଗୁପ୍ତ ସଂପର୍କ ଥିବାରୁ ଏହାର ସମାଧାନ ପାଇଁ କୌଣସି ନିର୍ଯ୍ୟାସ ବାହାରି ପାରିଲା ନାହିଁ ।

ଆଜିର ଯୁଗରେ ହାତ ପାହାନ୍ତାରେ ସାମାଜିକ ଗଣମାଧ୍ୟମରେ ସମସ୍ତେ ଅଭ୍ୟସ୍ତ । ସୌମ୍ୟାଶ୍ରୀ ତା ସବିଶେଷ ଗୁହାରୀ ଫଟୋ ଓ ତଥ୍ୟ ସହ ମୁଖ୍ୟମନ୍ତ୍ରୀଙ୍କ ଠାରୁ ସାଂସଦ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଠାରୁ ବିଧାୟକ, ଜିଲ୍ଲାପାଳଙ୍କ ଠାରୁ ଏସପି ସମସ୍ତଙ୍କୁ ଏ ସମ୍ଭ୍ରକାତାରା ଘଟଣାରେ ହସ୍ତକ୍ଷେପ ପାଇଁ ଆକୁଳ ବିକଳ ଯେଉଁ ନିବେଦନ ରଖିଥିଲେ ତାହା ସବୁ ସତେ ଯେପରି ଶୂନ୍ୟରେ ମିଳେଇଗଲା । ସେହିପରି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କୁହାଯାଉଥିବା ଉଭୟ ଛପା ଗଣମାଧ୍ୟମ ଓ ଇଲେକଟ୍ରୋନିକ୍ ଗଣମାଧ୍ୟମ କେବଳ ଖବରରେ ରହିବା ପାଇଁ ନିଜର ସୀମିତ କର୍ତ୍ତବ୍ୟରେ ରହିଥିଲେ । କିନ୍ତୁ ଝିଅଟିର ଲଢ଼େଇ ସହିତ ରହିବା ପାଇଁ କେହି ସାହାସ ଦେଇପାରିଲେ ନାହିଁ । ସୌମ୍ୟଶ୍ରୀଙ୍କ ଘଟଣାର ଚତୁର୍ଦ୍ଦିଗକୁ ଅବଲୋକନ କରାଯାଉ । ଏହି ଘଟଣାରେ କେଉଁମାନେ ସୌମ୍ୟାଶ୍ରୀକୁ ଉସୁକାଇ ଥିଲେ, ପେଟ୍ରୋଲ କେଉଁଠୁ ଆସିଲା ଏବଂ ଝିଅଟିର ଜଳନ୍ତା ଅବସ୍ଥାର ଭିଡ଼ିଓ କିଏ ଉତ୍ତୋଳନ କରିଥିଲେ ଏସବୁ ମଧ୍ୟ ନିଶ୍ଚିନ୍ତ ଭାବରେ ତଦନ୍ତ ଯୋଗ୍ୟ । ଝିଅଟିର ଜୀବନ ଦୀପ ନିର୍ବାପିତ ହୋଇସାରିଲା ପରେ ଏବେ ସମସ୍ତେ କାନ୍ଦୁଛନ୍ତି କିନ୍ତୁ କାହାଙ୍କ ଆଖିରେ ଲୁହ ନାହିଁ । ଝିଅଟିକୁ ସାହାଯ୍ୟ କରିବାକୁ ଆଗେଇ ଆସିଥିବ ତାଙ୍କ ସାଥୀ ସହାଧ୍ୟାୟୀଙ୍କ ଚିକିତ୍ସା ବ୍ୟବସ୍ଥା କେତେଜଣ ଚିନ୍ତା କଲେଣି ।

ସୌମ୍ୟାଶ୍ରୀଙ୍କ ଆତ୍ମହତ୍ୟା ଘଟଣା ଅନେକଙ୍କୁ କେବଳ ବିଚଳିତ କରିନି । ଘଟଣାଟି ଅଶ୍ରୁମାରୀ ପ୍ରଶ୍ନ ମଧ୍ୟ ଉଠାଇଛି । ବିରୋଧୀ ଦଳଙ୍କ ପାଇଁ ଏମିତି ରାଜନୀତିରେ ରୋଟି ସେକିବା ନିମନ୍ତେ ଏମିତି ଜଣେ ଜଣେ ସୌମ୍ୟାଶ୍ରୀଙ୍କ ଆବଶ୍ୟକତା ପଡ଼ିଥାଏ । ଏହା ପୂର୍ବରୁ ଛବିରାଣୀ ଠାରୁ ଅଞ୍ଜନା, ଇତିଶ୍ରୀଙ୍କ ଠାରୁ ବେବିନା, ମମିତା ଠାରୁ ସ୍ମିତାଶ୍ରୀ ପର୍ଯ୍ୟନ୍ତ ଅନେକ ଘଟଣା ଏଯାଏ ଅମିମାଂଶୀତ ହୋଇରହିଯାଇଛି । ତେବେ ଓଡ଼ିଶାର ପ୍ରତିଟି ବ୍ୟକ୍ତି ଆଜି କାନ୍ଦୁଛନ୍ତି ଏବଂ ଆତଙ୍କିତ ଅବସ୍ଥାରେ ଅଛନ୍ତି ଝିଅଟିଏ ଥିବା ବାପାମାଆମାନେ । ସୌମ୍ୟାଶ୍ରୀଙ୍କ ଆତ୍ମାହୁତ ପରଠାରୁ ବିଶେଷକରି ବିଜେଡ଼ି ଓ କଂଗ୍ରେସ ଭିତରେ ରାଜ୍ୟ ରାଜନୀତି ଚଳଚଂଚଳ ହୋଇଯାଇଛି । ଦୋଷ ଦେବାର ପର୍ବ ଆରମ୍ଭ ହୋଇଯାଇଥିବା ବେଳେ ସାମାନ୍ୟତମ ଚିନ୍ତା କେହି ବି କରିନଥିଲେ ଯେ ଯଥେଷ୍ଟ ପୂର୍ବରୁ ସାହାସୀ ଝିଅର ଅଭିଯୋଗକୁ ଗୁରୁତ୍ୱ ଦେଇଥିଲେ ଏହି ଘଟଣା ରୋକାଯାଇ ପାରିଥାନ୍ତା । ଆଜି ୨୪ ବର୍ଷ ଶାସନ କ୍ଷମତାରେ ଥିବା ବିଜେଡ଼ି ନେତା ନବୀନ ବାବୁ ମୋହନ ସରକାରଙ୍କ ବିଫଳ ବ୍ୟବସ୍ଥା ପାଇଁ ଝିଅଟି ଜୀବନ ହାରିଦେଲା ବୋଲି କହୁଛନ୍ତି ହେଲେ ଛୁଂଚ୍ କହୁଛି ଚାଲୁଣୀ କି ଯେ ତାଙ୍କ ସରକାର ଅମଳରେ ଏ ତାଲିକା ବହୁତ ଲମ୍ବା । ସୌମ୍ୟାଶ୍ରୀଙ୍କ ଜୀବନ ଦୀପ ନିର୍ବାପିତ ହୋଇଗଲା ପରେ ବିରୋଧୀଙ୍କ ଭିତରେ ହାଉଡ଼ାମା ଆରମ୍ଭ ହୋଇଗଲା । ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୁଯୋଗ ପାଇଥିବାରୁ ରାଜନୀତିକ ରୁଟି ସେକି ସୌମ୍ୟାଶ୍ରୀଙ୍କ ମୃତ୍ୟୁ ବିଜେପି ବ୍ୟବସ୍ଥା ଦ୍ୱାରା ହତ୍ୟା ବୋଲି ଅଭିଯୋଗ କରିଛନ୍ତି । ତେବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତୁରନ୍ତ ଏହାର ଜବାବ ରଖିଛନ୍ତି । ରାଜନୀତି ନକରି ବ୍ୟବସ୍ଥାରେ ଥିବା ତ୍ରୁଟିକୁ ସଜାଡ଼ି ଲୋକଙ୍କ ମନରେ ଥିବା ଭୟ ଓ ଚିନ୍ତାକୁ ଦୂର କରିବା ବର୍ତ୍ତମାନ ସମୟର ସବୁଠୁ ବଡ଼ ଆହ୍ୱାନ । ସରକାର କୋଟି କୋଟି ଟଙ୍କା ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମ ପାଇଁ ଖର୍ଚ୍ଚ କରୁଛନ୍ତି । ସରକାରଙ୍କ ଚାଳିଶିଟି ସରକାରୀ ବିଭାଗ ରହିଛି । ଏହି ସମସ୍ତ ବିଭାଗର ଏକ୍ସ ଫେସବୁକ, ଇନଷ୍ଟାଗ୍ରାମ ଆଦି ସାମାଜିକ ଗଣମାଧ୍ୟମ ଆକାଉଣ୍ଟ ଅଛି । ଯାହାପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି । ସାଧାରଣ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣାଣି ନିମନ୍ତେ ମୋ ସରକାର ବ୍ୟବସ୍ଥା ମଧ୍ୟ ରହିଛି । ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ନିଜକୁ ସକ୍ରିୟ କରି ଆପତ୍ତି ଅଭିଯୋଗ ଶୁଣାଣି ପାଇଁ ଗମ୍ଭୀରତାର ସହ ଘଟଣାକୁ ନିଆଗଲେ ସୌମ୍ୟାଶ୍ରୀ ପରି ଘଟଣା ଆଉ ଦେଖିବାକୁ ମିଳିବ ନାହିଁ । ଲୋକମାନଙ୍କର ଅଭିଯୋଗ ସମାଧାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ସାମାଜିକ ଗଣମାଧ୍ୟମର ରହିଛି । ଏ କ୍ଷେତ୍ରରେ ବିରୋଧୀ ଦଳ ରାଜନୀତି ନକରି ବରଂ ଗଠନ ମୂଳକ ପ୍ରସ୍ତାବ ଓ ଆହ୍ୱାନକୁ ଗ୍ରହଣ କରି ଆଗକୁ ଏପରି କିପରି ଅଘଟଣ ନ ହୋଇପାରିବ ସେ ଦିଗରେ ଯତ୍ନବାନ ଜରୁରୀ । ଆଶା କରାଯାଉଛି ପୂର୍ବ ସରକାର ସମୟରୁ ଚାଲି ଆସିଥିବା ଏଭଳି ଅଘଟଣ ଉପରେ ସରକାର ଓ ସାଧାରଣ ଲୋକେ ଅଙ୍କୁଶ ଲଗାଇବା ପାଇଁ ଚେଷ୍ଟା କରିବେ । ଓଡ଼ିଶାରେ ଆଜି ଡବଲ ଇଞ୍ଜିନ ସରକାର, ଲୋକଙ୍କ ସରକାର ଡବଲ ବିକାଶ ଭିତରେ ଓଡ଼ିଶା ମୁଣ୍ଡରେ ଲାଗିଥିବା କଳଙ୍କର ଏହି ଦାଗକୁ ଲିଭାଇବାର ଉଦ୍ୟମ ମୋହନ ସରକାର ଆନ୍ତରିକ ଭାବେ ଏକ ଦୂରଦୃଷ୍ଟି ସମ୍ପନ୍ନ ନିଷ୍ପତ୍ତି ନେଇ କାର୍ଯ୍ୟକାରୀ କଲେ ଏହା ହେବ ଅଗ୍ନୀ କନ୍ୟା ସାହାସୀ ଝିଅ ସୌମ୍ୟାଶ୍ରୀଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ ।

ଯାଜପୁର ରୋଡ଼, ଯାଜପୁର,
ଦୂରଭାଷ;୯୯୩୮୫୩୬୦୭୬

ଶେଷ ପର୍ଯ୍ୟାୟରେ ବସ୍ ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ, ମିଳିଲାନି ଆବଶ୍ୟକ ଜମି ଫେରିଯିବ ଟଙ୍କା

ଜି.ଉଦୟଗିରି, ୨୪/୧୧ (ଆ.ପ୍ର): କନ୍ଧମାଳ ଜିଲ୍ଲାର ସବୁ ଛୋଟ ବଡ଼ ସହରରେ ଯାତ୍ରୀ ମାନଙ୍କ ସୁବିଧା ଓ ସୁରକ୍ଷିତ ଯାତ୍ରା ନିମନ୍ତେ ବସଷ୍ଟାଣ୍ଡ ଥିବା ବେଳେ ଜି.ଉଦୟଗିରି ପରି ଏକ ପୁରୁଣା ସହରରେ ବସଷ୍ଟାଣ୍ଡ ଟିଏ ନ ରହିବା ପରିତାପର ବିଷୟ ଥିଲା । ଅଂଚଳବାସୀଙ୍କ ଅନେକ ଥର ଦାବି ପରେ ୨୦୨୪ ମାର୍ଚ୍ଚ ମାସରେ ତତକାଳୀନ ରାଜ୍ୟ ସରକାର ଶ୍ରୀରାମ ପଡା ଠାରେ ଆମ ବସ ଷ୍ଟାଣ୍ଡ ଯୋଜନାରେ ବସ ଷ୍ଟାଣ୍ଡ ନିର୍ମାଣ ପାଇଁ ଘୋଷଣା କରିଥିଲେ । ସରକାରଙ୍କ ନିର୍ଦ୍ଦେଶ କ୍ରମେ ପରିବହନ ବିଭାଗ ଅଧୀନରେ ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ୯ କୋଟି ୯୪ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ । ପରିଶେଷ ଅନ୍ତର୍ଗତ ଶ୍ରୀରାମ ପଡା ଠାରେ ତିନି ଏକର ଜମିରେ ସମସ୍ତ ସୁବିଧା ଥାଇ ଏକ ଆଧୁନିକ ଶୈଳୀରେ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଡିପିଆର ପ୍ରସ୍ତୁତ କରାଯାଇଥିଲା । ବସଷ୍ଟାଣ୍ଡ ନିର୍ମାଣ ପାଇଁ ପୋଲିସ ହାଉସିଂ କର୍ପୋରେସନକୁ ଦାୟିତ୍ୱ ଦେଇ ଅର୍ଥ ମଂଜୁର କଲେ । କିନ୍ତୁ ଦୁଃଖର ବିଷୟ ରାଜସ୍ୱ ବିଭାଗ ବସ ଷ୍ଟାଣ୍ଡ ନିର୍ମାଣ ପାଇଁ ୩ ଏକର ପରିବର୍ତ୍ତେ ମାତ୍ର ୧.୬୦ ଏକର ଜାଗା ପ୍ରଦାନ କଲେ ଯାହା ଫଳରେ ପୂର୍ଣ୍ଣାଙ୍ଗ ବସଷ୍ଟାଣ୍ଡ ନିର୍ମାଣ ସମ୍ଭବ ହେଲା ନାହିଁ । ୩ ଏକର ଜାଗାରେ ବସ ଷ୍ଟାଣ୍ଡ ନିର୍ମାଣ ପାଇଁ ହୋଇଥିବା ଡିପିଆରକୁ ପରିବର୍ତ୍ତନ କରି ୧.୬୦ ଏକର ଜାଗା ପାଇଁ ନୂତନ ଡିପିଆର ପ୍ରସ୍ତୁତ କରାଯାଇ ନିର୍ମାଣ କାମ କରାଗଲା । ରାଜ୍ୟ ପରିବହନ ବିଭାଗ ଓ ରାଜସ୍ୱ ବିଭାଗ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁଁ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଆବଶ୍ୟକ ଜାଗା ନ ମିଳିବା ଫଳରେ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଆସିଥିବା ଟଙ୍କାରୁ ୩ କୋଟି ଟଙ୍କା ଫେରିଯିବାକୁ ବସିଲାଣି । ଯାହା ଜାଗା ମିଳିଲା ସେଥିରେ ନିର୍ମାଣ କାମ ଶେଷ ପର୍ଯ୍ୟାୟରେ ପହଂଚିଛି କିନ୍ତୁ ବର୍ତ୍ତମାନ ନିର୍ମିତ ବସଷ୍ଟାଣ୍ଡ ରେ ବସ ରହିବା ପାଇଁ ଆବଶ୍ୟକ ସ୍ଥାନ ନାହିଁ କେବଳ ଗୋଟିଏ ବ୍ୟବସାୟ ମଣ୍ଡି ପରି ହୋଇଛି । ଲୋକଙ୍କ ଦୀର୍ଘ ଦିନର ବସଷ୍ଟାଣ୍ଡ ସ୍ୱପ୍ନ ସ୍ୱପ୍ନରେ ରହିଯିବା ପରି ଲାଗୁଛି । ତେଣୁ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ବସଷ୍ଟାଣ୍ଡ ପାଇଁ ଆବଶ୍ୟକ ଜମି ଯୋଗାଇ ଏକ ପୂର୍ଣ୍ଣାଙ୍ଗ ବସଷ୍ଟାଣ୍ଡ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି । ବସଷ୍ଟାଣ୍ଡକୁ ନେଇ ରାଜନୀତି ମଧ୍ୟ ଆରମ୍ଭ ହୋଇଗଲାଣି ପୂର୍ବ ସରକାର ଅମଳରେ ଏହି ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିବା ଯୋଗୁ ଏଇ ସରକାର ଅମଳରେ ଆବଶ୍ୟକ ଜାଗା ନେଇ ପ୍ରତିବନ୍ଧକ ଦେଖାଯାଇଛି ବୋଲି ବୁଦ୍ଧିଜିବୀ ମହଲରେ ଆଲୋଚନା ହେଉଛି । ତେଣୁ ରାଜସ୍ୱ ବିଭାଗ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଆବଶ୍ୟକ ଜାଗା ଯୋଗାଇ ବସଷ୍ଟାଣ୍ଡ ନିର୍ମାଣ ସମ୍ପୂର୍ଣ୍ଣ କରିବାକୁ ସାଧାରଣରେ ଦାବି ହେଉଛି ।

ସିନାପାଲି ବ୍ଲକ୍‌ରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ସିନାପାଲି, ୨୪/୧୧ (ଆ.ପ୍ର) : ସିନାପାଲି ବ୍ଲକ ସଭାଗୃହ ଠାରେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ କ୍ଷମାନିଧି ଭୋଇ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ଃ ଧନେଶ୍ୱର ସେଠୀ, ବ୍ଲକ୍ ଅଧ୍ୟକ୍ଷା ମାଧୁରୀ ମାଝୀ, ଉପାଧ୍ୟକ୍ଷା ମୀନା ଘିବେଲା, ବିଡ଼ିଓ କାର୍ମୀ ଓରାମ, ତହସିଲଦାର ଉପାଞ୍ଜଳୀ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ଡେପୁଟୀ କଲେକ୍ଟର ଚିନ୍ମୟ ସାଗର, ଶେଖ୍ ନସୀମ, ହେମନ୍ତ ପୁଟା ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଶିବିରରେ ନୂଆପଡାର ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ଲାଇନ୍ ବିଭାଗ ଅଧିକାରୀ ଉପସ୍ଥିତ ରହି ୬୪ ଟି ବିଭିନ୍ନ ଅଭିଯୋଗ ସମାଧାନରେ ସାମିଲ ହୋଇଥିଲେ । ଶିବିରରେ ଚଟିଆଗୁଡ଼ା ଗାଁର ବୃଦ୍ଧ କୀର୍ତ୍ତନ ବାଗଙ୍କୁ ଦଶ ହଜାର ଟଙ୍କା ଏବଂ ଗମ୍ଭାରୀଗୁଡ଼ା ଗାଁର ଭିନ୍ନକ୍ଷମ ଝିଅ ଭୂମିସୁତା ମେହେରଙ୍କୁ ପାଂଚ ହଜାର ଟଙ୍କାର ତତ୍କାଳ ସହାୟତା ରେଡକ୍ରସ୍ ପାଣ୍ଠିରୁ ଜିଲ୍ଲାପାଳ ପ୍ରଦାନ କରିଥିଲେ । ଚାରପାଲି ଗାଁର ବୃଦ୍ଧା କ୍ଷମତି ତେଜିଙ୍କ ପୁଅର ବ୍ୟାଙ୍କ୍ ଋଣ ବାକି ଥିବାରୁ ହାତୀବନ୍ଧା ୟୁଜିବି ମ୍ୟାନେଜର ତାଙ୍କର ବାର୍ଦ୍ଧକ୍ୟ ଭତ୍ତା ରୋକି ଦେଇଥିବା ଅଭିଯୋଗ କରିଥିଲେ । ଜିଲ୍ଲାପାଳ ଅଭିଯୋଗ ଶିବିରରୁ ବୃଦ୍ଧାଙ୍କ ବାର୍ଦ୍ଧକ୍ୟ ଭତ୍ତା ବକେୟା ସହିତ ତୁରନ୍ତ ପ୍ରଦାନ କରିବା ପାଇଁ ମେନେଜରଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ, ଯାହାକି ତୁରନ୍ତ କାର୍ଯ୍ୟକାରୀ ହୋଇଥିଲା । କୁସୁମଯୋର ଗାଁରୁ ସିନାପାଲି କଲେଜ୍ ଯାଏଁ ସରକାରୀ ବସ୍ ଚଳାଚଳ କରିବା ପାଇଁ କଲେଜ୍ ଛାତ୍ରଛାତ୍ରୀମାନେ ଅନୁରୋଧ କରିବାରୁ ଜିଲ୍ଲାପାଳ ଏହାକୁ ଅନୁମୋଦନ କରିଥିଲେ । ଉକ୍ତ ଶିବିରରେ ସିନାପାଲି ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଂଚାୟତ ତଥା ଗ୍ରାମ ଗୁଡିକରୁ ବିଭିନ୍ନ ସମସ୍ୟା ଆଧାରିତ ଅଭିଯୋଗ ଶୁଣାଣି ହୋଇଥିଲା । ଜନ ଶୁଣାଣି ଶିବିର ଉପଲକ୍ଷେ ଟିମନପୁର ପଂଚାୟତରେ ଏକ ରକ୍ତଦାନ ଶିବିର ଓ ଜନସାଧାରଣଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା । ପରେ ଟିମନପୁର ଗ୍ରାମ ପଂଚାୟତରେ ପ୍ରବାସୀ ଶ୍ରମିକ ନିରାକରଣ ନିମିତ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା । ଏହି ଗ୍ରାମ ପଂଚାୟତରେ ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ ତରଫରୁ ଗୃହପାଳିତ ପଶୁପକ୍ଷୀଙ୍କ ପାଇଁ ଏକ ଚିକିତ୍ସା ଶିବିର ମଧ୍ୟ ଆୟୋଜିତ ହୋଇଥିଲା । ଏଠାରେ ୪୪ ଟି ବଡ଼ ଏବଂ ୧୭୮ ଟି ଛୋଟ ଗୃହପାଳିତ ପଶୁପକ୍ଷୀଙ୍କ ଚିକିତ୍ସା , ୧୦୦ ଟି ପଶୁଙ୍କ ଟୀକା କରଣ ଏବଂ ୪ ଟି ପଶୁଙ୍କ ଇନ୍ସୁରେନ୍ସ କରାଯାଇଥିଲା । ବିଭିନ୍ନ ଗଣ ମାଧ୍ୟମ ପ୍ରତିନିଧି ଶିବିରର ସମ୍ବାଦ ସଂଗ୍ରହ କରିଥିଲେ ।

ହାଇକୋର୍ଟ ବିଚାରପତିଙ୍କ ଏରସମା କୋର୍ଟ ପରିଦର୍ଶନ

ଏରସମା, ୨୪/୧୧ (ଆ.ପ୍ର) : ଓଡିଶା ଉଚ୍ଚନ୍ୟାୟାଳୟ ବିଚାରପତି ମାନସ ରଞ୍ଜନ ପାଠକ, ରବିବାର ପୂର୍ବାହ୍ନରେ ଏରସମା କୋର୍ଟ ପରିଦର୍ଶନ କରିଛନ୍ତି । ଏରସମା ଓକିଲ ସଂଘ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା । ଏହି ଅବସରରେ ଶ୍ରୀ ପାଠକ ଏରସମା ଦେୱାନି ତଥା ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରୋଶ୍ନି ବାଳା ସେନାପତି ଓ ଆଇନଜୀବୀ ମାନଙ୍କ ଉପସ୍ଥିତିରେ କୋର୍ଟର ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ଦୀର୍ଘ ସମୟ ଆଲୋଚନା କରିଥିଲେ । ପରେ କୋର୍ଟ ପରିସରକୁ ବୁଲି ଦେଖିଥିଲେ । ବିଚାରପତିଙ୍କ କୋର୍ଟ ପରିଦର୍ଶନ କାଳରେ ଜଗତସିଂହପୁର ଜିଲ୍ଲା ଦୌରାଜଜ୍ ପ୍ରଦ୍ୟୁମ୍ନ କୁମାର ନାୟକ, ଜିଲ୍ଲା ରେଜିଷ୍ଟ୍ରାର ବିଶ୍ୱକଳ୍ପିତା ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ । ଏରସମା ଓକିଲ ସଂଘ ଉପସଭାପତି ତଥା ଭାରା ପ୍ରାପ୍ତ ସଭାପତି ପ୍ରଭାତ କୁମାର ବେହିରା, ସମ୍ପାଦକ ମୁରଲୀଧର ମଲ୍ଲିକ, ବରିଷ୍ଠ ଆଇନଜୀବୀ ପ୍ରତାପ କୁମାର ରାଉତ, ଅକ୍ଷୟ ମହାନ୍ତି, ଚିଦାନନ୍ଦ ସ୍ୱାଇଁ, ନିକୁଞ୍ଜ କିଶୋର ସ୍ୱାଇଁ, ଅକ୍ଷୟ ସ୍ୱାଇଁ, ମିତ୍ରଭାନୁ ମଲ୍ଲ, ସୁରେଶ ଚନ୍ଦ୍ର ନାୟକ, ହରିହର ଓଝା, ପ୍ରତାପ ଚନ୍ଦ୍ର ସାହୁ ଓ ରଞ୍ଜନ ସାମଲ ପ୍ରମୁଖ ଆଇନଜୀବୀ ମାନେ ବିଚାରପତି ଶ୍ରୀ ପାଠକଙ୍କୁ ସ୍ୱାଗତ କରିଥିଲେ ।

ପିଏମଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କଲେ ଜିଲ୍ଲାପାଳ

ଖଣ୍ଡପଡ଼ା, ୨୪/୧୧ (ଆ.ପ୍ର) : ନୟାଗଡ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଖଣ୍ଡପଡ଼ା ବ୍ଲକ ଅଂଚଳକୁ ସୋମବାର ଗସ୍ତରେ ଆସିଥିବା ଅବସରରେ ପିଏମଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ବିଦ୍ୟାଳୟର ପ୍ରାକୃତିକ ପରିବେଶ ଓ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାର ସୁପରିଚାଳନା ନେଇ ଜିଲ୍ଲାପାଳ ଆନନ୍ଦ ପ୍ରକାଶ କରିଥିଲେ । କମ୍ପ୍ୟୁଟର ଶ୍ରେଣୀ କକ୍ଷରେ ଛାତ୍ରଛାତ୍ରୀମାନଙ୍କ ସହ କିଛି ସମୟ ଧରି ଜିଲ୍ଲାପାଳ ଆଲୋଚନା କରିବା ସହ ସେମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ । ଡିଜିଟାଲ ଶିକ୍ଷାର ପ୍ରସାର ଉପରେ ସର୍ବଦା ଗୁରୁତ୍ୱ ଦେଇ ଆସୁଥିବା ଜିଲ୍ଲାପାଳ ଛାତ୍ରଛାତ୍ରୀମାନଙ୍କ କମ୍ପ୍ୟୁଟର ସମ୍ବନ୍ଧିତ ଦକ୍ଷତା ଦେଖି ଆନନ୍ଦ ପ୍ରକାଶ କରିବା ସହ ବିଦ୍ୟାଳୟରେ 'ଦୀପ' କାର୍ଯ୍ୟକ୍ରମର ସଫଳ ରୂପାୟନ ହୋଇ ପାରିଥିବା ନେଇ ଅନୁଭବ କରିଥିଲେ । ଜିଲ୍ଲାପାଳଙ୍କ ବିଦ୍ୟାଳୟ ପରିଦର୍ଶନ ସମୟରେ ଜିଲ୍ଲା ଶିକ୍ଷାଧିକାରୀ ଚିତରଞ୍ଜନ ପାଣ୍ଡେ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଗୀତାଞ୍ଜଳି ସାହୁ, ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ଲିସା ନନ୍ଦ, ଖଣ୍ଡପଡ଼ା ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ, ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କର, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ କଳିଙ୍ଗ ଚନ୍ଦ୍ର ନାୟକ ଓ ପ୍ରଦୀପ କୁମାର ସାହୁ, ଶିକ୍ଷକ ବିଶ୍ୱମ୍ଭର ପ୍ରଧାନ, ଅନିଲ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶଥାଉକି ଚଳିତ ଶିକ୍ଷାବର୍ଷ ଠାରୁ ନୟାଗଡ ଜିଲ୍ଲାର ସମସ୍ତ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାପାଳଙ୍କ ପ୍ରେରଣା କ୍ରମେ ଏହି 'ଦୀପ' କାର୍ଯ୍ୟକ୍ରମ ଚାଲୁ ରହିଥିବା ଜଣାପଡିଛି ।

ଚନ୍ଦ୍ରପୁର ବ୍ଲକ ସଦର ମହକୁମା ଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ରାୟଗଡ଼ା / ଚନ୍ଦ୍ରପୁର, ୨୪/୧୧ (ଆ.ପ୍ର) : ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ ଚନ୍ଦ୍ରପୁର ବ୍ଲକସଦର ମହକୁମାସ୍ଥିତ ସଦଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଛି । ରାୟଗଡା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପ ଜିଲ୍ଲାପାଳ, ଦୁଧଲେନ ଅଭିଷେକ ଦିଲ୍ଲୀପ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସରୋଜିନୀ ଦେବୀ, ଚନ୍ଦ୍ରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ କାନ୍ତ ବଘାଇ, ତହସିଲଦାର ସୁନୀଲ, କୁମାର ପ୍ରଧାନ ସମିତି ଅଧ୍ୟକ୍ଷ କୋୟାନ କିମ୍ବାକା ଉପସ୍ଥିତ ରହି ଜନସାଧାରଣଙ୍କୁ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ । ଆଜି ମୋଟ ୪୫ଟି ଅଭିଯୋଗ ଅତିରିକ୍ତ ଜିଲ୍ଲାପାଳ ଗ୍ରହଣ କରିଥିଲେ । ସେଥି ମଧ୍ୟରୁ ୨୬ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୧୯ଗୋଟି ଗ୍ରାମ ବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା । ଏହି ଅଭିଯୋଗ ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଆଜିର ଅଭିଯୋଗ ଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ।

ଧର୍ମଗଡ଼ ଠାରେ ଏକତା ପଦଯାତ୍ରା ଅନୁଷ୍ଠିତ

ଧର୍ମଗଡ଼, ୨୪/୧୧ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଠାରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଏକତା ପଦଯାତ୍ରା ଭଣ୍ଡାରଘରଣୀ ମନ୍ଦିର ଠାରୁ ଫୋର ୱେ ଛକ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା । ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏକ ଭାରତ ଓ ଶ୍ରେଷ୍ଠ ଭାରତର ପ୍ରତୀକ ଥିଲେ । ରାଷ୍ଟ୍ର ଭକ୍ତ, ଜାତୀୟତାବାଦୀ ଓ ଅଖଣ୍ଡ ଭାରତ ଗଠନରେ ସର୍ଦ୍ଦାରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ଲୋକ ସମ୍ପର୍କ ବିଭାଗ, ଜିଲ୍ଲା ନେହେରୁ ଯୁବ କେନ୍ଦ୍ର, ଏବଂ ପ୍ରଶାସନ ପକ୍ଷରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ କଳାହାଣ୍ଡି ସାଂସଦ ମାଳବିକା ଦେବୀଙ୍କ ସହ ଧର୍ମଗଡ଼ ବିଧାୟକ ସୁଧୀର ରଂଜନ ପାଟଯୋଶୀ, ଅତିରିକ୍ତ ଜିଲ୍ଲାପାଳ ଚିନ୍ମୟ ଦରୱାନ, ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ଏନଏସି ଅଧ୍ୟକ୍ଷ ଅଶୋକ ମହାନ୍ତି, ବିଡ଼ିଓ ସଦାଶିବ ନାୟକ, ତହସିଲଦାର କୀର୍ତ୍ତୀ ପ୍ରଧାନ, ଗୋଷ୍ଠୀ ଶିକ୍ଷା ଅଧିକାରୀ ପଙ୍କଜିନି ମାଝୀ ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମକୁ ଭଣ୍ଡାରଘରଣୀ ମନ୍ଦିର ଠାରେ ଉଦଘାଟନ କରିବା ସହ ପଦଯାତ୍ରାରେ ସାମିଲ ହୋଇଥିଲେ । ବିଭିନ୍ନ ବିଦ୍ୟାଳୟ, ମହା ବିଦ୍ୟାଳୟ, ଏନସିସି କ୍ୟାଡେଟ୍, ଯୁବ ସଂଗଠନର ସଦସ୍ୟ, ପୁଲିସ୍, ଏହି ଶୋଭାଯାତ୍ରାରେ ସାମିଲ୍ ହୋଇ ବନ୍ଦେ ମାତରମ୍ ସହ ଦେଶାତ୍ମବୋଧକ ନାରା ଦେଇଥିଲେ । ଏହି ଅବସରରେ ସାଂସଦ କହିଥିଲେ ଯେ, ଏକତା ସୂତ୍ରରେ ରହିଲେ ଦେଶର ବିକାଶ ଓ ଉନ୍ନତି ସମ୍ଭବ ବୋଲି କହିଥିଲେ । ସର୍ଦ୍ଦାରଙ୍କ ବୀରତ୍ୱ, ଦେଶପ୍ରେମ ଓ ସାହସକୁ ସମ୍ମାନ ଜଣାଇ ବଲ୍ଲଭଭାଇଙ୍କୁ ଆଦର୍ଶ ମାନୁଥିବା ପ୍ରଧାନମନ୍ତ୍ରୀ ମୋଦି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଲୌହମୂର୍ତ୍ତି ପ୍ରତିଷ୍ଠା କରିଥିଲେ । ଏଥିପାଇଁ ଦେଶବ୍ୟାପି ପ୍ରତିଟି ଗ୍ରାମରୁ ଲୁହା ସଂଗୃହିତ ହୋଇଥିଲା । ଚଳିତ ବର୍ଷ ମଧ୍ୟ ବନ୍ଦେ ମାତରମ ସଙ୍ଗୀତର ୧୫୦ବର୍ଷ ପୂର୍ତ୍ତିକୁ ସରକାର ପାଳନ କରୁଛନ୍ତି । କାରଣ ଏହି ସଙ୍ଗୀତ ଭାରତର ଏକତା ଓ ସଂହତିର ଉଦାହରଣ । ଲୌହ ମାନବଙ୍କ ଜୀବନ ଆମକୁ ଆଦର୍ଶ, ଉନ୍ନତ ରାଷ୍ଟ୍ର ନିର୍ମାଣର ପ୍ରେରଣା ଦିଏ । ଅତିରିକ୍ତ ଜିଲ୍ଲାପାଳ ସମସ୍ତଙ୍କୁ ଆତ୍ମନିର୍ଭର ଭାରତର ଶପଥ ପାଠ କରାଇ ଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ।

ଅବକାରୀ ବିଭାଗର ଚଢ଼ାଉରେ ୩୨ ଲିଟର ଦେଶୀ ହାତ ରନ୍ଧା ମଦ ସହ ଜଣେ ଆସାମୀ ଗିରଫ

ନବରଙ୍ଗପୁର, ୨୪/୧୧ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଓ ଅବକାରି ନିରୀକ୍ଷକ ଦିଲ୍ଲୀପ କୁମାର ରଥଙ୍କ ନେତୃତ୍ୱରେ, ଖାତିଗୁଡ଼ା ଥାନା ଅର୍ନ୍ତଗତ ଦୁଇଟି ସ୍ଥାନରେ ଚଢାଉ କରି ୩୨ଲିଟର ଦେଶୀ ହାତ ରନ୍ଧା ମଦ ଜବତ କରିଛି ଅବକାରୀ ବିଭାଗ । ବିରୀଗୁଡା ଗ୍ରାମରେ ଚଢ଼ାଉ କରି, ଜଣେ ପୁରୁଷ ଆସାମୀ ନିକଟରୁ ୧୪(ଚଉଦ) ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରାଯାଇ ଆସାମୀକୁ ଘଟଣା ସ୍ଥଳରେ ୩୫ BNSSରେ ଛାଡି ଦିଆ ଗଲା ଏବଂ ଖାତି ଗୁଡା ଥାନା ଅନ୍ତର୍ଗତ ଲାଉଗୁଡା ଗ୍ରାମରେ ଚଢ଼ାଉ କରି ଜଣେ ପୁରୁଷ ଆସାମୀ ନିକଟରୁ ୧୮ (ଅଠର) ଲିଟର ଚୋରା ଦେଶୀ ରନ୍ଧା ମଦ ଜବତ କରାଯାଇ ଆସାମୀକୁ SDJMu ଅଦାଲତରେ ହାଜର କରାଯାଇଛି । vide PR No- ୯୫/୨୦୨୫-୨୬ ଓ ୯୬/୨୦୨୫-୨୬ of Inspetor of Excise Nabarang pur Rangeରେ ମକଦ୍ଦମା ରୁଜୁ କରାଯାଇଛି । ଏହି ଚଢାଉରେ ରଞ୍ଜି ଜାନି, ରିସମା ସୁନା ଓ ଅକ୍ରମ ଖାନ ସହଯୋଗ କରି ଥିଲେ ।

ଜିଲ୍ଲାସ୍ତରୀୟ ସର୍ଗିଫୁଲ୍ ସାନ୍ଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଯାପିତ

ପାପଡାହାଣ୍ଡି, ୨୪/୧୧ (ଆ.ପ୍ର) : ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲକାଙ୍କ ସଭାପତିତ୍ୱରେ ପାପଡାହାଣ୍ଡି ବାଳିକା ବିଦ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମର ସମାପନ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମାନ୍ୟବର ମନ୍ତ୍ରୀ ଗଣ ଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ପଛୁଆ ବର୍ଗ ଲଘୁ ସମ୍ପ୍ରଦାୟ ସାମାଜିକ ସୁରକ୍ଷା ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ, ମୁଖ୍ୟ ଅତିଥି ଭାବରେ ଯୋଗଦେଇ ନିଜ ଅଭିଭାଷଣ ରେ ଛାତ୍ର ଛାତ୍ରୀଙ୍କୁ ଉଦବୋଧନ ଦେଇ ସଫଳତାର ଚାବିକାଠି ନିଜ ହାତରେ ଅଛି ବୋଲି କହିଥିଲେ । ସେହିପରି ଅନ୍ୟତମ ଅତିଥି ଭାବରେ ସାଂସଦ ପ୍ରତିନିଧି ସୋମନାଥ ପୂଜାରୀ, ପ୍ରକଳ୍ପ ପ୍ରଶାସକ ରାଜୀବ ଲୋଚନ ସାହୁ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ, ନିବେଦିତା ବିଶ୍ୱାଳ, ସତ୍ୟବ୍ରତ ବେହେରା, ପାପଡ଼ହାଣ୍ଡି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତୀ ବେହେରା ମଂଚାସିନ ଥିଲେ । ସଭାପତିତ୍ୱ ଅଭିଭାଷଣରେ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ପଲକା କହିଥିଲେ ଛାତ୍ର ଛାତ୍ରୀ ପାଠ ପଢ଼ିଲେ ନିଜର ବିକାଶ କରିବା ସାଥେ ସାଥେ ସମାଜର ବିକାଶ କରିପାରିବେ । କାର୍ଯ୍ୟକ୍ରମ ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ର ଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଦଳଗତ ନୃତ୍ୟ ପ୍ରତିଯୋଗିତାରେ ସନ୍ତୋଷପୁର ଉଚ୍ଚ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରି ଥିବା ବେଳେ ଏକକ ନୃତ୍ୟ ପ୍ରତିଯୋଗିତା ରେ ବରିଷ୍ଠ ବିଭାଗରେ କର୍ଚ୍ଚାମାଲ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ତୁଳସୀ ଭତରା କନିଷ୍ଠ ବିଭାଗରେ ଅନ୍ୱେଷା ବିଦ୍ୟାଳୟ ର ଭାଗ୍ୟ ଜ୍ୟୋତି ହରିଜନ ପ୍ରମୁଖ ରାଜ୍ୟ ସ୍ତରୀୟ ସର୍ଗି ଫୁଲ କାର୍ଯ୍ୟକ୍ରମରେ ଭାଗ ନେବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି , ସେହିପରି ଭଜିବଲ୍ ପ୍ରତିଯୋଗିତାରେ ବାଳିକା ବିଭାଗରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କର୍ଚ୍ଚାମାଲ, ବାଳକ ବିଭାଗରେ ବଡମସିଙ୍ଗି ଉଚ୍ଚ ବିଦ୍ୟାଳୟ ବିଜୟ ହାସଲ କରିଛନ୍ତି । ବିଜ୍ଞାନମେଳା ରେ ପ୍ରଥମ ସ୍ଥାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କର୍ଚ୍ଚାମାଳ ସମେତ ୯ ଗୋଟି ବିଦ୍ୟାଳୟ କୃତକାର୍ଯ୍ୟ ହୋଇ କଳାହାଣ୍ଡି ଠାରେ ଅନୁଷ୍ଠିତ ହେବାକୁ ଥିବା ଜୋନାଲ ସ୍ତରୀୟ ବିଜ୍ଞାନ ମେଳା ରେ ଭାଗ ନେବେ । ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ବକ୍ତୃତା, ଚିତ୍ରାଙ୍କନ, ତର୍କ, ସୃଜନଶୀଳ ଲିଖନ, କୁଇଜ୍‌ର ବିଜେତା ମାନଙ୍କୁ ମଂଚରେ ପୁରସ୍କୃତ କରାଯାଇଥିଲା । ସେହିପରି ଅବସରପ୍ରାପ୍ତ ଜିଲ୍ଲା ମଙ୍ଗଳ ବିଭାଗର ଅବସର ପ୍ରାପ୍ତ କର୍ମଚାରୀ ମାନଙ୍କୁ ଉପଢୌକନ ଏବଂ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ସୂଚନା ଯୋଗ୍ୟ ଯେ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବ୍ଲକରୁ ତିନି ହଜାରରୁ ଅଧିକ ଛାତ୍ର ଛାତ୍ରୀଙ୍କ ସମାବେଶ ଦେଖିବାକୁ ମିଳିଛି । ଜିଲ୍ଲା ଇତିହାସ ରେ ପ୍ରଥମ ଥର ପାଇଁ ସର୍ଗିଫୁଲ ମଂଚରେ ୧୫୦ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ମଂଚ ସଂଚାଳନ କରି ଏକ ରେକର୍ଡ ସୃଷ୍ଟି କରିଛନ୍ତି । ନୃତ୍ୟ ପ୍ରତିଯୋଗିତା ର ବିଚାରକ ଭାବରେ ବିଶିଷ୍ଟ କଳାକାର ଫଲଗୁନି ପାତ୍ର ଯୁଗଳ ତ୍ରିପାଠୀ ଏବଂ ପଙ୍କଜ ଚୌଧୁରୀ ଯୋଗ ଦେଇଥିଲେ । ସାର୍ଗିଫୁଲ କାର୍ଯ୍ୟକ୍ରମ ପରିଚାଳନା କରିବାରେ ମଙ୍ଗଳ ବିଭାଗର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଜିଲ୍ଲା ମଙ୍ଗଳ ବିଭାଗର ବରିଷ୍ଠ ରାଜସ୍ୱ ସହାୟକ ଜିତେନ୍ଦ୍ର କୁମାର ଚୌଧରୀ, କାର୍ଯ୍ୟାଳୟ ସହାୟକ ପ୍ରକାଶ ବାରିକ ସମେତ ଅନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ ।

ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଯାଜପୁର ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା

ଯାଜପୁର, ୨୪/୧୧ (ଆ.ପ୍ର) : ଓଡିଶା ଉଚ୍ଚ ନ୍ୟାୟାଳୟ ଏବଂ ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଯାଜପୁର ପକ୍ଷରୁ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆଇନ ସେବା ପ୍ରାଧିକରଣ ଅନ୍ତର୍ଗତ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ସପ୍ତମରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜିଲ୍ଲା ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତା ଜିଲ୍ଲା ଏବଂ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ଅଧ୍ୟକ୍ଷତାରେ ହୋଇଥିବା ବେଳେ ରେଜିଷ୍ଟ୍ରାର, ମାନସ ରଞ୍ଜନ ସାମନ୍ତରାୟ, ବରିଷ୍ଠ ଦେୱାନୀ ବିଚାରପତି, (ଏଲଆର ଏବଂ ଏଲଟିଭି) ଲୋପାମୁଦ୍ରା ବେହେରା, ଦେୱାନୀ ବିଚାପତି, ସୁନିତା ବିଶ୍ୱାଳ, ଜେଏମଏଫସି, ମିସ ବୀଣାପାଣି ତାଣ୍ଡି ଯୋଗ ଦେଇ ପ୍ରତିଯୋଗିତାକୁ ସହଯୋଗ କରିଥିଲେ । ଏହି ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟରେ ସପ୍ତମ ରୁ ଦଶମ ଶ୍ରେଣୀରେ ପଢୁଥିବା ୩୭ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ଶ୍ରୀମତୀ ନେହା ଅଗ୍ରୱାଲ ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ପ୍ରାଧିକରଣର ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦ ସମସ୍ତ ପ୍ରତଯୋଗୀ ଛାତ୍ରଛାତ୍ରୀଙ୍କୁ ସମ୍ମାନମୂଳକ ପୁରସ୍କାର ଏବଂ ଅଂଶଗ୍ରହଣ ପ୍ରଶଂସାପତ୍ର ପ୍ରଦାନ କରିଥିଲେ । ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ହୋଇଥିବା ଚିତ୍ର ଗୁଡିକକୁ ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ ପଠାଯିବ ବୋଲି ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି ।

ମିଠା ବ୍ୟବସାୟୀଙ୍କ ପରଲୋକରେ ଦୁର୍ଗା ବଜାର ଠାରେ ଶୋକସଭା

ଦଶପଲ୍ଲା, ୨୪/୧୧ (ଆ.ପ୍ର) : ଦଶପଲ୍ଲା ଦୁର୍ଗା ବଜାର ଠାରେ ସୋମବାର ସନ୍ଧ୍ୟାରେ ଏକ ଶୋକସଭା ବଣିକ ସଂଘ ର ସଭାପତି ସନୋଜ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଦୁର୍ଗା ବଜାର ର ବିଶିଷ୍ଟ ମିଠା ବ୍ୟବସାୟି ଅଶୋକ କୁମାର ସାହୁଙ୍କର ଗତ କାଲି ଭୁବନେଶ୍ୱରର ଏକ ଘରୋଇ ମେଡିକାଲ ରେ ମୃତ୍ୟୁ ହୋଇଥିଲା । ଭୋର ସମୟରେ ତାଙ୍କର ମୃତ ଦେହ ନିଜ ବାସ ଭବନ ଦୁର୍ଗା ବଜାର ଠାରେ ପହଂଚିବା ପରେ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରାଯାଇଥିଲା । ତାଙ୍କ ମୃତ୍ୟୁରେ ଅପରାହ୍ନ ସମୟରେ ଦୁର୍ଗା ବଜାରର ସମସ୍ତ ଦୋକାନବଜାର ବନ୍ଦ ରହି ମଣ୍ଡପ ଠାରେ ଶୋକସଭା ଅନୁଷ୍ଠିତ କରାଯାଇଥିଲା । ଏଥି ରେ ବହୁ ବ୍ୟବସାୟି ଯୋଗଦାନ କରିଥିଲେ । ବହୁ ବକ୍ତା ତାଙ୍କର ଗୁଣାବଳୀ ଉପରେ ଉଦବୋଧନ ଦେଇଥିଲେ । ସେ ଜଣେ ବିଶିଷ୍ଟ ମିଠା ବ୍ୟବସାୟି ସହ କଳାକାର ଥିଲେ । ତାଙ୍କ ମୃତ୍ୟୁରେ ଉକ୍ତ ଅଂଚଳରେ ଶୋକରଛାୟା ଖେଳିଯାଇଛି ।

ସିଥୋ ଆରମ୍ଭ
SEITHO ARAMBHA

ନୂଆପଡ଼ା ଜିଲ୍ଲା ଟିମନପୁର ଗ୍ରାମ ପଂଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୂଆପଡ଼ା, ୨୪/୧୧ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଟିମନପୁର ଗ୍ରାମ ପଂଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର, ଝିଅ ପାଇଁ ଗଛଟିଏ, ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ, ପ୍ରାଣୀ ପାଇଁ ଦିନଟିଏ, ପକ୍ଷୀ ପାଇଁ ଦିନଟିଏ ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ଜିଲ୍ଲା ଅତିରିକ୍ତ ଉନ୍ନୟନ ଅଧିକାରୀ କ୍ଷମାନିଧି ଭୋଇ, ଉପ ଜିଲ୍ଲାପାଳ ସୁର୍ମି ସୋରେନ୍, ସିଡିଏମ୍ ଓ ଡଃ ଧନେଶ୍ୱର ସେଠୀ, ବିଡ଼ିଓ କାର୍ମୀ ଓରାମ, ତହସିଲଦାର ଉପାଞ୍ଜଳୀ ମାଝୀ, ବ୍ଲକ ଉପାଧ୍ୟକ୍ଷା ମୀନା ଘିବେଲା, ସ୍ଥାନୀୟ ସରପଂଚ ବୈକୁଣ୍ଠ ଦଣ୍ଡସେନା ପ୍ରମୁଖ ଅତିଥି ହିସାବରେ ଯୋଗଦେଇଥିଲେ । ସମାରୋହରେ ଜିଲ୍ଲାପାଳ ନବଜାତକ ଶିଶୁ କନ୍ୟା ସଞ୍ଜିତାଙ୍କୁ କୋଳରେ ଧରି ତା ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ସେମାନଙ୍କ ପିତାମାତାଙ୍କୁ ଉପହାର ସହିତ ନୂତନ ବୃକ୍ଷ ଚାରା ରୋପଣ ପାଇଁ ଦେଇଥିଲେ । ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଗାଁର ତିନି ଜଣ ଗର୍ଭବତୀ ମହିଳାଙ୍କୁ ଏହି ସମାରୋହରେ ଫଳମୂଳ, ପନିପରିବା, ପୁଷ୍ଟିକର ଖାଦ୍ୟ ଏବଂ ବିଭିନ୍ନ ଉପହାର ଅତିଥି ମାନେ ଭେଟି ଦେଇଥିଲେ । ଆଜିର ଏହି ନିଆରା କାର୍ଯ୍ୟକ୍ରମ ପାଇଁ ଟିମନପୁର ଗାଁ ଆନନ୍ଦ ମୁଖର ହୋଇ ଉଠିଥିଲା । ଛାତ୍ରୀ ମାନେ ସୁନ୍ଦର ସାଂସ୍କୃତିକ ନୃତ୍ୟଗୀତ ପରିବେଷଣ କରିଥିଲେ କ୍ଷଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରି ସଭା ପରିଚାଳନା କରିଥିଲେ । ସମାଜ ସଂବେଦନ ଶୀଳ ହେଲେ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ନିଜ ନିଜ ଦାୟୀତ୍ୱ ସୁଚାରୁ ରୂପେ ସମ୍ପାଦନ କଲେ ଜିଲ୍ଲାରୁ ପ୍ରବାସୀ ଶ୍ରମିକ ପ୍ରଥା ଦୂର ହୋଇ ପାରିବ ବୋଲି ସେ ଆଶା ପ୍ରକାଶ କରିଥିଲେ । ଜିଲ୍ଲାପାଳ କହିଲେଯେ ଏହି ପଂଚାୟତର କୌଣସିବି ପୁରୁଷ କିମ୍ବା ମହିଳା ପ୍ରବାସୀ ଶ୍ରମିକ ହିସାବରେ ଅନ୍ୟ ରାଜ୍ୟକୁ ଯାଆନ୍ତୁ ନାହିଁ । ନିଜ ଗାଁ ମାଟିରେ ରହି ମନରେଗା ଯୋଜନାରେ କାମ କରି ସବୁ ଶ୍ରମିକ ପରିବାର ଲକ୍ଷପତି ହୁଅନ୍ତୁ । ଚାଷୀ ଭାଇ ଭଉଣୀ ମାନେ ଉନ୍ନତପ୍ରଣାଳୀରେ ଚାଷ, ବଣିଜ କରନ୍ତୁ । ଏସବୁ କରିବା ପାଇଁ ଜିଲ୍ଲା ପ୍ରଶାସନ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇ ଦେବେ । ଆମେ ସମସ୍ତେ ମିଶି ଟିମନପୁର ପଂଚାୟତକୁ ପ୍ରବାସୀ ଶ୍ରମିକ ଓ ପ୍ଲାଷ୍ଟିକ୍ ମୁକ୍ତ କରି ପାରିବା ବୋଲି ସେ କହିଥିଲେ । ଶିବିରରେ ଅତିଥିଗଣ ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗଦେଇ ଶ୍ରମିକ, କୃଷକ ତଥା ମହିଳା ଏବଂ ଜନସାଧାରଣଙ୍କ ପାଇଁ ଥିବା ବିଭିନ୍ନ ବିଭାଗୀୟ ଲୋକାଭିମୁଖୀ ଯୋଜନା ସମ୍ବନ୍ଧରେ ଅବଗତ କରାଇଥିଲେ । ଏହି ଅବସରରେ ମନରେଗା ଯୋଜନାରେ ୧୦୦ ଦିନରୁ ଅଧିକ ଶ୍ରମଦାନ କରିଥିବା ଶ୍ରମିକ ମାନଙ୍କୁ ନାରିକେଳ, ଉପଢୌକନ ସହିତ ବୃକ୍ଷ ଚାରା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଆଜିକାର ରକ୍ତଦାନ ଶିବିରରେ ରକ୍ତଦାନ କରିଥିବା ଟି ପି ଡବ୍ଲୁ ଡି ଏଲ୍‌ର ୧୧ ଜଣ କର୍ମଚାରୀଙ୍କୁ ଜିଲ୍ଲାପାଳ ସମ୍ମାନିତ କରିଥିଲେ । ପକ୍ଷୀ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଓ ସମସ୍ତ ଅତିଥି ପକ୍ଷୀ ମାନଙ୍କ ପାଇଁ ଖାଦ୍ୟ ଓ ମାଟି ପାତ୍ରରେ ଜଳଦାନ କରିବା ସହିତ ବୃକ୍ଷ ରୋପଣ କରିଥିଲେ । ଶେଷରେ ସରପଂଚ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ କ୍ଷଶିବିରକୁ ସିନାପାଲି ବିଡ଼ିଓ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଏସ୍ ଗୀତା, ସିନାପାଲି ସିଡିପିଓ ଉର୍ମିଳା ମହାପାତ୍ର, ସ୍ଥାନୀୟ ସରପଂଚ ପ୍ରମୁଖ ଆୟୋଜନ କରିଥିଲେ । ସଭାପରେ ଜିଲ୍ଲାପାଳ ଟିମନପୁର ସମଲେଶ୍ୱରୀ ହାଇସ୍କୁଲ, ଦଶମ ଶ୍ରେଣୀ ଛାତ୍ରୀ ସ୍ନେହଲତା ଗହିର ଘରକୁ ଯାଇ କଠିନ ପରିଶ୍ରମ କରି ବୋର୍ଡ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିବା ପାଇଁ ଉତ୍ସାହିତ କରିଥିଲେ ।

ଡାବୁ ଗାଁଠାରେ ଜନଶୁଣାଣି ଶିବିର ଅନୁଷ୍ଠିତ

ନବରଙ୍ଗପୁର, ୨୪/୧୧ (ଆ.ପ୍ର) : ଆଜି ଡ଼ାବୁ ଗାଁ ମିଶନ ଶକ୍ତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପତଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଂଚି ନାରାୟଣ ଦରୱାନ, ଖଣ୍ଡିୟ ବନ ଅଧିକାରୀ ଶୁଭେନ୍ଦୁ ପ୍ରସାଦ ବେହେରା, ଉପ ଜିଲ୍ଲାପାଳ, ନବରଙ୍ଗପୁର ପ୍ରକାଶ କୁମାର ମିଶ୍ର, ବ୍ଲକ ଅଧ୍ୟକ୍ଷ ବୀଣା ମାଝୀ, ବି ଡି ଓ ଶରତ ମାଝୀଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ଜନ ଶୁଣାଣି ଶିବିରରେ ମୋଟ ୧୪ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ । ସେଥିମଧ୍ୟରୁ ୦୮ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୦୬ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ବଳିତ ଥିଲା । ସାମାଜିକ ସୁରକ୍ଷା ବିଭାଗ ତରଫରୁ ଚିହ୍ନଟ ଦିବ୍ୟାଙ୍ଗ ମାନଙ୍କୁ ୨ ଟି ହୁଇଲ ଚେୟାର ଏବଂ ୫ ଜଣଙ୍କୁ ମଧୁବାବୁ ପେନସନ ଯୋଜନା ର ନୂତନ ସହାୟତା କାର୍ଡ ପ୍ରଦାନ କରାଯାଇଥିଲା ।

କେଶରୀପଡା ଠାରେ ଗ୍ରାମ ପଂଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ପାତ୍ରପୁର, ୨୪/୧୧ (ଆ.ପ୍ର) : ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ କେଶରୀପଡା ପଂଚାୟତ ଅନ୍ତର୍ଗତ କେଶରୀପଡା ଗ୍ରାମ ସ୍ଥିତ ଭାରତ ନିର୍ମାଣ ରାଜିବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ସୋମବାର ଗ୍ରାମ ପଂଚାୟତ ସ୍ତରୀୟ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଅଭିଯୋଗ ଶୁଣାଣୀ ଶିବିରରେ ପାତ୍ରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ଚରଣ ସୋରେନ, ତହସିଲଦାର ଅଶୋକ ପଟ୍ଟନାୟକ, ବିଏସ୍‌ଏସ୍‌ଓ ସ୍ନେହାସିଷ ପଟ୍ଟନାୟକ, ଏପିଓ ପ୍ରଣତି ପୁରୋହିତ, ଯୋଗାଣ ନିରିକ୍ଷକ ଉମାକାନ୍ତ ସେଠୀ, ସ୍ଥାନୀୟ ସରପଂଚ ଓ ଦମୟନ୍ତୀ, ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମନୋଜ କୁମାର ସାହୁ, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ବୈବସ୍ୱତ ସାମନ୍ତରାଙ୍କ ସହିତ ପାତ୍ରପୁର ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ପଂଚାୟତ ବାସିଙ୍କ ଅଭିଯୋଗ ଶୁଣିଥିଲେ । ପଞ୍ଜିକରଣରେ ପାତ୍ରପୁର ବ୍ଲକର ସମସ୍ତ ପିଇଓ ଓ ଏଡିଇଓ ସହଯୋଗ କରିଥିଲେ । ପଂଚାୟତର ବିଭିନ୍ନ ଗ୍ରାମରୁ ଭତା, ଆବାସ, ରାସନ କାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଘର ପଟ୍ଟା ଆଦି ବିଷୟ ନେଇ ବିଭିନ୍ନ ବିଭାଗର ପ୍ରାୟ ୧୩୭ ଗୋଟି ଅଭିଯୋଗର ଶୁଣାଣି ହୋଇଥିବା ବେଳେ ବ୍ୟକ୍ତିଗତ ୧୩୪ ଓ ସାମୁହିକ ୩ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ଏଥି ସହିତ ଆଜିର କାର୍ଯ୍ୟକ୍ରମରେ ତିନୋଟି ସାମୁହିକ ଅଭିଯୋଗ ନେଇ ସ୍ଥାନୀୟ ସରପଂଚ ଓ. ଦମୟନ୍ତୀ ଓ ଗ୍ରାମବାସୀ ଜନ ଶୁଣାଣୀ ଶିବିରରେ ତଳେ ବସି ଅନସନ କରିଥିବା ଦେଖିବାକୁ ମିଳିଛି । ଏ ନେଇ କେଶରୀପଡା ସରପଂଚ ପ୍ରତିନିଧି ଓ ଗୋପାଳଙ୍କ ସହିତ ଯୋଗାଯୋଗ କରିବାରୁ କେଶରୀପଡା ପଂଚାୟତ ବହୁ ଉନ୍ନୟନ ମୂଳକ କାର୍ଯ୍ୟର ବିଲ ପୈଠ କରୁନାହାଁନ୍ତି । ଯାହାକି ତୁଟିପୁର ଗ୍ରାମର ବେଣୁ ଗୋପାଳ ସ୍ୱାମୀ ମନ୍ଦିର ଉନ୍ନତି କରଣ ପାଇଁ ୪,୦୦,୦୦୦/- ଲକ୍ଷ ଟଙ୍କା ଓ ଲକ୍ଷ୍ମୀ ବସୁନ୍ଧରା ନିର୍ମାଣ ପାଇଁ ୫,୩୨,୬୦୦/- ଟଙ୍କା ସେହିପରି ଭେଜିପଦର ଗ୍ରାମର କଲ୍ୟାଣ ମଣ୍ଡପ ଉନ୍ନତି କରଣ ପାଇଁ ୫,୦୦,୦୦୦/- ଲକ୍ଷ ଟଙ୍କା ଭଳି ଅନେକ ବିଲ୍ ହେଉ ନ ଥିବା ଅଭିଯୋଗ ଆଣିଛନ୍ତି । ଏ ନେଇ ବିଡ଼ିଓଙ୍କୁ ପଚାରିବାରୁ ଅଭିଯୋଗକୁ ଭିତି କରି ତଦନ୍ତ କରାଯିବ ବୋଲି ପ୍ରକାଶ କରିଛନ୍ତି ।

ଜଗତସିଂହପୁର ଜିଲ୍ଲାରୁ ବରିଷ୍ଠ ନାଗରିକମାନଙ୍କ ଉଜ୍ଜୟିନୀ-ଓମକାରେଶ୍ୱର ଅଭିମୁଖେ ତୀର୍ଥଯାତ୍ରା

ଜଗତସିଂହପୁର, ୨୪/୧୧ (ଆ.ପ୍ର) : ଜଗତସିଂହପୁର ଜିଲ୍ଲାରୁ ୮୫ଜଣ ବରିଷ୍ଠ ନାଗରିକ ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ସାମିଲ ହୋଇ ଉଜ୍ଜୟିନୀ-ଓମକାରେଶ୍ୱର ଅଭିମୁଖେ ଯାତ୍ରା କରିଅଛନ୍ତି । ଆଦିକବି ସାରଳା ଦାସ ସଂସ୍କୃତି ଭବନ ନିକଟରୁ ୨ ଗୋଟି ବସ୍ ଓ ଏକ ବୋଲେରୋ ଯୋଗେ ଯାତ୍ରାର ଶୁଭାରମ୍ଭ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅମରେନ୍ଦ୍ର ଦାସ, ମାନ୍ୟବର ବିଧାୟକ, ଜଗତସିଂହପୁର, ସମ୍ମାନନୀୟ ଅତିଥି ଭାବେଶ୍ରୀ ମନୋଜ କୁମାର ଭୋଇ, ସଭାପତି, ଜିଲ୍ଲାପରିଷଦ, ଅର୍ଚ୍ଚନା ସିଂହ, ଅଧ୍ୟକ୍ଷା, ଜଗତସିଂହପୁର ପୌରପରିଷଦ, ସମ୍ବିତ୍ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ଏବଂ ଜ୍ୟୋତିଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ, ଜଗତସିଂହପୁର ପ୍ରମୁଖ ଯୋଗଦାନ କରିଥିଲେ । ତୀର୍ଥ ଯାତ୍ରାର ଶୁଭାରମ୍ଭ କରିବା ସହିତ ଅତିଥି ମାନେ ତୀର୍ଥଯାତ୍ରୀ ମାନଙ୍କୁ ଆଧ୍ୟାତ୍ମିକ ଦିଗଦର୍ଶନ ଦେଇ ସେମାନଙ୍କ ଯାତ୍ରା ସୁଖମୟ ହେବା ପାଇଁ କାମନା କରିଥିଲେ । ବରିଷ୍ଠ ନାଗରିକ ମାନଙ୍କ ସହିତ ସେମାନଙ୍କର ସୁରକ୍ଷିତ ଓ ନିରାପଦ ଯାତ୍ରା ପାଇଁ ଜିଲ୍ଲାରୁ ସହାୟକ ଅଧିକାରୀ ଭାବେ ସୂର୍ଯ୍ୟକାନ୍ତ ସାହୁ , ପ୍ରସନ୍ନ କୁମାର ବେହେରା ଓ ରାଧାମୋହନ ଜେନା ଗସ୍ତ କରିଛନ୍ତି । ଆସନ୍ତାକାଲି ତା.୨୫.୧୧.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ସମୟରେ ସ୍ୱତନ୍ତ୍ର ଟ୍ରେନ ଯୋଗେ ସେମାନେ ଉଜ୍ଜୟିନୀ-ଓମକାରେଶ୍ୱର ଅଭିମୁଖେ ଯାତ୍ରା କରିବେ । ଆଜି ସକାଳେ ସ୍ଥାନୀୟ ସଂସ୍କୃତି ଭବନ ଠାରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରର ବିଶେଷଜ୍ଞ ଡାକ୍ତରମାନେ ବରିଷ୍ଠ ନାଗରିକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଦିଲ୍ଲୀପ କୁମାର ଜେନା, ଜିଲ୍ଲା ପର୍ଯ୍ୟଟନ ବିକାଶ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳନା ହୋଇଥିଲା ଏବଂ ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗର କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧି ତଥା ଜନସାଧାରଣ ଉପସ୍ଥିତ ଥିଲେ ।

ବିଧାୟକ ୮ କିମି ପାହାଡିଆ ତାମନସିଂ ଚାଲିଚାଲି ଗଲେ

ପାରଳାଖେମୁଣ୍ଡି, ୨୪/୧୧ (ଆ.ପ୍ର) : ପାରଳାଖେମୁଣ୍ଡି ବିଧାୟକ ଇଂ ରୁପେଶ କୁମାର ପାଣିଗ୍ରାହୀ ଗୁମ୍ମା ବ୍ଲକର ତରଂଗଡା ପଂଚାୟତର ତାମନସିଂ ଗ୍ରାମକୁ ଦୀର୍ଘ ୮ କିମି ରାସ୍ତା ଚାଲିଚାଲି ପହଂଚିଥିଲେ । ଏହି ଦୁର୍ଗମ ଅଂଚଳରେ ୬୦ଟି ପରିବାର ରୁହନ୍ତି । ସେମାନେ ବାର୍ଦ୍ଧକ୍ୟ ଏବଂ ଭିନ୍ନକ୍ଷମ ଭତା ପାଇଁ ତଳକୁ ଆସିବାକୁ ପଡେ । ଗର୍ଭବତୀ ମା ମାନଂକୁ ଖଟିଆରେ ବୁହାଇ ଗାଁ ଲୋକେ ନେଇଥାନ୍ତି । ଛାତ୍ରଛାତ୍ରୀ ମାନେ ନିଜର ଦୈନନ୍ଦିନ ପାଠପଢା ବାଧାପ୍ରାପ୍ତ ହୁଏ ।ବିଧାୟକ ନିଜସ୍ୱ ପାଣ୍ଠିରୁ ଗାଁରେ ସିମେଂଟ ରାସ୍ତା ପାଇଁ ଆର୍ଥିକ ଅନୁଦାନ ଦେଇଥିଲେ ।ଗ୍ରାମବାସୀ ଗ୍ରାମରେ ଥିବା ସ୍କୁଲକୁ ଚାଲୁ କରିବାକୁ ବିଧାୟକଙ୍କୁ ଅନୁରୋଧ କରିଥିଲେ । ବିଧାୟକ ନବୀନ ଓଡିଶା ଦ୍ୱାରା ନିର୍ମିତ କୋଠ ଘରକୁ ଉଦ୍ଘାଟନ କରିଥିଲେ । ଗ୍ରାମବାସୀଙ୍କ ସହ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ରାସ୍ତା ନିର୍ମାଣ ପାଇଁ ଗ୍ରାମ ଉନ୍ନୟନ ବିଭାଗ ସହ ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେଇଥିଲେ ।

ଶ୍ରୀ ସତ୍ୟ ସାଇବାବାଙ୍କର ଜନ୍ମ ଶତବାର୍ଷିକୀ ଅନୁଷ୍ଠିତ

ପାରଳାଖେମୁଣ୍ଡି, ୨୪/୧୧ (ଆ.ପ୍ର) : ଗଜପତି ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ପାରଳାଖେମୁଣ୍ଡି ଠାରେ ଗଜପତି ଜିଲ୍ଲା ଶ୍ରୀ ସତ୍ୟ ସାଇବାବା କମିଟି ତରଫରୁ ଶ୍ରୀ ସତ୍ୟ ସାଇବାବାଙ୍କର ଜନ୍ମ ଶତବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନରେ ଏକ ଶୋଭାଯାତ୍ରା ବାହାରି ପାରଳାଖେମୁଣ୍ଡି ସହର ପରିକ୍ରମା କରିଥିଲା ଓ ବାବାଙ୍କ ସନ୍ଦେଶ ଓ ବାର୍ତ୍ତା ପ୍ରଚାର ଓ ପ୍ରସାର କରିଥିଲା । ମଧ୍ୟାହ୍ନରେ ମହାପ୍ରସାଦ କାର୍ଯ୍ୟକ୍ରମରେ ୫୦୦୦ ଭକ୍ତ ଯୋଗ ଦେଇଥିଲେ । ଦିନ ସାରା ସାଇବାବାଙ୍କର ଭଜନ ଓ ବାଣୀ କାର୍ଯ୍ୟକ୍ରମ ଚାଲିଥିଲା । ଏଥିରେ ପାରଳାଖେମୁଣ୍ଡି ବିଧାୟକ ରୁପେଶ କୁମାର ପାଣିଗ୍ରାହୀ, ଗଜପତି ଜିଲ୍ଲା ପରିଷଦର ଅଧ୍ୟକ୍ଷ ଗାବରା ତିରୁପତି ରାଓ, ପାରଳାଖେମୁଣ୍ଡି ପୌରପରିଷଦର ଅଧ୍ୟକ୍ଷା ନିର୍ମଳା ସେଠୀ ପ୍ରମୁଖ ଯୋଗଦାନ କରିଥିଲେ ।ଉକ୍ତ କମିଟିର ସଭ୍ୟାସଭ୍ୟା ବୃନ୍ଦ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ଏବଂ ସଫଳତାର ସହ ସଂପାଦନ କରିଥିଲେ ।

ଚୋରା ଲୁହା ତରଳାଇବାର ମୁଖ୍ୟ କେନ୍ଦ୍ର ସତ୍ୟମ କାଷ୍ଟିଙ୍ଗ କମ୍ପାନୀ

ଟାଙ୍ଗୀ ଚୌଦ୍ୱାର, ୨୪/୧୧ (ଆ.ପ୍ର) : ଚୌଦ୍ୱାର ଥାନା ଅନ୍ତର୍ଗତ କଳକଣାଠାରେ ଥିବା ସତ୍ୟମ କାଷ୍ଟିଙ୍ଗ କମ୍ପାନୀର ଦାଦାଗିରି ଚରମ ସୀମାରେ ପହଁଚିଛି, ୩, ୪ଟି ଅଣ ଓଡ଼ିଆ ମାଲିକ ସରକାରୀ ବାବୁ ମାନଙ୍କୁ ମୋଟା ଅଙ୍କର ଅର୍ଥ ଦେଇ ଅନାୟସରେ ଟନ ଟନ ଲୁହା ତରଳାଇ ମୁନଫା କମାଉଛନ୍ତି, ବାରମ୍ବାର ଚର୍ଚ୍ଚାରେ ରହୁଥିବା ଏହି କମ୍ପାନୀରେ କେତେବେଳେ ଶ୍ରମିକର ଗୋଡ଼ କଟିଯାଉଛି ତ କେତେବେଳେ ୧୨ଘଂଟା ଖଟାଇ ଶ୍ରମିକ ମାନଙ୍କୁ ଶାରୀରିକ ମାନସିକ ନିର୍ଯ୍ୟାତନା ଦେଇ କାମ ଛଟେଇ ବିଷୟରେ ବାରମ୍ବାର ଗଣମାଧ୍ୟରେ ପ୍ରସାରିତ ହେଲା ପରେ ବି କମ୍ପାନୀ ମାଲିକ କାର୍ଯ୍ୟରୁ ଛଟେଇ କରିବା, (ଇଏସଆଇ)(ପି ଏଫ)ନକରି ମଧ୍ୟ ୧୨ଘଂଟା ଖଟାଇ ପାରିଶ୍ରମିକ ଦେବାରେ ଶ୍ରମିକ ମାନଙ୍କୁ ଭୁଆଁ ବୁଲାଇ ସରକାରୀ ବାବୁଙ୍କ ସାହସରେ ଦାଦାଗିରି କରୁଛି,ରାସ୍ତାରେ ଗଡିବାକୁ ପରମିଟ ନଥିବା ଟ୍ରକ ଗୁଡିକରେ ଚୋରା ଲୁହା, ଟିଣ ପରିବହନ କରୁଛି, ଏହି କମ୍ପାନୀରେ ତିଆରି ହେଉଥିବା ଲୁହା ବିମ ଅତି ନିମ୍ନମାନର ହୋଇଥିବାରୁ ବହୁ କମ୍ପାନୀ ଏହି ଲୁହା ବିମ କ୍ରୟ କରୁନଥିଲା ବେଳେ କିଛି ନିର୍ଦ୍ଦିଷ୍ଟ ସଂସ୍ଥା ଏହି ଲୁହା ବିମ କିଣିଥାନ୍ତି, ଲୋକାଲ ବଜାରରେ ଏ କମ୍ପାନୀର ଲୁହା ବିକ୍ରି ହୁଏ ନାହିଁ, ଯେଉଁ ଲୁହା ସ୍ପଞ୍ଜ ଆଇରନ, ପିଗ ଆଇରନ, ମାଙ୍ଗାନିଜ୍, ସିଲିକନ ପ୍ରଭୃତି ଧାତବ ପଦାର୍ଥ ଦେଇ ତିଆରି କଲେ ଶକ୍ତ ଲୁହା ବିମ ବାହାରି ଥାଏ କିନ୍ତୁ ସତ୍ୟମ କମ୍ପାନୀ ସରକାରୀ ବାବୁମାନଙ୍କୁ ହାତକରି ଭଇବିଦ୍ୟୁତ ଚୁଲା ବ୍ୟବହାର କରି କବାଡି ଲୁହା, ଟିଣ ଓ୍ ନିଜର ଏକ କ୍ରସର ପକାଇ ବଡ ବଡ଼ କମ ଧାତବ ପଦାର୍ଥ ଥିବା ପଥର ଗୁଡିକ ଗୁଣ୍ଡ କରି ମାଟିକୁ ମଧ୍ୟ ତରଳାଇଥାଏ । ସେହି କ୍ରସରରେ କାର୍ଯ୍ୟ କରୁଥିବା ଲୋକଙ୍କୁ ବିନା ସେଫଟିରେ ଦିନରାତି ଖଟାଇ ଥାଏ, ୨୪ଘଂଟା ବିଦ୍ୟୁତ ଚୁଲା ବ୍ୟାବାହାର କରି ଚୋରି ଲୁହା ଓ୍ ଭଲ ଲୁହା ଅନାୟାସରେ ତରଳାଇଥାଏ, ଏହି କମ୍ପାନୀର ଗାର୍ଡ ମାନଙ୍କର ଡିଉଟି ସିବିଲ ଡ୍ରେସରେ ଚାଲିଥାଏ । କାରଣ ଏମାନେ ସାଧାରଣ ଲୋକ ହିସାବରେ ଗେଟ ଖୋଲି ଗାଡି ଭର୍ତୀ କରନ୍ତି ଓ୍ ବାହାର କରନ୍ତି, ଆପଣମାନେ ହଠାତ ଜାଣିପାରିବେନି କିଏ ଗାର୍ଡ ଓ୍ କିଏ ସାଧାରଣ ଲୋକ ।

ପରିବହନ ବିଭାଗ ପକ୍ଷରୁ ଚଢ଼ାଉ କରି ଜରିମାନା ଆଦାୟ, ଚାଲାଣ କାଟିବାବେଳେ ଗାଡ଼ି ମାଲିକଙ୍କୁ ଦୁର୍ବ୍ୟବହାର

ଧାମନଗର, ୨୪/୧୧ (ଆ.ପ୍ର) : ଧାମନଗର ଅଂଚଳରେ ଗାଡ଼ିର ବିନା କାଗଜପତ୍ରରେ ବେଆଇନ ଦୁଇ ଚକିଆ ଏବଂ ଚାରି ଚକିଆ ଯାନ ବେଧଡ଼କ ଭାବେ ଚଳାଚଳ ହେଉଛି । ଖବର ପାଇ ଭଦ୍ରକ ପରିବହନ ବିଭାଗ ଅଧିକାରୀ ଏବଂ କର୍ମଚାରୀ ଏକ ଟିମ କଲେଜ ନିକଟରେ ବିଚ ରାସ୍ତାରେ ବିଭିନ୍ନ ଗାଡ଼ି ଚଳାଚଳ ସମୟରେ ଚଢ଼ାଉ କରି ଜରିମାନା ଆଦାୟ କରିଛନ୍ତି । ସୋମବାର ଅପରାହ୍ଣରେ ଭଦ୍ରକ ଆରଟିଓର ସହକାରୀ ଏମଭିଆଇ ସେକ୍ ରହିମ ତାଙ୍କ ଟିମ୍ ଧରି ଧାମନଗର କଲେଜ ନିକଟରେ ଗାଡ଼ି ଚେକ୍ କରୁଥିଲେ । ଭୁଲ୍ ଥିବା ଲୋକଙ୍କୁ ଜରିମାନା ଲଗାଉଥିଲେ । ଏତିକି ବେଳେ ପାହାଡ଼ପୁର ଅଂଚଳର ଶ୍ରୀକାନ୍ତ ସାହୁ ନିଜ ସୁଜୁକି ସିଆଜ୍ ଗାଡ଼ି ନେଇ ଯାଉଥିଲେ । ତାଙ୍କୁ ଅଟକାଇ ଫାଇନ୍ କରିଥିଲେ । ଗାଡ଼ିର ପଲ୍ୟୁସନ୍, ହାଇ ସିକ୍ୟୁରିଟି ସୁରକ୍ଷା ପ୍ଲେଟ୍,ସିଟ୍ ବେଲଟ ପିନ୍ଧି ନଥିବାରୁ ୧୬ ହଜାର ଟଙ୍କାର ଫାଇନ୍ ଲଗାଇଥିଲେ । ଏତିକି ବେଳେ ସେଠାରେ ଉପସ୍ଥିତ ଥିବା ସାମ୍ବାଦିକ ସରୋଜ ଖୁଂଟିଆ, ଏମଭିଆଇଙ୍କ ଫଟୋ ଉଠାଇଥିଲେ । କାହିଁକି ଫଟୋଉଇଲ କହି ସାମ୍ବାଦିକଙ୍କ ଉପରେ କୁଦି ପଡ଼ିଥିଲେ । ଜୋରରେ ଚିତ୍କାର କରି କ'ଣ ପାଇଁ ଫଟୋ ଉଠାଇଲ ବୋଲି ପଚାରିଥିଲେ ଅଧିକାରୀ ସେକ୍ ରହିମ । ଜଣେ ସିନିଅର ଅଫିସରଙ୍କ ଫଟୋ ଉଠାଇବା ଲାଗି କୌଣସି ନିୟମ ନାହିଁ । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ଆଉ ସାମ୍ବାଦିକଙ୍କୁ ତାଙ୍କ ଗାଡ଼ିରେ ବସାଇ ଥାନାକୁ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ସାମ୍ବାଦିକ ମାନେ ଗାଡ଼ିରେ ନ ବସି ନିଜ ନିଜ ଗାଡ଼ିରେ ଥାନାକୁ ଯାଇଥିଲେ । ସେଠାରେ ଉଭୟଙ୍କ ମଧ୍ୟରେ ତର୍କ ବିତର୍କ ଲାଗିରହି ଥିବା ବେଳେ ଧାମନଗର ଥାନା ପରିସରରେ ସହକାରୀ ଏମଭିଆଇ ସେକ୍ ରହିମଙ୍କ ଦବଙ୍ଗ ଆଚରଣ ଓ ଗାଡ଼ି ମାଲିକଙ୍କୁ ଦୁର୍ବ୍ୟବହାର କରିଥିବା ଶୁଣି ସାମ୍ବାଦିକ ମାନେ ପହଂଚି ପ୍ରାୟ ୪୫ ମିନିଟ କାଳ ଥାନାରେ ହଟହଟା ହୋଇଛନ୍ତି ଅଧିକାରୀ । ହେଲେ କାହା ପକ୍ଷରୁ କୌଣସି ଅଭିଯୋଗ ହୋଇନଥିବା ଜଣାଯାଇଛି । ତେବେ ଥାନା ଏଏସ୍ଆଇ ନରେନ୍ଦ୍ର ରାଉତ ଓ ସୁଜିତ ରାଉତ ଉଭୟଙ୍କୁ ବୁଝାସୁଝା କରି ଛାଡ଼ିଥିଲେ ।

ହ୍ୟୁମାନ ସାଗରଙ୍କ ବିୟୋଗରେ କ୍ୟାଣ୍ଡେଲ ଶୋଭାଯାତ୍ରା ସହ ଶ୍ରଦ୍ଧାଞ୍ଜଳି

ଜି.ଉଦୟଗିରି, ୨୪/୧୧ (ଆ.ପ୍ର) : ଓଡ଼ିଶାର ସୁନାମଧନ୍ୟ ଲୋକପ୍ରିୟ କଣ୍ଠଶିଳ୍ପୀ ସ୍ୱର୍ଗିତ ହ୍ୟୁମାନ ସାଗରଙ୍କ ଅକାଳ ବିୟୋଗ ରେ ଓଡ଼ିଆ ସଙ୍ଗୀତ ଜଗତରେ ଅପୂରଣୀୟ କ୍ଷତି ହୋଇଥିବା ବେଳେ ବିଭିନ୍ନ ସ୍ଥାନରେ ତାଙ୍କୁ ଭଲ ପାଉଥିବା ଲୋକେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି । ଏହି କ୍ରମରେ ଜି.ଉଦୟଗିରି ଅଂଚଳବାସୀଙ୍କ ତରଫରୁ ସୋମବାର ସନ୍ଧ୍ୟା ବେଳେ କ୍ୟାଣ୍ଡେଲ ଶୋଭାଯାତ୍ରା ସହ ଶ୍ରଦ୍ଧାଞ୍ଜଳି ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ବହୁ ସଂଖ୍ୟାକ ଯୁବକ ଯୁବତୀଙ୍କ ସହ ବୟସ୍କ ସଙ୍ଗୀତ ପ୍ରେମୀ ସ୍ଥାନୀୟ ପୋଷ୍ଟ ଅଫିସ ଛକ ଠାରେ ଏକତ୍ରିତ ହୋଇ ସେଠାରେ କ୍ୟାଣ୍ଡେଲ ଜାଳି ନିରବ ପ୍ରାର୍ଥନା କରି ଅମର ଆତ୍ମାର ସଦଗତି କାମନା କରିବା ସହ ସହରରେ କ୍ୟାଣ୍ଡେଲ ଶୋଭାଯାତ୍ରା କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ପରିଷଦ ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ, କାଉନସିଲର ଯାକେସ ପ୍ରଧାନ, ନନ୍ଦିତା ପ୍ରଧାନ, ମୋନାଲିସା ଦଳବେହେରା, ସମାଜ ସେବୀ ହୃଷୀକେଶ ପ୍ରଧାନ, ସମାଜ ସେବୀ ଆନନ୍ଦ ଚନ୍ଦ୍ର ନାୟକ, ସାମ୍ବାଦିକ ଗଗନ କୁମାର ପ୍ରଧାନ, ଆମୋଦ ଚନ୍ଦ୍ର ପ୍ରଧାନ, ଅବନୀ ନାୟକ, ଫିରୋଜ ଦିଗାଲ ଓ ଅନ୍ୟମାନେ ଉପସ୍ଥିତ ରହି ସ୍ୱର୍ଗିତ ହ୍ୟୁମାନ ସାଗରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ।

ଶ୍ୱଶୁର ଘରେ ଜ୍ୱାଇଁର ଉନ୍ମତ କାଣ୍ଡ, ଝିଅକୁ ପଛୁଆ କବାଟ କିଳି ମାଡ଼ ମାରି ଫେରାର

ଏରସମା, ୨୪/୧୧ (ଆ.ପ୍ର) : ଏରସମା ବ୍ଲକ୍ ଅନ୍ତର୍ଗତ ଚଟୁଆ ପଂଚାୟତ ମୁସଲମାନ ବସ୍ତିର ଶ୍ୱଶୁର ଘରକୁ ଆସି, ନିଜ ପତ୍ନୀଙ୍କୁ ମରଣାନ୍ତକ ଆକ୍ରମଣ କରି ଜ୍ୱାଇଁ ଫେରାର ହୋଇଯାଇଛି । ଘଟଣାରୁ ଜଣାପଡିଛି ଏରସମାବ୍ଲକ ଚଟୁଆ ପଂଚାୟତ ଅନ୍ତର୍ଗତ ଚଟୁଆ ମୁସଲିମ୍ ପଡାର ସେକ୍ ରସିଦଙ୍କ ଝିଅ ଆମେନା ବିବି ଚାରିବର୍ଷ ତଳେ ପାରାଦୀପ ଗଡ଼ର ସେକ୍ ମାନଙ୍କୁ ବିବାହ କରିଥିଲେ । ପାରିବାରିକ କଳହକୁ ନେଇ ଦୀର୍ଘ ଏକ ମାସ ହେବ ଆମେନା ବିବି ଦୁଇ ନାବାଳିକା ଝିଅଙ୍କ ସହିତ, ଶ୍ୱଶୁର ଘରୁ ଚାଲିଆସି ଚଟୁଆ ସ୍ଥିତ ବାପଘରେ ରହୁଥିଲେ । ତେବେ ଶନିବାର ସକାଳେ ଶେକ୍ ମାନ୍ ହଠାତ୍ ଶଶୁର ଘରେ ଆସି ପହଂଚିଥିଲା । ଏହି ସମୟରେ ଘରେ କେହି ନଥିବାର ସୁଯୋଗ ନେଇ ସେକ୍ ମାନ୍, ଆମେନା ବିବିଙ୍କୁ ଘରେ ପୁରାଇ ପଛପଟୁ କବାଟ ଦେଇ ମରଣାନ୍ତକ ଆକ୍ରମଣ କରିଥିଲା । ଚିତ୍କାର ଶୁଣି ମା' ମାନିନା ବିବି ଏବଂ ପଡିଶା ମାନେ ଘଟଣା ସ୍ଥଳରେ ପହଂଚିଥିଲେ । ପଛପଟୁ କବାଟ ଦିଆଯାଇ ଥିବାରୁ ଗ୍ରାମ ଲୋକେ କବାଟ ଭାଙ୍ଗି ଝିଅକୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ । ଜ୍ୱାଇଁ ଚତୁରତାର ସହିତ ଚମ୍ପଟ ମାରି ଖସି ଯାଇଥିଲା । ଝିଅର ବାପା ପିସିଆର ଭ୍ୟାନ ଓ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ । ପିସିଆର ଭ୍ୟାନରେ ଆସିଥିବା ପୋଲିସ ଓ ଆମ୍ବୁଲାନ୍ସ କର୍ମଚାରୀଙ୍କ ମିଳିତ ସହଯୋଗରେ ଷ୍ଟ୍ରେଚର ସାହାଯ୍ୟରେ ଝିଅକୁ ଅଚେତ ଅବସ୍ଥାରେ ଆମ୍ବୁଲାନ୍ସରେ କୁଜଙ୍ଗ ମେଡିକାଲକୁ ହସ୍ତାନ୍ତର କରାଯାଇଛି । ଏ ସମ୍ପର୍କରେ ଝିଅର ଭାଇ ସେକ୍ ଆବିଦ୍ କୁଜଙ୍ଗ ଥାନାରେ ଜ୍ୱାଇଁ ନାମରେ ଲିଖିତ ଅଭିଯୋଗ କରିଛନ୍ତି ।

ମଲ୍ୟାଣୀ ଭଜନ ମଣ୍ଡଳୀରେ ଭଗବାନ ଶ୍ରୀ ସତ୍ୟ ସାଇବାବାଙ୍କ ଦୁଇ ଦିବସୀୟ ଜନ୍ମ ଶତ ବାର୍ଷିକ ଉତ୍ସବ ପାଳିତ

ନୀଳଗିରି, ୨୪/୧୧ (ଆ.ପ୍ର) : ସମଗ୍ର ଭାରତ ବର୍ଷରେ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ପାଳନ କରାଯାଉଛି । ଅନୁରୂପ ଭାବେ ଶ୍ରୀ ସତ୍ୟ ସାଇ ଭଜନ ମଣ୍ଡଳୀ, ମଲ୍ୟାଣୀ ଠାରେ ଦୁଇ ଦିବସ ବ୍ୟାପୀ ଅନନ୍ୟ ଦିବ୍ୟ ଶତ ବାର୍ଷିକ ଜନ୍ମ ଉତ୍ସବ ପାଳନ ହୋଇଯାଇଛି । ଉକ୍ତ ଦିବ୍ୟ ଉତ୍ସବରେ ସମସ୍ତେ ସାମିଲ ହୋଇ ଦିବ୍ୟକୃପା ଲାଭ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଛି । ଉକ୍ତ ଉତ୍ସବରେ ରାଜ୍ୟ ସ୍ତରରୁ ବହୁ ଅତିଥୀଙ୍କ ଦିବ୍ୟ ଗାଥା, ପ୍ରଶାନ୍ତି ଛାତ୍ରଙ୍କର ଦିବ୍ୟ ଅନୁଭୂତି, ଗୋ ପୂଜା, ଆଲ୍ମୁମିନିଙ୍କ ଦିବ୍ୟ ଅନୁଭୂତିର ପରିପ୍ରକାଶ, ବାଳବିକାଶ ଛାତ୍ର ଛାତ୍ରୀଙ୍କ ଅନୁପମ ପ୍ରତିଯୋଗିତାର ଆନନ୍ଦ, ଭଗବାନଙ୍କୁ କାର୍ଡ ଅର୍ପଣ,ବୟୋଜ୍ୟେଷ୍ଠଙ୍କ ଭାବାବେଗ ସ୍ପର୍ଶ ଓ ଚମତ୍କାର ନଗର ପରିକ୍ରମା ସହିତ ବାସ୍ତବ ସତ୍ୟ ନାଟକର ବିଭୂତି ସହିତ ସମ୍ବର୍ଦ୍ଧିତ ପ୍ରେମ ସ୍ପର୍ଶ,ବହୁ ଶୀତ ବସ୍ତ୍ର ଓ କମ୍ବଳ ପ୍ରଦାନ, ହୋଇଥିଲା । ୨ଦିନରେ ପ୍ରାୟତଃ ଦୁଇ ହଜାର ସାଇ ସାଧନ ପ୍ରେମୀଙ୍କ ଉପସ୍ଥିତି ସମସ୍ତଙ୍କୁ ଅଭିଭୂତ କରିଥିଲା । ଏଥିରେ ଭଜନ ମଣ୍ଡଳୀ ଆବାହକ ସାଗର ରଞ୍ଜନ ଖିଳାର ଆବାହକ ରୂପେ କାର୍ଯ୍ୟ ତୁଲାଇ ଥିବା ବେଳେ, ସମିତି ଆବାହକ-ବସନ୍ତ କୁମାର ପୃଷ୍ଟି ,ଜିଲ୍ଲା ସଭାପତି, ସୁକାନ୍ତ କିଶୋର ଦାସ -ସାଇ ଜିଲ୍ଲା ବାଲେଶ୍ୱର-୦୧, ସତ୍ୟସାଇ ବିଦ୍ୟା ବିହାର ସମ୍ପାଦକ- ନିରୋଦ ଚନ୍ଦ୍ର ଦାସ,ଜିଲ୍ଲା ଆଧ୍ୟାତ୍ମିକ ସଂଯୋଜିକା-ରଶ୍ମିରେଖା ବାରିକ, ରାଜ୍ୟ ବିଦ୍ୟାବାହିନୀ ସଦସ୍ୟା-ଗୀତା ରାଣୀ ନାୟକ-କଟକ, ରାଜ୍ୟ ସ୍କୁଲ ବାଳବିକାଶନିର୍ବାହକ ଜୟଚନ୍ଦ୍ର ବେହେରା । ରାଜ୍ୟ ବେଦ ନିର୍ବାହକ -ଡ଼.ବିଭୂଦତ୍ତ ପାତ୍ର, ପ୍ରଶାନ୍ତି ନୀଳୟମ ପୂର୍ବତନ ଛାତ୍ର - ଦେବଦତ୍ତ ଦାସ ଓ ମୃତ୍ୟୁଞ୍ଜୟ ସ୍ୱାଇଁ ଓ ରାଜ୍ୟ ସାଇ ସାଧନ କର୍ମୀ ତାରା ବଲ୍ଲଭ ମହାପାତ୍ର, ଭୁବନେଶ୍ୱର ଆଧ୍ୟାତ୍ମିକ ସଂଯୋଜକ ପ୍ରଣବ ଶରଣ ସହିତ ସାତ ସମିତିର ଯୁବ ସଂଯୋଜକ ଓ ସଂଯୋଜିକାଙ୍କ ଉପସ୍ଥିତି କାର୍ଯ୍ୟକ୍ରମକୁ ଅଧିକ ଆଧ୍ୟାତ୍ମିକ ଭକ୍ତିମୟ କରିଥିଲା ।

ବିପଦ ସାଜିବାରେ ଲାଗିଛି ବ୍ଲୁ ଟୁଥ୍ ଓ ଇୟର ଫୋନ, ଯୁବପିଢୀଙ୍କ କ୍ଷେତ୍ରରେ ବଢୁଛି କାନଜନିତ ସମସ୍ୟା

ବାଲିଗୁଡା, ୨୪/୧୧ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡା ତଥା ଏହାର ଆଖପାଖ ଅଂଚଳରେ ଅଧିକାଂଶ ଯୁବପିଢୀଙ୍କ କ୍ଷେତ୍ରରେ ବିଗତ କିଛି ମାସ ହେଲା ଦେଖିବାକୁ ମିଳୁଛି କାନଜନିତ ସମସ୍ୟା । ସହରର କେତେକ ଔଷଧ ଦୋକାନୀଙ୍କ ଠାରୁ ଆରମ୍ଭ କରି ଡାକ୍ତର ଖାନା ଓ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ କାନଜନିତ ସମସ୍ୟାର ସମ୍ମୁଖୀନ ହୋଇ ବହୁ ଯୁବପିଢୀ ଚିକିତ୍ସା ପାଇଁ ଆସୁଥିବା ଆଲୋଚିତ ହେଉଛି । କାନଜନିତ ସମସ୍ୟାର ପ୍ରତିକାର ପାଇଁ ବହୁ ଯୁବପିଢୀ କର୍ଣ୍ଣ ବିଶେଷଜ୍ଞଙ୍କ ଠାରୁ ଆରମ୍ଭ କରି ଡାକ୍ତରଙ୍କ ପରାମର୍ଶ ନେଇ ଔଷଧ ଖାଉଥିବା ଜଣାପଡିଛି । ଅତ୍ୟାଧୁନିକ ବିଦ୍ୟୁତ ଉପକରଣ ଠାରୁ ଆରମ୍ଭ କରି ବ୍ଲୁ ଟୁଥ ହିଁ କାନଜନିତ ସମସ୍ୟାର ମୁଖ୍ୟ କାରଣ ପାଲଟିଥିବା ବେଳେ ଏଭଳି ସାମଗ୍ରୀକୁ ଯଥାସମ୍ଭବ କମ ବ୍ୟବହାର କରିବାକୁ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟ ତରଫରୁ ଯୁବପିଢୀଙ୍କୁ ପରାମର୍ଶ ଦେଉଛନ୍ତି । ସଂପ୍ରତି ବ୍ଲୁଟୁଥ, ଇଅର ଫୋନ ଓ ହେଡ ଫୋନ ବ୍ୟବହାର କରିବା କେତେକ ଯୁବପିଢୀଙ୍କ କ୍ଷେତ୍ରରେ ଏହା ଏକ ଫ୍ୟାସନ ପାଲଟିଯାଇଛି । ବାଲିଗୁଡା ସହର ତଥା ଏହାର ଆଖପାଖ ଅଂଚଳର ଅଧିକାଂଶ ଯୁବପିଢୀଙ୍କ କ୍ଷେତ୍ରରେ ବ୍ଲୁଟୁଥ ବ୍ୟବହାର ଦିନକୁ ଦିନ ଏଭଳି ମାତ୍ରାରେ ବଢିବାରେ ଲାଗିଛି କିଛି ଯେ ମୋଟର ସାଇକେଲ କିମ୍ବା ବାଇକ ଚଳାଉବା ବେଳେ ବି ଏହି ଯନ୍ତ୍ରଟି କାନରେ ଲାଗିରହୁଛି । ଗାଡି ଚଳାଇବା ବେଳେ ବହୁ ଯୁବପିଢୀ ଏହି ବ୍ଲୁଟୁଥ ମାଧ୍ୟମରେ କଥାବାର୍ତ୍ତା ହୋଇ ଗାଡିଚାଳନା କରୁଥିବା ବେଳେ ଅନ୍ୟ କେତେକ ଯୁବବର୍ଗ ଗୀତ ଶୁଣିବା ପାଇଁ ବି ଏହାର ବ୍ୟବହାର କରୁଥିବା ଏକ ଅନୁସନ୍ଧାନରୁ ଜଣାପଡିଛି । ତେବେ କାନରେ ଲାଗୁଥିବା ଏହି ବ୍ଲୁ ଟୁଥର କୁପ୍ରଭାବ ସ୍ୱାସ୍ଥ୍ୟ ଉପରେ କିପରି ପଡୁଛି ତାହା ଜାଣିବା ପାଇଁ ପ୍ରାୟତଃ କାହାରି ପାଖରେ ସମୟ ନଥାଏ । ମାତ୍ରାଧିକ ବ୍ଲୁ ଟୁଥ ବ୍ୟବ?ହାର କରିବା ଫଳରେ ଶ୍ରବଣଜନିତ ସମସ୍ୟା ଦେଖାଦେବା ସମ୍ଭାବନାକୁ ଏଡାଇ ହେବ ନାହିଁ ବୋଲି ସଚେତନ ନାଗରିକ ମହଲରେ ମତ ପ୍ରକାଶ ପାଉଛି । ଏଥିରୁ ନିବୃତ ନରହିଲେ ଆଗାମୀ ଦିନରେ ବହୁ ଯୁବପିଢୀ ଶ୍ରବଣଜନିତ ସମସ୍ୟାକୁ ନେଇ ଏକ ବଡ ବିପଦର ସମ୍ମୁଖୀନ ହେବା ସମ୍ଭାବନାକୁ ଏଡାଇ ହେବ ନାହିଁ ବୋଲି ମତ ପ୍ରକାଶ ପାଉଛି । ହେଡଫୋନ ନିର୍ମାଣକାରୀ କମ୍ପାନୀ ବ୍ଲୁଟୁଥ, ଇଅର ଫୋନ, ହେଡ ଫୋନ ନିର୍ମାଣ କରିବା ସମ ସମୟରେ ଯୁବପିଢୀଙ୍କ ଶ୍ରବଣ ଶକ୍ତି ଯେପରି ପ୍ରଭାବିତ ନହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ସଚେତନ ନାଗରିକ ମହଲରେ ଦୃଢ ମତ ପ୍ରକାଶ ପାଉଛି । ବାଲିଗୁଡା ସହର ତଥା ଏହାର ଆଖପାଖ ଅଂଚଳର ବହୁ ଯୁବପିଢୀ ଏହି ବ୍ଲୁଟୁଥ, ଇଅର ଫୋନ, ହେଡ ଫୋନ ବ୍ୟବ?ହାର କରି ଶ୍ରବଣଜନିତ ସମସ୍ୟାରେ ଆକ୍ରାନ୍ତ ହୋଇ ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ଖାଉଥିବା ମଧ୍ୟ ଚର୍ଚ୍ଚା ହେଉଛି । କାନରେ ଯନ୍ତ୍ରଣା ହେବା, ଶୁଣିବାରେ ଅସୁବିଧା ସୃଷ୍ଟି ହେବା ଆଦି ନାନା କାନ ଜନିତ ସମସ୍ୟାକୁ ନେଇ ବହୁ ଯୁବପିଢୀ ସୁସ୍ଥ ହେବା ଲାଗି ଡାକ୍ତରଙ୍କ ପରାମର୍ଶ ନେଉଥିବା ଜଣାପଡିଛି । ମୋବାଇଲ ବ୍ଲୁ ଟୁଥ, ଇଅର ଫୋନ ଓ ହେଡ ଫୋନରୁ ଉଚ୍ଚ ଶବ୍ଦରେ ଶୁଣିବା ଯୋଗୁଁ କାନଜନିତ ସମସ୍ୟା ସୃଷ୍ଟି ହେଉଥିବା ବେଳେ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏଥିରେ ପ୍ରଭାବିତ ହେଉଥିବା ଲୋକଙ୍କ ଭିତରୁ ଅଧିକାଂଶ ୪୦ ବର୍ଷରୁ କମ ବୟସର ଯୁବପିଢୀ ହୋଇଥିବା ଜଣାପଡିଛି । ବାଲିଗୁଡା ମୁଖ୍ୟ ଚିକିତ୍ସାଳୟ ଡାକ୍ତର ମାନେ ପରାମର୍ଶ ଦେଇ କହିଛନ୍ତି ଯେ, ବ୍ଲୁ ଟୁଥ ଓ ଇଅର ଫୋନ ନିୟମିତ ବ୍ୟବହାର କରିବା ଦ୍ୱାରା ଶ୍ରବଣଜନିତ ସମସ୍ୟା ସହ ସହ ମସ୍ତିଷ୍କକୁ ମଧ୍ୟ କ୍ଷତି ପହଂଚାଇବାର ସମ୍ଭାବନା ରହିଛି । ଏଣୁ ଯୁବପିଢୀ ଯଥାସମ୍ଭବ ବ୍ଲୁ ଟୁଥ, ଇଅର ଫୋନ, ହେଡ ଫୋନ କମ ସମୟ ବ୍ୟବହାର କରିବାକୁ ଆହ୍ୱାନ କରିଥିବା ଲକ୍ଷ୍ୟ କରାଯାଇଛି ।

ବ୍ରାହ୍ମଣୀ ନଦୀର ବିଭିନ୍ନ ଘାଟରୁ ବାଲି ଚୋରା ଚାଲାଣ ବେଳେ ୯ଟି ହାଇୱା ଜବତ

ବଣାଇଁ, ୨୪/୧୧ (ଆ.ପ୍ର) :ବଣାଇଁ ତହସିଲ ଅନ୍ତର୍ଗତ ବ୍ରାହ୍ମଣୀ ନଦୀ ଶଯ୍ୟାର ବନେଇକଳା ଘାଟରୁ ବେଆଇନ ବାଲି ଚୋରା ଚାଲାଣ ହେଉଥିବାବେଳେ ୯ ଟି ହାଇୱା ଗାଡ଼ିକୁ ଜବତ୍ କରିଛି ବଣାଇଁ ପୁଲିସ । ଗତ କିଛି ଦିନ ତଳେ ବାଲି ଚୋରା ଚାଲାଣ ରୋକିବାକୁ ଖୋଦ୍ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ପରେ ବିଭାଗ ଓ ପୁଲିସ ତତ୍ପର ହୋଇ ଉଠିଛନ୍ତି । ଗତକାଲି ରାତିରେ ବଣାଇଁ ପୁଲିସ ପକ୍ଷରୁ ଥାନା ଅଧିକାରୀ ଜ୍ଞାନେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ରାତି କାଳିନ ପେଟ୍ରୋଲିଂରେ ବାହାରି ଥିବା ବେଳେ ବଣାଇଁ ବ୍ରାହ୍ମଣୀ ନଦୀ ଶଯ୍ୟାର ବିଭିନ୍ନ ବାଲି ଘାଟ ଗୁଡ଼ିକରେ ଅତର୍କିତ ଚଢ଼ାଉ କରିଥିଲେ । ଏହି ସମୟରେ ଲିଜଧାରୀ ଦୁର୍ଗା ମାଧବ ମିଶ୍ରଙ୍କ ନାଁରେ ଥିବା ବନେଇକଳା ଘାଟରୁ ୯ ଟି ହାଇୱାରେ ବାଲି ବୋଝେଇ ହୋଇ ପରିବହନ ନିମନ୍ତେ ଯିବା ବେଳେ ପୁଲିସ ସମସ୍ତ ଗାଡି ଗୁଡ଼ିକୁ ଅଟକ ରଖି କାଗଜ ପତ୍ର ଯାଂଚ କରିଥିଲା । ଗାଡ଼ିରେ ଚାଲାଣ କାଗଜପତ୍ର ବୈଧ ନଥିବା ବେଳେ ସେସବୁ ଗାଡି ଗୁଡ଼ିକ ନକଲି ଟିପି ବ୍ୟବହାର କରି ବାଲି ଚୋରା ଚାଲାଣ କରୁଥିବା ଜଣାପଡ଼ିଥିଲା । ଯାହା ଫଳରେ ପୁଲିସ ସବୁ ଗାଡି ଗୁଡ଼ିକୁ ଜବତ କରି ବଣାଇଁ ଥାନାକୁ ଆଣି ଅଟକ ରଖିଥିବା ଜଣାପଡିଛି । ବିଳମ୍ବିତ ରାତିରେ କେତେକ ଡ୍ରାଇଭର ଗାଡି ଗୁଡ଼ିକ ନେଇ ଫେରାର ହେବାକୁ ଚେଷ୍ଟା କରିଥିଲେ ମଧ୍ୟ ପୁଲିସ ସେମାନଙ୍କୁ ଗୋଡେଇ ଧରିଥିଲା । ଏପରିକି ବନେଇକେଳା ରୁ ବଣାଇଁ ଥାନାକୁ ଆସିବା ବେଳେ ଜଣେ ଡ୍ରାଇଭର ଜଳେଇକଳା ନିକଟରେ ଗାଡ଼ିକୁ ଅଟକାଇ ଲକ୍ କରି ଫେରାର ହୋଇଯାଇଥିବା ବେଳେ ସେଠାରେ ଜଣେ ପୁଲିସ ଗାଡିଟିକୁ ଜଗି ରହିଥିବା ଜଣାପଡିଛି । ସମସ୍ତ ଗାଡି ଗୁଡ଼ିକ ଦେବଗଡ ଅଂଚଳର ହୋଇଥିବା ବେଳେ ଏବେ ମାଲିକମାନଙ୍କ ମନରେ ଛନକା ପଶିଯାଇଛି । ପ୍ରକାଶ ଥାଉକି ବଣାଇ ତହସିଲ ଅଧିନରେ ଥିବା ତେଣ୍ଡରା, ବନେଇକଳା , ଜାଙ୍ଗଲା ବାଲି ଘାଟରୁ ଦୈନିକ ଶହ ଶହ ଟ୍ରିପ ବାଲି ବିଭିନ୍ନ ଅଂଚଳକୁ ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି । ତେବେ ନିଲାମ ନେଇଥିବା ବ୍ୟକ୍ତି ମାନେ ଅନ୍ୟ ମାନଙ୍କ ହାତରେ ଘାଟ ଦାୟିତ୍ୱ ଦେଉଥିବାରୁ ଚୋରି ବୃଦ୍ଧି ପାଉଥିବା ଲୋକେ ଅଭିଯୋଗ କରିଛନ୍ତି । ଯାହା ଫଳରେ ବାଲି ଘାଟ ରୁ ପ୍ରତ୍ୟେକ ଦିନ କେତେ ପରିମାଣର ବାଲି ଯାଉଛି କାହା ପାଖରେ ହିସାବ ନଥିବା କୁହାଯାଉଛି । ତେଣୁ ବଣାଇଁ ଅଂଚଳର ବାଲି ମାଫିଆଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବୀ ହେଉଛି ।

ବନ୍ଧୁକରେ ବାରୁଦ ଭର୍ତି କରୁଥିବା ବେଳେ ଗୁଳି ଫୁଟି ଯୁବକଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି, ୨୪/୧୧ (ଆ.ପ୍ର) : ଗଜପତି ଜିଲ୍ଲାରେ ଏକ ଦୁଃଖଦ ଘଟଣାରେ ଜଣେ ଯୁବକଙ୍କ ଜୀବନ ଚାଲିଯାଇଛି ।ସେରଂଗ ଥାନା ଅନ୍ତର୍ଗତ ଗୁମ୍ମା ବ୍ଲକ ଅଧିନସ୍ଥ ଭୁବନୀ ପଂଚାୟତର ସିଡ୍ରିଗୁଡା ଗ୍ରାମର ବିରସାନ ଗମାଙ୍ଗ(୩୫)ନିଜ ବନ୍ଧୁକରେ ବାରୁଦ ଭର୍ତି କରୁଥିବା ବେଳେ ହଠାତ୍ ଫୁଟି ଯାଇଥିଲା । ଫଳରେ ତାଙ୍କର ଶରୀରରେ ବାଜି ଟଳି ପଡିଥିଲେ । ସେହିଠାରେ ତାଂକର ମୃତ୍ୟୁ ହୋଇଥିଲା । ଶରୀରର ଡାହାଣ ଗୋଡ, ହାତ ତଥା ଶରୀରର ଅନ୍ୟାନ୍ୟ ସ୍ଥାନରେ ବାରୁଦ ଚିହ୍ନ ରହିଛି । ତାଙ୍କର ବୃଦ୍ଧ ପିତାମାତା, ପତ୍ନୀ ଓ ପିଲାମାନେ ଅଲଗା ଘରେ ରହୁଥିଲେ । ଜୋର ଶବ୍ଦ ଶୁଣି ପରିବାର ଲୋକେ ସେଠାକୁ ଆସିଲେ ।ସେତେବେଳକୁ ଯୁବକଂକର ପ୍ରାଣବାୟୁ ଚାଲିଯାଇଥିଲା । ଖବର ପାଇ ପାରଳାଖେମୁଣ୍ଡି ଏସଡିପିଓ ମାଧବାନନ୍ଦ ନାୟକ ସଦଳବଳେ ଘଟଣାସ୍ଥଳରେ ପହଂଚିଥିଲେ । ସଂଗେସଂଗେ ମୃତ ଯୁବକଙ୍କ ଶବକୁ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ପରେ ତାଙ୍କର ଶବକୁ ପରିବାରକୁ ହସ୍ତାନ୍ତର କରିଛନ୍ତି । ସାମାନ୍ୟ ଅସାବଧାନତା ଯୋଗୁଁ ଏହି ଦୁର୍ଘଟଣା ଘଟିଛି । ସେରଂଗ ଥାନାରେ କେଶ ପଂଜୀକୃତ ହୋଇଛି ଏବଂ ତଦନ୍ତ ଚାଲିଛି ।

ଜିଲ୍ଲାପାଳ ନୟାଗଡ଼ଙ୍କ ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର

ଖଣ୍ଡପଡ଼ା, ୨୪/୧୧ (ଆ.ପ୍ର) : ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ ଖଣ୍ଡପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ଖଣ୍ଡପଡ଼ା ଏସଡିପିଓ ମଦନ ମୋହନ ପ୍ରଧାନ, ଖଣ୍ଡପଡ଼ା ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ, ତହସିଲଦାର ବିଶ୍ୱବିଶ୍ରୁତ ତ୍ରିପାଠୀ, ବନାଂଚଳ ଅଧିକାରୀ ଦିଲ୍ଲୀପ କୁମାର ପଟ୍ଟନାୟକ, ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରାଙ୍କ ସମେତ ଗ୍ରାମ୍ୟ ଉନ୍ନୟନ ବିଭାଗ, ପୂର୍ତ୍ତବିଭାଗ, କ୍ଷୁଦ୍ର ଜଳସେଚନ ବିଭାଗ, କୃଷି ଓ ଉଦ୍ୟାନ କୃଷି ବିଭାଗ ଓ ଅନ୍ୟ ବିଭାଗର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଶିବିରରେ ଉପସ୍ଥିତ ଥିଲେ । ସର୍ବମୋଟ ୭୭ ଗୋଟି ଅଭିଯୋଗପତ୍ର ଶିବିରରେ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୭୩ ଟି ବ୍ୟକ୍ତିଗତ,୪ ଟି ଗ୍ରାମ୍ୟ ସମସ୍ୟା ସଂପର୍କିତ ଅଭିଯୋଗପତ୍ର ଗ୍ରହଣ କରାଯାଇଥିବା ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡିଛି । ବିଭିନ୍ନ ଅଭିଯୋଗ ମଧ୍ୟରୁ ୨୭ ଟି ଅଭିଯୋଗର ତତ୍କାଳ ଶୁଣାଣି କରାଯାଇଥିବା ବେଳେ ଅନ୍ୟ ଅଭିଯୋଗ ଗୁଡ଼ିକୁ ତ୍ୱରିତ ସମାଧାନ ନିମନ୍ତେ ବ୍ଲକ ଉନ୍ନୟନ ଅଧିକାରୀ ଓ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ନେଇ ସୂଚନା ମିଳିଛି ।

ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା

ଖୋର୍ଦ୍ଧା, ୨୪/୧୧ (ଆ.ପ୍ର) : ଖୋର୍ଦ୍ଧା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ୩୦ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ସହ ନିର୍ଦ୍ଦେଶିକା ଶ୍ରୀୟା ଶାଶ୍ୱତୀ, ନିର୍ଦ୍ଦେଶିକା ଉଦ୍ୟାନ କୃଷି ପ୍ରଶିକ୍ଷଣ ବିଦ୍ୟାଳୟ ଖୋର୍ଦ୍ଧା, ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀମା ଶ୍ରୀଅରବିନ୍ଦ ଙ୍କ ଫୋଟ ଚିତ୍ରରେ ଧୂପ ପୁଷ୍ପ ଅର୍ପଣ ପରେ ଆଧ୍ୟାତ୍ମିକ ପତାକା ଉତ୍ତୋଳନ କରି ପ୍ରଥମେ ନର୍ସରୀ ପିଲାମାନଙ୍କ ସହ ବେଲୁନ ଫୁଟା ଖେଳରେ ଦୌଡ଼ି ଖେଳକୁ ଉଦଘାଟନ କରିଥିଲେ । ପରେ ବିଦ୍ୟାଳୟ ପିଲାମାନଙ୍କ ଦ୍ୱାରା କରାଯାଇଥିବା ଡ୍ରିଲ, ଜିମ୍ନାଷ୍ଟିକ୍ କୁ ଉପଭୋଗ କରି ପ୍ରଶଂସା କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ମାଧବ ଚନ୍ଦ୍ର ରାଉତରାୟ ଅଧ୍ୟକ୍ଷତା କରିଥିଲେ । କ୍ରୀଡାଶିକ୍ଷକ ମନୋଜ କୁମାର ମହାପାତ୍ର, ଶାଶ୍ୱତୀ ରାଉତରାୟ, ପ୍ରିୟରଞ୍ଜନ ମହାପାତ୍ର ପ୍ରମୁଖ ପରିଚାଳନା କରିଥିବା ବେଳେ ମମତା ସାହୁ, ପାର୍ବତୀ ଶ୍ରୀଚନ୍ଦନ, ସୋମାଳିନ ମହାପାତ୍ର, ଦିପ୍ତିମୟୀ ସାହୁ, ସାଗରିକା ଦାସ, ସ୍ମୃତିପ୍ରଜ୍ଞା ବେହେରା, ଶ୍ରୀକାନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

ଉମାଶଙ୍କର ନାୟକଙ୍କୁ ଯାଇ ସାକ୍ଷାତ କଲେ ରତିକାନ୍ତ ପ୍ରଧାନ

ବାସୁଦେବପୁର, ୨୪/୧୧ (ଆ.ପ୍ର) : ଭଦ୍ରକ ଜିଲ୍ଲା ବାସୁଦେବ ପୁର ବ୍ଲକ ଅନ୍ତର୍ଗତ ନାଇକାଣିଡ଼ିହି ଥାନାରେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଅଧିକାରି ଉମାଶଙ୍କର ନାୟକଙ୍କୁ ଗତକାଲି ସନ୍ଧ୍ୟା ସମୟରେ ରମାକାନ୍ତ ସେବା ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ରତିକାନ୍ତ ପ୍ରଧାନ ତଥା (ପିଂଟୁ ବାବୁ) ଓ ରମାକାନ୍ତ ସେବା ଫାଉଣ୍ଡେସନର ସଦସ୍ୟ ମାନେ ଯାଇ ସାକ୍ଷାତ କଲେ, ଓ ରମାକାନ୍ତ ସେବା ଫାଉଣ୍ଡେସନ ତରଫରୁ ଫୁଲ ତୋଡା ଓ ଉତରୀୟ ଦେଇ ସ୍ୱାଗତ କଲେ । ଉମାଶଙ୍କର ନାୟକ ହେଉଛନ୍ତି, ଜଣେ ସାହସୀ, ନିରପେକ୍ଷ ଚିନ୍ତାଧାରା ଏବଂ ଜଣେ ଦୟାଳୁ ଓ ମେଳାପି ମଣିଷଙ୍କୁ ଆଜି ପାଇ ବହୁତ ଆନନ୍ଦିତ ଅନୁଭବ କରୁଛନ୍ତି ବୋଲି ଆଜି ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ରମାକାନ୍ତ ସେବା ଫାଉଣ୍ଡେସନ ଅଧ୍ୟକ୍ଷ ରତିକାନ୍ତ ପ୍ରଧାନ ତଥା ପିଂଟୁ ବାବୁ, ଏଥିରେ ଯୋଗ ଦାନ କରି ଥିଲେ, ରମାକାନ୍ତ ସେବା ଫାଉଣ୍ଡେସନ ଅଧ୍ୟକ୍ଷ ରତିକାନ୍ତ ପ୍ରଧାନ ତଥା ପିଂଟୁ ବାବୁ, ଓ ରମାକାନ୍ତ ସେବା ଫାଉଣ୍ଡେସନ ସଦସ୍ୟ ମାନେ ଉପସ୍ଥିତ ଥିଲେ ।

ୱାର୍ଡ ମେମ୍ବର ମିନା କୁମାରୀଙ୍କ ଉଦ୍ୟମରେ ଲାଗିଲା ୪ କିଲୋମିଟର ଷ୍ଟ୍ରିଟ ଲାଇଟ୍

ବଣାଇଁ, ୨୪/୧୧ (ଆ.ପ୍ର) : ବଣାଇଁ ବ୍ଲକ ଅନ୍ତର୍ଗତ କେନ୍ଦ୍ରିକଳା ପଂଚାୟତର ଗୁଡିଆଳି ଗ୍ରାମର ୱାର୍ଡ ମେମ୍ବର ମିନା କୁମାରୀ ସାହୁଙ୍କ ଉଦ୍ୟମ ଫଳରେ ବାବୁ ନୂଆଗାଁ ଛକ ଠାରୁ ଗୁଡ଼ିଆଳି ଗ୍ରାମ ପର୍ଯ୍ୟନ୍ତ ଦୀର୍ଘ ୪ କିଲୋମିଟର ରାସ୍ତା ଶ୍ରୀହରି ସ୍ପଞ୍ଜ କାରଖାନା ତରଫରୁ ଆଲୋକିତ ହୋଇ ପାରିଛି । ଏହି ଗ୍ରାମ୍ୟ ରାସ୍ତା ଦେଇ୧୦/୧୨ଗାଁ ଲୋକେ ଅନ୍ଧାରିଆ ଓ ହାତୀ ଉପଦ୍ରବ ପାଇଁ ଡାକ୍ତରଖାନା, ଛାତ୍ର ଛାତ୍ରୀ ଚଳପ୍ରଚଳ ଯିବା ଆସିବା କରିବା ପାଇଁ ଭୟ କରୁଥିଲେ ସେ ଗୁଡିଆଳି ଗ୍ରାମର ୱାର୍ଡ ମେମ୍ବର ମିନା କୁମାରୀ ସାହୁ ସୁନ୍ଦର ଗଡ଼ ଜିଲ୍ଲାପାଳଙ୍କୁ ପତ୍ର ସଂଖ୍ୟା-୮ ତାରିଖ-୧୧.୧୦.୨୦୨୪ ଅନୁଯାୟୀ ଅବଗତ କରିଥିଲେ, ତା ସହିତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ କୁମାର ସାହୁ, ବଣାଇ ଉପ ଜିଲ୍ଲାପାଳ ଅକ୍ଷୟ ପିଲେଙ୍କୁ ଷ୍ଟ୍ରିଟ ଲାଇଟ ଲଗାଇବା ପାଇଁ ଦାବୀ କରି ଆସୁ ଥିଲେ ସୁଦ୍ଧା ପ୍ରତିଶ୍ରୁତିରେ ରହି ଯାଇଥିଲା । ଶେଷରେ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠକୁ ଯାଇ ସାକ୍ଷାତ କରି ସମସ୍ତ ଚିଠିପତ୍ର ଦେଖେଇ ଥିଲେ । ମୁଖ୍ୟମନ୍ତ୍ରୀ ଏହାକୁ ହୃଦୟଙ୍ଗମ କରି ଜଙ୍ଗଲ ଓ ପରିବେଶ ସଚିବ ଡ଼ଃ ସତ୍ୟବ୍ରତ ସାହୁଙ୍କୁ ସମାଧାନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ପୁନଶ୍ଚ ବନଖଣ୍ଡ ଅଧିକାରୀଙ୍କ ପତ୍ର ସଂଖ୍ୟା -୧୩୩୪ ତାରିଖ - ୧୮.୦୨.୨୦୨୫ ଅନୁଯାୟୀ ଜେନେରାଲ ମେନେଜର, ଶ୍ରୀହରି ସ୍ପଞ୍ଜ କାରଖାନାକୁ ଷ୍ଟ୍ରିଟ ଲାଇଟ ଲଗାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ବହୁ ବାଧାବିଘ୍ନ ସତ୍ୱେ ବଣାଇ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର ଓ ଆଂଚଳିକ ମୁଖ୍ୟ ବନ ସରଂକ୍ଷକଙ୍କ ଉପସ୍ଥିତିରେ ତାହା ପୂରଣ ହୋଇପାରିଛି । ୱାର୍ଡ ମେମ୍ବର ମିନା କୁମାରୀ ସାହୁ ମାନ୍ୟବର ମୁଖ୍ୟମନ୍ତ୍ରୀ, ବନଖଣ୍ଡ ଅଧିକାରୀ ଓ ଶ୍ରୀହରି ସ୍ପଞ୍ଜ କର୍ତ୍ତୃପକ୍ଷଙ୍କୁ ପ୍ରଶଂସା ଓ ଧନ୍ୟବାଦ ଅର୍ପଣ କରିଛନ୍ତି ।

ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ପବିତ୍ର ଜନ୍ମ ତିଥି ପାଳିତ

ଚିଲିକା/ବାଣପୁର, ୨୪/୧୧ (ଆ.ପ୍ର) : ମହାନ୍ ଜନନାୟକ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ପବିତ୍ର ଜନ୍ମ ତିଥିରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ବାଣପୁର ବାଲୁଗାଁ ଶାଖା ତରଫରୁ ଏକ ସଭା ବାଲୁଗାଁ ଠାରେ ଅନୁଷ୍ଠିତ ହୋଇଥିଲା । ଶଶିଭୂଷଣ ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ସଭାରେ ୧୯୫୬ ମସିହାରେ ଓଡ଼ିଶା ବିଧାନସଭାରେ ସେ ସମୟର ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଦ୍ୱାରା ଆଗତ ହୋଇଥିବା ନିଶା ନିବାରଣ ଆଇନକୁ ତୁରନ୍ତ ଲାଗୁ କରାଯିବା ପାଇଁ ଦାବି କରାଯାଇଥିଲା । ମୋନା ର ପ୍ରତିଷ୍ଠାତା ସଭାପତି ଶତାୟୁ ପୁରୁଷ ଗାନ୍ଧୀବାଦୀ ନେତା ପଦ୍ମ ଚରଣ ନାୟକ ଙ୍କର ନିଶା ମୁକ୍ତ ଓଡିଶା ଗଠନ ପାଇଁ ଆଜୀବନ ସାଧନା କେବେ ହେଲେ ବ୍ୟର୍ଥ ଯିବ ନାହିଁ ବୋଲି ବକ୍ତା ମାନେ ମତପ୍ରକାଶ କରିଥିଲେ । ଶଶିଭୂଷଣ ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଉକ୍ତ ସଭାରେ ସର୍ବଶ୍ରୀ ସଙ୍ଗ୍ରାମ ହରିଚନ୍ଦନ, ରଙ୍ଗନାଥ ସେଠୀ, ମଦନମୋହନ ମହାପାତ୍ର, ଶେଷଦେବ ମହାରଣା, ସନ୍ଧ୍ୟା ଦେବୀ, ଅନନ୍ତ ଚରଣ ଖଟେଇ, ରମେଶ ଚନ୍ଦ୍ର ମହାପାତ୍ର, ଶ୍ରୀବତ୍ସ ସେଣ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଅନେକ ଲୋକଙ୍କ ଉପସ୍ଥିତିରେ ହୋଇଥିବା ଏହି ସଭାରେ ସୁଶାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

ବଲାଙ୍ଗିର ଲୋକ ଉତ୍ସବ ବିଳମ୍ବ କାହା ପାଇଁ ? ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଦେବାଳୟ ଐତିହ୍ୟ ସୁରକ୍ଷା କମିଟି

ବଲାଙ୍ଗିର, ୨୪/୧୧ (ଆ.ପ୍ର) : ବଲାଙ୍ଗିର କଳା ସଂସ୍କୃତିର କେନ୍ଦ୍ର ସ୍ଥଳି ଭାବେ ବେଶ୍ ପରିଚିତ । ଏହି ସହରରୁ ଏବଂ ଗ୍ରାମରୁ କେତେ ଯେ କଳାକାର ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ନାମ କମାଇଥିବା ବେଳେ ବିଭିନ୍ନ ଜିଲ୍ଲା ଏବେ ଧୁମଧାମରେ ଉତ୍ସବ ପାଳନ ହେଉଥିବା ବେଳେ ରାଜ୍ୟ ସରକାର ଏବଂ ଓଡିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ୨୦୨୫-୨୬ ବର୍ଷ ବିଭିନ୍ନ ଜିଲ୍ଲା ଉତ୍ସବ ପାଇଁ ଅନୁଦାନ ଆସିଥିବା ବେଳେ ଆଖପାଖ ପଡୋଶି ଜିଲ୍ଲା ଉତ୍ସବ ଆୟୋଜିତ ହେଉଥିବା ବେଳେ କାହିଁକି ଏ ବର୍ଷ ବଲାଙ୍ଗିର ଲୋକମହୋତ୍ସବ ବିଳମ୍ବ ହେଲା କଳାକାର ଓ ବୁଦ୍ଧିଜିବି ବଲାଙ୍ଗିରରେ ବେଶ୍ ଆଲୋଚନା ହେଉଛି । ପ୍ରତି ବର୍ଷ ଜିଲ୍ଲା ପ୍ରଶାସନ ପ୍ରଥମ କରି ୧୯୯୯ ମସିହାରୁ ନଭେମ୍ବର ପହେଲା ସପ୍ତାହରୁ ମହୋତ୍ସବ ଆୟୋଜିତ ହେଉଥିଲା ଐତିହାସିକ କଳା ମଣ୍ଡପ ପଡିଆରେ । ଏହି ଉତ୍ସବ ପାଇଁ ଗ୍ରାମ କଳାକାର, ବ୍ୟବସାୟି ଲୋକେ ଚାହିଁ ବସିଥାନ୍ତି । କିଛି ବର୍ଷ ହେବ ଜାନୁୟାରୀ ମାସରେ ଆୟୋଜନ ହେଉଛି । ଏ ବର୍ଷ ବିଳମ୍ବ ହେବା ସମ୍ଭାବନା ଥିବା ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ମୁଖ୍ୟମନ୍ତ୍ରୀ ଓ ସାଂସ୍କୃତିକ ମନ୍ତ୍ରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରାଙ୍କ ଜରିଆରେ ଏକ ତିନି ଜଣିଆ କମିଟିର ସଦସ୍ୟ ଯାଇ ମହୋତ୍ସବ ଆୟୋଜନ ପାଇଁ ଦାବି ପତ୍ର ଦେଇଛନ୍ତି । ଆଗକୁ ବିଭିନ୍ନ କଲେଜ ଏବଂ ସ୍କୁଲର ପରୀକ୍ଷା ହେଉଥିବାରୁ ଉତ୍ସବଟି ବାଧା ସୃଷ୍ଟି ହେବ ତେଣୁ ମହୋତ୍ସବ ଶିଘ୍ର ଆୟୋଜନ ପାଇଁ ଦାବି ଜଣାଇଛନ୍ତି । ଦେବାଳୟ ସୁରକ୍ଷା କମିଟି ସଭାପତି ଜୟକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ଶମ୍ଭୁ ପ୍ରସାଦ ଶତପଥି, ପ୍ରଶାନ୍ତ ମହାକୁର ଓ କମିଟିର ସଦସ୍ୟ ଦାବିପତ୍ର ଜଣାଇଛନ୍ତି ।

ଅଡବାରେ ସ୍ୱଚ୍ଛ ଭାରତ ମିଶନ ଫେଲ

ପାରଳାଖେମୁଣ୍ଡି, ୨୪/୧୧ (ଆ.ପ୍ର) : ଗଜପତି ଜିଲ୍ଲା ଅଡବାରେ ଏକ ଦୂଷିତ ପରିବେଶ ଦ୍ୱାରା ଅଂଚଳ ବାସୀ ବିଭିନ୍ନ ଜଳବାହୀ ତଥା ବାୟୁବାହୀ ରୋଗ ଦ୍ୱାରା ସଂକ୍ରମିତ ହେବାର ଆଶଂକା ରହିଛି । ନିକଟରେ ଗତ ଅକ୍ଟୋବର ୨ ତାରିଖ ଦିନ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ସଚେତନତା କରାଯାଇଥିଲା । ତଥାପି ପ୍ରଶାସନର ଦୂରଦୃଷ୍ଟି ଅଭାବରୁ ଭରପୁର ଅଳିଆ ରାସ୍ତା କଡରେ ଠାବ ହେବାର ଦେଖିବାକୁ ମିଳିଛି । ଏହି ରାସ୍ତା ଗଂଜାମ, ରାୟଗଡ଼ା ଓ କନ୍ଧମାଳ ଜିଲ୍ଲା ସହ ସଂଯୋଗ ରହିଛି । ଦୈନନ୍ଦିନ ୧୦୦ରୁ ଊର୍ଦ୍ଧ୍ୱ ବସ୍ ଯାତାୟାତ କରେ । ଶୌଚାଳୟ ତାଲା ପଡିଥିବାରୁ ଲୋକେ ଖୋଲା ସ୍ଥାନରେ ପରିଶ୍ରା କରିବାକୁ ବାଧ୍ୟ ହୋଉଥାନ୍ତି । ଶୌଚାଳୟକୁ କାର୍ଯ୍ୟକ୍ଷମ କରିବାକୁ ଅଂଚଳବାସୀ ଦାବୀ କରିଛନ୍ତି । ଏଠାରେ ଅଳିଆ ଗଦା ନିକଟରେ ନାଳ ପାଣି ଜମା ହେଉଥିବାରୁ ଡେଂଗୁ,ମ୍ୟାଲେରିଆ ଜ୍ୱର ଓ ଝାଡାବାନ୍ତି ହେବାର ଆଶଂକା ରହିଛି । ସରପଂଚ ,ସମିତି ସଭ୍ୟ ତଥା ୱାର୍ଡ ମେମ୍ବର ମାନଂକ ଏ ଦିଗରେ ଦୃଷ୍ଟି ପଡୁନାହିଁ । ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ସେ ଏଦିଗରେ ଅବଗତ ନଥିଲେ । ତଥାପି ଏ ଦିଗରେ ଦୃଷ୍ଟି ଦେବେ ବୋଲି କହିଛନ୍ତି ।

'ଗମ୍ଭୀର ସ୍ଥିତି'ରେ ଟିମ ଇଣ୍ଡିଆ: ୩୧୪ ରନ ଆଗରେ ଦକ୍ଷିଣ ଆଫ୍ରିକା

ନୂଆଦିଲ୍ଲୀ, ୨୪/୧୧(ନ୍ୟୁ.ଏ):ପ୍ରଥମ ଟେଷ୍ଟ ହାରିଥିଲା । ଏବେ ଦ୍ୱିତୀୟ ଟେଷ୍ଟରେ ଟିମ ଇଣ୍ଡିଆର ସ୍ଥିତି ଅତ୍ୟନ୍ତ ଗମ୍ଭୀର । ନିଜ ମାଟି, ନିଜ ପରିବେଶ ଓ ଘରୋଇ ଦର୍ଶକଙ୍କ ସାମ୍ନାରେ ଭାରତୀୟ ଟିମ ଖେଳୁଛି । ତଥାପି ପ୍ରଥମ ଟେଷ୍ଟ ଭଳି ଦ୍ୱିତୀୟ ଟେଷ୍ଟରେ ଦକ୍ଷିଣ ଆଫ୍ରିକାର ଦବଦବା ଦେଖିବାକୁ ମିଳିଛି । ଭାରତୀୟ ଟିମର ବ୍ରିଲିଆଣ୍ଟ ଏକାଦଶରେ ସ୍ଥାନ ପାଇଥିବା ଦୁଇ ତିନି ଜଣଙ୍କ ଛାଡ଼ି ଦେଲେ ଅନ୍ୟ କେହି ବି ଦକ୍ଷିଣ ଆଫ୍ରିକା ବୋଲରଙ୍କୁ ସାମ୍ନା କରିବାରେ ସକ୍ଷମ ହୋଇ ନାହାନ୍ତି । ବୋଲର ବି ଦ୍ୱିତୀୟ ଟେଷ୍ଟରେ ଧରାଶାୟୀ ହୋଇଛନ୍ତି । ଏକାକୀ ମାର୍କୋ ୟାନସେନ ଭାରତୀୟ ବ୍ୟାଟର ଓ ବୋଲରଙ୍କୁ ଚିତ କରି ଦେଇଛନ୍ତି । ୧-୦ରେ ପଛରେ ଥିବା ଭାରତ ଏବେ ଦ୍ୱିତୀୟ ଟେଷ୍ଟରେ ଏମିତି ଏକ ସ୍ଥିତିରେ ପହଂଚି ଯାଇଛି, ଯେଉଁଠାରେ ଦଳ ମ୍ୟାଚ୍ ହାରିବ କିମ୍ବା ଅତି ବେଶୀରେ ଡ୍ର କରିବାକୁ ସକ୍ଷମ ହେବ । ଡ୍ରର ଆଶା ମଧ୍ୟ ପ୍ରଥମ ଇନିଂସ ବ୍ୟାଟିଂ ପରେ କ୍ଷୀଣ ହୋଇଯାଇଛି । ତଥାପି ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ଇଚ୍ଛାରେ ଖେଳୁଥିବା ଭାରତୀୟ ଟିମ ଡ୍ର ଆଶାରେ ହିଁ ରହିବ । କାରଣ ପ୍ରଥମ ଇନିଂସରେ ଭାରତୀୟ ଟିମ ମାତ୍ର ୨୦୧ ରନରେ ଅଲଆଉଟ ହୋଇ ଯାଇଛି । ଆଉ ଦକ୍ଷିଣ ଆଫ୍ରିକା ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ବିନା ୱିକେଟରେ ୨୬ ରନ କରି ନେଇଛି । ଏଥିସହ ଦଳର ଲିଡ ଏବେ ୩୧୪ରେ ପହଂଚି ଯାଇଛି । ପ୍ରଥମ ଇନିଂସରେ ଦଳ ବିଶାଳ ୪୮୯ ରନ କରିଥିଲା । ଦକ୍ଷିଣ ଆଫ୍ରିକାର ପ୍ରତିଟି ବ୍ୟାଟରଙ୍କ ଠାରୁ ଆରମ୍ଭ କରି ଟେଲଣ୍ଡର ଭାରତୀୟ ବୋଲରଙ୍କୁ ପ୍ରବଳ ଧୋଇଥିଲେ । ଦ୍ୱିତୀୟ ଦିନର ଶେଷ ଅପସାରଣ ବେଳକୁ ରିୟାନ ରିକେଲଟ ୧୩ ଓ ଆଡେନ ମାର୍କରମ ୧୨ ରନ କରି ଅପରାଜିତ ରହିଛନ୍ତି । ଦ୍ୱିତୀୟ ଇନିଂସରେ ଭାରତୀୟ ବୋଲରମାନେ ୮ ଓଭର ବୋଲିଂ କରିଥିଲେ ହେଁ କୌଣସି ୱିକେଟ ପାଇନାହାନ୍ତି । ମ୍ୟାଚ୍ ଶେଷ ହେବାକୁ ଆହୁରି ଦୁଇ ଦିନ ବାକି ଥିବା ବେଳେ କ୍ଲିନ ସୁଇପକୁ ଏଡାଇବାକୁ ଭାରତ ଗମ୍ଭୀର ସ୍ଥିତିରୁ ବାହାରି ପାରୁଛି କି ନାହିଁ, ତା' ଉପରେ ସମସ୍ତଙ୍କ ନଜର ରହିଛି । ପ୍ରଥମ ଇନିଂସରେ ୪୮୯ ରନ କରି ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଦିନର ଖେଳ ଶେଷ ହେବା ପୂର୍ବରୁ ଅଲଆଉଟ ହୋଇଯାଇଥିଲା । ଭାରତ ଦ୍ୱିତୀୟ ଦିନରେ ବିନା ୱିକେଟରେ ୯ ରନ କରିଥିବା ବେଳେ ଶେଷ ଅପସାରଣ ହୋଇଥିଲା । ଲାଗୁଥିଲା ଦକ୍ଷିଣ ଆଫ୍ରିକା ଭଳି ଭାରତ ମଧ୍ୟ ବ୍ୟାଟିଂରେ ଜଲୱା ଦେଖାଇବ । କିନ୍ତୁ ତୃତୀୟ ଦିନରେ ମାର୍କୋ ୟାନସେନ ନିଜର ଜଲୱା ଦେଖାଇଛନ୍ତି । ବ୍ୟାଟିଂ ବେଳେ ଶତକରୁ ୭ ରନ ସେ ରହିଯାଇଥିଲେ । କିନ୍ତୁ ବୋଲିଂରେ ସେ ଭାରତର ୬ ବ୍ୟାଟରଙ୍କୁ ଆଉଟ କରି ନିଜର ଦକ୍ଷତା ଦେଖାଇଛନ୍ତି । ତାଙ୍କ ବୋଲିଂ ଆଗରେ ଭାରତୀୟ ବ୍ୟାଟର ସତେ ଯେମିତି ଆତ୍ମସମର୍ପଣ କରିଛନ୍ତି । ତୃତୀୟ ଦିନରେ ଯଶସ୍ୱୀ ଜୈସୱାଲ ନିଜ ଷ୍ଟାଇଲରେ ୫୮ ରନର ଇନିଂସ ଖେଳିଥିଲେ ହେଁ କେଏଲ ରାହୁଲ ମାତ୍ର ୨୨ ରନ କରି ଦିବସର ପ୍ରଥମ ବ୍ୟାଟର ଭାବେ ପାଭିଲିୟନ ଫେରିଥିଲେ । ତାଙ୍କୁ କେଶବ ମହାରାଜ ଆଉଟ କରିଥିଲେ । ଦଳୀୟ ସ୍କୋର ୯୫ ଥିବା ବେଳେ ଭାରତ ଜୈସୱାଲଙ୍କୁ ହରାଇଥିଲା । ସିମନ ହାର୍ମର ତାଙ୍କ ୱିକେଟ ନେଇଥିଲେ । ସାଇ ସୁଦର୍ଶନ ୧୫ ରନ କରି ହାର୍ମରଙ୍କ ଦ୍ୱିତୀୟ ଶିକାର ବନିଥିଲେ । ଭାରତ ଏହି ଠାରୁ ଆରମ୍ଭ ହୋଇଥିଲା ଭାରତର ବିପର୍ଯ୍ୟୟ । ଏକଦା ୯୫ ରନରେ ୧ ୱିକେଟ ହରାଇଥିବା ଭାରତ ୧୨୨ ରନରେ ୭ ୱିକେଟ ହରାଇ ଦେଇଥିଲା । ୟାନସେନ ଜଣଙ୍କ ପରେ ଜଣେ ବ୍ୟାଟରଙ୍କ ୱିକେଟ ନେଇ ଭାରତର ବ୍ୟାଟିଂ ଲାଇନ ଅପକୁ ଛିନଛତ୍ର କରି ଦେଇଥିଲେ । ଧ୍ରୁବ ଜୁରେଲ(୦), କାମଚଳା ଅଧିନାୟକ ଋଷଭ ପନ୍ତ(୭), ରବୀନ୍ଦ୍ର ଜାଡେଜା(୬) ଓ ନୀତୀଶ କୁମାର ରେଡ୍ଡୀ(୧୦)ଙ୍କ ୱିକେଟ ତାଙ୍କ ଖାତାକୁ ଯାଇଥିଲା । ଭାରତକୁ ୟାନସେନ ବ୍ୟାକଫୁଟକୁ ଠେଲି ଦେଇଥିଲେ । ଦଳୀୟ ସ୍କୋର ୧୨୨/୭ ଥିବା ବେଳେ ୱାଶିଂଟନ ସୁନ୍ଦର ଓ କୁଲଦୀପ ଯାଦବ ଲଢ଼େଇ କରି ଫଲୋଅନ ଏଡ଼ାଇବାକୁ ଚେଷ୍ଟା କରିଥିଲେ । ଭାରତକୁ ବିଶାଳ ୨୮୯ କରି ଫଲୋଅନ ଏଡ଼ାଇବାର ଥିଲା । ସୁନ୍ଦର ଓ କୁଲଦୀପ ଯୋଡ଼ି ନିଜ କ୍ଷମତା ଅନୁସାରେ ବହୁତ ଚେଷ୍ଟା କଲେ । ଉଭୟ ପ୍ରାୟ ୩୫ ଓଭର ବ୍ୟାଟିଂ କରି ଦଳର ସ୍କୋରକୁ ୧୯୪ରେ ପହଂଚାଇଥିଲେ । ହେଲେ ପ୍ରଥମ ମ୍ୟାଚ୍ର ହିରୋ ହାର୍ମର ୪୮ ରନ କରିଥିବା ସୁନ୍ଦରଙ୍କୁ ଆଉଟ କରି ଏହି ଯୋଡ଼ିକୁ ଭାଙ୍ଗିଥିଲେ । ପରବର୍ତ୍ତୀ ଓଭରରେ ୟାନସେନ ଆସି କୁଲଦୀପ(୧୯)ଙ୍କୁ ଆଉଟ କରିଥିଲେ । ଯଶପ୍ରୀତ ବୁମ୍ରା ଓ ମହମ୍ମଦ ସିରାଜ ଶେଷ ୱିକେଟ ପାଇଁ ୭ ରନ ଯୋଡ଼ିବାରୁ ଦଳୀୟ ସ୍କୋର ୨୦୧ରେ ପହଂଚିଥିଲା । ଏହି ସମୟରେ ୟାନସେନ ୫ ରନ କରିଥିବା ବୁମ୍ରାଙ୍କୁ ଆଉଟ କରି ଭାରତର ପ୍ରଥମ ଇନିଂସରେ ପୂର୍ଣ୍ଣଚ୍ଛେଦ ଟାଣିଥିଲେ । ଭାରତ ଫଲୋଅନ ଖାଇଥିଲେ ହେଁ ଦକ୍ଷିଣ ଆଫ୍ରିକା ପୁଣି ବ୍ୟାଟିଂ କରିବାକୁ ନେଇଥିଲା । ଭାରତ ବଦଳରେ ଦକ୍ଷିଣ ଆଫ୍ରିକା ତା'ର ଦ୍ୱିତୀୟ ଇନିଂସ ଆଜି ଆରମ୍ଭ କରିଛି । ତୃତୀୟ ଦିନରେ ଦଳ ୮ ଓଭରରେ ୨୬ ରନ କରିବା ସହ ଲିଡ୍କୁ ୩୧୪ ରନରେ ପହଂଚାଇ ଦେଇଛି ।

ସ୍ୱାଧୀନତା ପୂର୍ବରୁ ଲଢେଇ କରିଥିଲେ ସ୍ୱରାଜ୍ୟ ପାଇଁ, ଏବେ ଯୋଜନା କରିବା ସମୃଦ୍ଧି ପାଇଁ : ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର, ୨୪/୧୧ (ଆ.ପ୍ର) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମୂଳ ମନ୍ତ୍ର ହେଉଛି 'ସମବାୟରୁ ସମୃଦ୍ଧି' । ସ୍ୱାଧୀନତା ପୂର୍ବରୁ ଆମେ ସ୍ୱରାଜ ପାଇଁ ଲଢେଇ କରିଥିଲେ । ଆଜି ସମୃଦ୍ଧି ପାଇଁ ଯୋଜନା କରିବା ପାଇଁ ପଡ଼ିବ । ସୋମବାର ସମ୍ବଲପୁରରେ 'ଜିଲ୍ଲାସ୍ତରୀୟ ସର୍ବଭାରତୀୟ ସମବାୟ ସପ୍ତାହ – ୨୦୨୫' କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସର୍ବଭାରତୀୟ ୭୨ତମ ସମବାୟ ସପ୍ତାହ ପାଳନ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପାଇଁ ଶ୍ରୀ ପ୍ରଧାନ ସମ୍ବଲପୁର ଜିଲ୍ଲା ପ୍ରଶାସନ ସହ ସମବାୟ ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି । ସେ କହିଛନ୍ତି ଯେ ସମବାୟ ଆମ ସମାଜର ଅବିଚ୍ଛେଦ୍ୟ ଅଙ୍ଗ । ଏହା କେବଳ ଏକ ବ୍ୟବସାୟିକ ମଡେଲ୍ ନୁହେଁ, ଏହା ହେଉଛି ଏକ ବିଚାର । ମଧୁବାବୁଙ୍କ ଉତ୍କଳ ଟ୍ୟାନେରୀ ହେଉ କିମ୍ବା ସର୍ଦ୍ଦାର ପଟେଲଜୀଙ୍କ ଦ୍ୱାରା ପ୍ରେରିତ ଅମୂଲ୍ ଭଳି ସଂସ୍ଥା, ଏମାନେ ସମବାୟର ଶକ୍ତିଶାଳୀ ଉଦାହରଣ । ଗ୍ରାମୀଣ ଅର୍ଥନୀତି ଓ କୃଷକମାନଙ୍କୁ ସଶକ୍ତ କରିବାରେ ଏହି ବିଚାର ଅତୁଳନୀୟ ଭୂମିକା ଗ୍ରହଣ କରିଛି । ସମବାୟ କ୍ଷେତ୍ରକୁ ଦେଶର ବିକାଶର ମୂଳ ସ୍ରୋତରେ ସାମିଲ କରିବା ପାଇଁ ଆମର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ଦୂରଦୃଷ୍ଟି ଆଜି ସାରା ଦେଶରେ ଏକ ନୂତନ ଉତ୍ସାହ ସୃଷ୍ଟି କରିଛି । ମୋଦୀ ସରକାର ସ୍ୱତନ୍ତ୍ର ଭାବରେ ସହକାରିତା ମନ୍ତ୍ରଣାଳୟ ଗଠନ କରି ଏହାର ଗୁରୁତ୍ୱକୁ ଦର୍ଶାଇଛନ୍ତି । ରାଜ୍ୟରେ ନୂଆ ସମବାୟ ନୀତି ଯୋଜନା ଚାଲିଛି । କେନ୍ଦ୍ରୀୟ ସମବାୟ ନୀତି ଆସିସାରିଛି । ସମବାୟ ମାଧ୍ୟମରେ ବହୁବିଧ ବ୍ୟବସାୟ କରାଇବା ଉପରେ ସରକାର ଯୋର୍ ଦେଇଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି, ସମ୍ମାନଜନକ ଜୀବନ ବଂଚିବା ସମସ୍ତଙ୍କର ଅଧିକାର । ଆମେ ଯେତେବେଳେ ଗାଁର କ୍ଷୁଦ୍ର ଚାଷୀ, ମହିଳା ଏବଂ ଗରିବଙ୍କୁ ସମବାୟ ମାଧ୍ୟମରେ ସଂଯୋଗ କରିବା, ସେତେବେଳେ ଯାଇ ପ୍ରକୃତ ଅର୍ଥରେ 'ଆତ୍ମନିର୍ଭର ଭାରତ'ର ସ୍ୱପ୍ନ ସାକାର ହେବ । ସମବାୟ ଆମକୁ ଶିକ୍ଷା ଦିଏ ଯେ କେବଳ ବ୍ୟକ୍ତିଗତ ଉଦ୍ୟମରେ ନୁହେଁ, ବରଂ ସାମୂହିକ ପ୍ରୟାସରେ ହିଁ ପ୍ରକୃତ ସଫଳତା ମିଳେ । ଏହିପରି ଭାବରେ ସାମୂହିକ ପ୍ରୟାସ ମାଧ୍ୟମରେ ଆମେ ସମ୍ବଲପୁରରେ ସମ୍ପନ୍ନତା ଆଣିବା । ଶେଷରେ, ଆଗାମୀ ଦିନରେ ପ୍ରତି ପଂଚାୟତ ସ୍ତରରେ ଗୋଟିଏ ଲେଖାଏଁ ସମବାୟ ପ୍ରଶିକ୍ଷଣ ଶିବିର କରିବା ପାଇଁ ଶ୍ରୀ ପ୍ରଧାନ ପରାମର୍ଶ ଦେବା ସହ ନୂଆପିଢ଼ିର ଯୁବକମାନଙ୍କୁ ସେଥିରେ ସାମିଲ କରିବା ପାଇଁ କହିଛନ୍ତି । ସମ୍ବଲପୁର ଜିଲ୍ଲାରେ ଆଗାମୀ ଦିନରେ ୧୫୦ଟି ବହୁମୁଖୀ ସମବାୟ ସମିତି ସହ ୫୦ଟି କୃଷି ଉତ୍ପାଦ ସଂଗଠନ(ଏଫପିଓ) ଗଠନ କରିବାକୁ ଆହ୍ୱାନ କରିଛନ୍ତି । ଆଗାମୀ ୨ ବର୍ଷ ଭିତରେ ଜିଲ୍ଲାର ସବୁ ପରିବାର ଏଫପିଓ କିମ୍ବା ସମବାୟ ସମିତିରେ ଯୋଡ଼ି ହେବା ପାଇଁ ସେ ପରାମର୍ଶ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ପଂଚାୟତିରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ନରେନ୍ଦ୍ର ନାରାୟଣ ଯାଦବ ବିହାର ବିଧାନସଭାରେ ପ୍ରୋଟେମ ସ୍ପିକର

ପାଟନା, ୨୪/୧୧(ନ୍ୟୁ.ଏ):ବିହାର ରାଜ୍ୟପାଳ ଆରିଫ୍ ମହମ୍ମଦ ଖାଁ ବରିଷ୍ଠ ଜେଡିୟୁ ନେତା ନରେନ୍ଦ୍ର ନାରାୟଣ ଯାଦବଙ୍କୁ ବିହାର ବିଧାନସଭାର ପ୍ରୋ-ଟେମ୍ ସ୍ପିକର ବା ଅସ୍ଥାୟୀ ବାଚସ୍ପତି ଭାବରେ ଶପଥ ପାଠ କରାଇଛନ୍ତି । ଏହାପରେ ଯାଦବ ନବନିର୍ବାଚିତ ବିଧାୟକମାନଙ୍କୁ ଶପଥ ପାଠ କରାଇବେ । ସେ ଏଥର ଆଲମନଗର ଆସନରୁ ବିଜୟୀ ହୋଇଛନ୍ତି । ସେ ଭିଆଇପିର ନବୀନ କୁମାରଙ୍କୁ ୫୫,୪୬୫ ଭୋଟରେ ପରାସ୍ତ କରିଛନ୍ତି । ନରେନ୍ଦ୍ର ନାରାୟଣ ଯାଦବ ୧,୩୮,୪୦୧ ଭୋଟ ପାଇଛନ୍ତି, ଯେତେବେଳେ ନବୀନ କୁମାର ୮୨,୯୩୬ ଭୋଟ ପାଇଛନ୍ତି । ଜନ ସୁରାଜର ସୁବୋଧ କୁମାର ସୁମନ ୮,୯୩୪ ଭୋଟ ସହିତ ତୃତୀୟ ସ୍ଥାନରେ ଅଛନ୍ତି । ସେ ପ୍ରଥମ ଥର ପାଇଁ ୧୯୯୫ ମସିହାରେ ଆଲମନଗର ଆସନରୁ ବିଧାୟକ ଭାବରେ ନିର୍ବାଚିତ ହୋଇଥିଲେ । ସେ ସେଠାରୁ ସେଠାରୁ ଲଗାତାର ଜିତି ଆସୁଛନ୍ତି । ତାଙ୍କୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନିକଟତମ ନେତାମାନଙ୍କ ମଧ୍ୟରୁ ଜଣେ ବୋଲି ବିବେଚନା କରାଯାଏ । ସେ ବିହାର ସରକାରରେ ମନ୍ତ୍ରୀ ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି । ପ୍ରୋଟେମ୍ ବାଚସ୍ପତି ହେଉଛନ୍ତି ଗୃହର ଅସ୍ଥାୟୀ ବାଚସ୍ପତି । ସେ ନବନିର୍ବାଚିତ ସଦସ୍ୟମାନଙ୍କୁ ଶପଥ ପାଠ କରାନ୍ତି ଯାହା ଦ୍ୱାରା ଗୃହ ଏହାର କାର୍ଯ୍ୟ ଜାରି ରଖିପାରିବ । ସ୍ଥାୟୀ ବାଚସ୍ପତି ନିଯୁକ୍ତ ନହେବା ପର୍ଯ୍ୟନ୍ତ ପ୍ରୋଟେମ୍ ବାଚସ୍ପତିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ । ବିହାରର ମାଧେପୁରା ଜିଲ୍ଲାର ଆଲମନଗର ବିଧାନସଭା ଆସନ ଏକ ସାଧାରଣ ବର୍ଗର ଆସନ । ଏହା ମାଧେପୁରା ଲୋକସଭା ନିର୍ବାଚନ ମଣ୍ଡଳୀ ଅଧୀନରେ ପଡ଼ିଥାଏ । ଏହି ବିଧାନସଭା ନିର୍ବାଚନ ମଣ୍ଡଳୀ କେବଳ ରାଜନୈତିକ ଦୃଷ୍ଟିରୁ ନୁହେଁ ବରଂ ସାମାଜିକ ଏବଂ ଭୌଗୋଳିକ ଦୃଷ୍ଟିରୁ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସହରସା, ଖଗାରିଆ, ଭାଗଲପୁର, ନୌଗାଛିଆ, କଟିହାର ଏବଂ ପୂର୍ଣ୍ଣିଆ ଭଳି ଜିଲ୍ଲା ସହିତ ସଂଲଗ୍ନ, ଏହି ଅଂଚଳ ରାଜନୈତିକ ଦୃଷ୍ଟିରୁ ବିବିଧ ।

ଅରୁଣାଚଳ ଚାଇନାର କହି ସଙ୍ଘାଇ ଏୟାରପୋର୍ଟରେ ଭାରତୀୟ ମହିଳାଙ୍କୁ ନିର୍ଯାତନା

ନୂଆଦିଲ୍ଲୀ, ୨୪/୧୧(ନ୍ୟୁ.ଏ): ଅରୁଣାଚଳ ପ୍ରଦେଶର ଜଣେ ମହିଳାଙ୍କୁ ଚାଇନିଜ ଇମିଗ୍ରେସନ ଅଧିକାରୀମାନେ ସଙ୍ଘାଇ ଏୟାରପୋର୍ଟରେ ଦେଇଛନ୍ତି ମାନସିକ ନିର୍ଯାତନା । ସେମାନେ ଭାରତୀୟ ମହିଳାଙ୍କୁ ଦୀର୍ଘ ଘଂଟା ଧରି ଏୟାରପୋର୍ଟରେ ବସାଇ ରଖିବା ସହ ଟ୍ରାଞ୍ଜିଟ ହଲ୍ଟ ବେଳେ ଭାରତୀୟ ପାସପୋର୍ଟକୁ ଗ୍ରହଣ କରି ନାହାନ୍ତି । ଏଥିଯୋଗୁ ମହିଳା ଜଣଙ୍କ ଶାରିରୀକ, ମାନସିକ ଓ ଆର୍ଥିକ କ୍ଷତି ସହିଛନ୍ତି । ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି । ପ୍ରେମା ଥ୍ୱାଙ୍ଗଡୋମ ଅରୁଣାଚଳ ପ୍ରଦେଶର ମୂଳବାସିନ୍ଦା ହୋଇଥିବା ବେଳେ ସେ ବ୍ରିଟେନରେ ରୁହନ୍ତି । ନଭେମ୍ବର ୨୧ରେ ସେ ଲଣ୍ଡନରୁ ଜାପାନ ଯାଉଥିଲେ । ତେବେ ଡାଇରେକ୍ଟ ବିମାନ ନଥିବାରୁ ତାଙ୍କୁ ଚାଇନାର ସଙ୍ଘାଇ ପୁଡୋଙ୍ଗ ଏୟାରପୋର୍ଟ ଦେଇ ଯିବାକୁ ପଡ଼ିଥିଲା । ଟ୍ରାଞ୍ଜିଟ ହଲ୍ଟ ପାଇଁ ସେ ସଙ୍ଘାଇ ପୁଡୋଙ୍ଗ ଏୟାରପୋର୍ଟରେ ଅବତରଣ କରିଥିଲେ । ତେବେ ସେଠାରେ ଇମିଗ୍ରେସନ କାଉଂଟରରେ ଥିବା ଅଧିକାରୀ ତାଙ୍କ ପାସପୋର୍ଟକୁ ଅବୈଧ ଘୋଷଣା କରିଥିଲେ । ତାଙ୍କ ଜନ୍ମ ସ୍ଥାନ ପାସପୋର୍ଟରେ ଅରୁଣାଚଳ ପ୍ରଦେଶ ଲେଖାଯାଇଥିବାରୁ ଅଧିକାରୀମାନେ ଏପରି ପଦକ୍ଷେପ ନେଇଥିଲେ । ଅଧିକାରୀମାନେ ତାଙ୍କୁ ଚିତ୍କାର କରି ଅରୁଣାଚଳ ପ୍ରଦେଶ ଚାଇନାର ଅଂଶ ବିଶେଷ ବୋଲି ବାରମ୍ବାର କହିଥିଲେ । ପ୍ରେମା ଥ୍ୱାଙ୍ଗଡୋମ କହିଛନ୍ତି, "ଇମିଗ୍ରେସନ ପରେ ମୁଁ ମୋ ପାସପୋର୍ଟ ଦାଖଲ କରିଥିଲି । ଏହାପରେ ମୁଁ ସିକ୍ୟୁରିଟୀ ଚେକିଂର ଅପେକ୍ଷାରେ ଥିଲି । ଏତିକି ବେଳେ ଜଣେ ଅଫିସର ଆସିଥିଲେ ଓ ଚିତ୍କାର କରିଥିଲେ । ଭାରତ, ଭାରତ ଓ ମୋ ନାଁ ଉଚ୍ଚାରଣ କରିଥିଲେ । ସେ ମୋତେ ସମସ୍ତଙ୍କ ଠାରୁ ଅଲଗା କରିଦେଇଥିଲେ । ମୁଁ ପ୍ରଶ୍ନ କରିବାରୁ ମହିଳା ଅଧିକାରୀ ଜଣଙ୍କ ମୋତେ ଇମିଗ୍ରେସନ ଡେସ୍କକୁ ନେଇ ଯାଇଥିଲେ । ସେଠାରେ ମୋତେ କହିଥିଲେ 'ଅରୁଣାଚଳ, ବୈଧ ପାସପୋର୍ଟ ନୁହେଁ ।' ମୁଁ କାରଣ ପଚାରିବାରୁ ଅଧିକାରୀ ଜଣଙ୍କ କହିଥିଲେ ଯେ ଅରୁଣାଚଳ ଚାଇନାର ଅଂଶ ବିଶେଷ । ତୁମ ପାସପୋର୍ଟ ବୈଧ ନୁହେଁ ।' ଏହା ଶୁଣିବା ପରେ ମୁଁ ପୂରା ସ୍ତବ୍ଧ ହୋଇଯାଇଥିଲି ।" ପ୍ରେମା ଥ୍ୱାଙ୍ଗଡୋମଙ୍କ କହିବା କଥା ଯେ ଗତବର୍ଷ ସେ ଏହି ବାଟ ଦେଇ ସମାନ ପାସପୋର୍ଟରେ ଯାତାୟାତ କରିଥିଲେ । ଲଣ୍ଡନରେ ଥିବା ଚାଇନିଜ ଦୂତାବାସ ସହ ମଧ୍ୟ ଏହି ପାସପୋର୍ଟରେ କୌଣସି ଅସୁବିଧା ନଥିବା କଥା ହୋଇଥିଲେ । ତଥାପି ତାଙ୍କୁ ଏୟାରପୋର୍ଟରେ ନିର୍ଯାତନା ଓ ହଇରାଣ କରାଯାଇଛି । ଏକାଧିକ ଇମିଗ୍ରେସନ ଅଧିକାରୀ ଓ ଚାଇନା ଇଷ୍ଟର୍ଣ୍ଣ ଏୟାରଲାଇନ୍ସ କର୍ମଚାରୀମାନେ ପ୍ରେମା ଥ୍ୱାଙ୍ଗଡୋମଙ୍କୁ କଟାକ୍ଷ କରିବା ସହ ତାଙ୍କ ଉପରେ ହସିଥିଲେ । ଏପରି କି ତାଙ୍କୁ ଚାଇନିଜ ପାସପୋର୍ଟ ପାଇଁ ଆବେଦନ କରିବାକୁ ପରିହାସ କରି ପରାମର୍ଶ ଦେଇଥିଲେ । ସ୍ଥିତି ଏପରି ହୋଇଥିଲା ଯେ ସ୍ୱଳ୍ପ ସମୟର ଟ୍ରାଞ୍ଜିଟ ହଲ୍ଟ ପ୍ରେମା ଥ୍ୱାଙ୍ଗଡୋମଙ୍କ ପାଇଁ ୧୮ ଘଂଟାର ଯନ୍ତ୍ରଣା ପାଲଟି ଯାଇଥିଲା । ତାଙ୍କୁ ୧୮ ଘଂଟା କାଳ ଏୟାରପୋର୍ଟରେ ଅଟକ ରଖାଯାଇଥିଲା । ଏହି ସମୟରେ ତାଙ୍କୁ କିଛି ସୂଚନା ଦିଆଯାଇ ନଥିଲା । ଖାଇବା ମିଳି ନଥିଲା କିମ୍ବା ଏୟାରପୋର୍ଟରେ ଥିବା ସୁବିଧାକୁ ବ୍ୟବହାର କରିବାକୁ ଦିଆଯାଇ ନଥିଲା । ତାଙ୍କ ପାସପୋର୍ଟ ଉପରେ ରୋକ ଲଗାଯିବା ସହ ତାଙ୍କୁ ସେଠାରୁ ବୈଧ ଭିସା ସତ୍ତ୍ୱେ ଜାପାନ ଯିବାକୁ ଅନୁମତି ମିଳି ନଥିଲା । ତାଙ୍କୁ ଟ୍ରାଞ୍ଜିଟ ଅଂଚଳରେ ଏକପ୍ରକାରେ ବନ୍ଦୀ କରାଯାଇଥିଲା । ଅଧିକାରୀମାନେ ତାଙ୍କୁ ସ୍ୱତନ୍ତ୍ର ଭାବେ ଚାଇନା ଇଷ୍ଟର୍ଣ୍ଣରୁ ନୂଆ ଟିକେଟ କିଣିବାକୁ ମଧ୍ୟ ବାଧ୍ୟ କରିଥିଲେ । ନୂଆ ଟିକେଟ କରିବା ପରେ ପାସପୋର୍ଟ ମିଳିବ ବୋଲି ସର୍ତ୍ତ ରଖିଥିଲେ । ଏଥିଯୋଗୁ ସେ ବିମାନ ମିସ କରିବା ସହ ହୋଟେଲ ବୁକିଂର ଘାଟା ସହିଥିଲେ । ଶେଷରେ ପ୍ରେମା ଥ୍ୱାଙ୍ଗଡୋମ ବ୍ରିଟେନରେ ଥିବା ତାଙ୍କର ଜଣେ ବନ୍ଧୁଙ୍କ ଜରିଆରେ ସଙ୍ଘାଇରେ ଥିବା ଭାରତୀୟ କୂଟନୀତିଜ୍ଞଙ୍କ ସହ ଯୋଗାଯୋଗ କରିଥିଲେ । ଖବର ପାଇ ବିଳମ୍ବିତ ରାତିରେ ଭାରତୀୟ ଅଧିକାରୀମାନେ ସେଠାରେ ପହଂଚି ପ୍ରେମା ଥ୍ୱାଙ୍ଗଡୋମଙ୍କୁ ଚାଇନିଜ ସହରରୁ ବାହାରକୁ ପଠାଇଥିଲେ । ପ୍ରଧାନମନ୍ତ୍ରୀ ମୋଦି ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କୁ କରିଥିବା ଚିଠିରେ ପ୍ରେମା ସିଧାସଳଖ କହିଛନ୍ତି ଯେ ସେ ସାମ୍ନା କରିଥିବା ନିର୍ଯାତନା ଭାରତର ସାର୍ବଭୌମତ୍ୱ ଓ ଅରୁଣାଚଳ ପ୍ରଦେଶର ଲୋକଙ୍କ ପ୍ରତି ଅପମାନ । ଏଥିପାଇଁ ସରକାର ବେଜିଂ(ଇଷ୍ଟସଇବ) ଆଗରେ ଏହି ପ୍ରସଙ୍ଗ ଉଠାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଅନୁରୋଧ କରିଛନ୍ତି ।

ଶ୍ରୀନଗରରେ ମାଇନସ୍ ୩.୨ ଡିଗ୍ରୀ ତଳକୁ ଖସିଲା ତାପମାତ୍ରା

ନୂଆଦିଲ୍ଲୀ, ୨୪/୧୧(ନ୍ୟୁ.ଏ): ପ୍ରବଳ ଥଣ୍ଡା ଭିତରେ ପାଣିପାଗର ମିଜାଜ୍ ପୁଣିଥରେ ବିଗିଡ଼ିଛି । ଦେଶର ବହୁ ରାଜ୍ୟରେ ବର୍ଷା ଆଲର୍ଟ ଜାରି କରାଯାଇଛି । ପାଣିପାଗ ବିଭାଗର ସୂଚନା ଅନୁସାରେ, ତାମିଲନାଡୁ,କେରଳ, ଆନ୍ଧ୍ର ପ୍ରଦେଶ, ପଶ୍ଚିମବଙ୍ଗ, ଓଡିଶା, ଆଣ୍ଡାମାନ-ନିକୋବର ଦ୍ୱୀପର ବହୁ ଅଂଚଳରେ ପ୍ରବଳ ବର୍ଷାର ଚେତାବନୀ ଜାରି କରାଯାଇଛି । ସେହିଭଳି ଉତ୍ତର ଭାରତର ପାଣିପାଗ ବିଷୟରେ ଯଦି କଥା ହେବା ତେବେ ଶୀତଲହରୀ ପ୍ରକୋପ ଦେଖିବାକୁ ମିଳିବ । ବିହାର, ୟୁପିରୁ ନେଇ ଦିଲ୍ଲୀ-ହିମାଚଳ ଓ କାଶ୍ମୀର ପର୍ଯ୍ୟନ୍ତ ତାପମାତ୍ରାରେ ପ୍ରବଳ ଅଭାବ ଦେଖିବାର ସମ୍ଭାବନା ରହିଛି । ଜମ୍ମୁ-କଶ୍ମୀରର ରାଜଧାନୀ ଶ୍ରୀନଗରରେ ରବିବାର ରାତିରେ ଏହି ପାଗର ସବୁଠାରୁ ଥଣ୍ଡା ରାତି ଭାବରେ ରେକର୍ଡ କରାଯାଇଛି । ଯେଉଁଠି ପାରା ମାଇନସ୍ ୩.୨ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ହ୍ରାସ ପାଇଛି । ପ୍ରବଳ ଥଣ୍ଡା କାରଣରୁ କିଛି ଅଂଶରେ ପାଣିର ଉପରେ ବରଫର ପତଳା ଆସ୍ତରଣ ଜମି ଯାଇଛି । ପାଣିପାଗ ବିଭାଗ କହିଛି, ଆଗାମୀ ଦିନରେ ଥଣ୍ଡା ବଢ଼ିପାରେ । ବିଶେଷ ଭାବରେ ଅଧିକ ଉଚ୍ଚତାରେ ଥିବା ଅଂଚଳରେ ହାଲକା ବର୍ଷା ମଧ୍ୟ ହୋଇପାରେ । ତାମିଲନାଡୁର ବହୁ ଜିଲ୍ଲାରେ ପ୍ରବଳ ବର୍ଷା କାରଣରୁ ସୋମବାର ସ୍କୁଲ-କଲେଜରେ ଛୁଟି ଘୋଷଣା କରାଯାଇଛି । ପାଣିପାଗ ବିଭାଗ ପକ୍ଷରୁ ଜାରି ବର୍ଷା ପରେ ଚେତାବନୀ ଭିତରେ ସୁରକ୍ଷାକୁ ଦେଖି ଜିଲ୍ଲା ପ୍ରଶାସନ ସ୍କୁଲ ଛୁଟି କରିବାର ନିଷ୍ପତ୍ତି ନେଇଛି ।

ଭାରତକୁ ଫେରିବ ସିନ୍ଧ; ରାଜନାଥଙ୍କ ବୟାନ ପରେ ପାକିସ୍ତାନରେ ହଲଚଲ୍

ନୂଆଦିଲ୍ଲୀ, ୨୪/୧୧(ନ୍ୟୁ.ଏ): ଭାରତର ପ୍ରତିରକ୍ଷା ମନ୍ତ୍ରୀଙ୍କ ଏକ ବୟାନ ପାକିସ୍ତାନକୁ ଝଟକା ଦେଇଛି । କେବେ ବି ବଦଳିପାରେ ଭାରତର ସୀମାରେଖା । କିଏ ଜାଣେ ପୁଣି ଥରେ ଭାରତକୁ ଫେରିପାରେ ସିନ୍ଧ୍ । ପାକିସ୍ତାନର ସିନ୍ଧ୍ ପ୍ରଦେଶକୁ ନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଏହି ବୟାନ ପରେ ପାକିସ୍ତାନରେ ହଲଚଲ ଦେଖିବାକୁ ମିଳିଛି । ଏହାକୁ ନେି ପାକିସ୍ତାନର ବୈଦେଶିକ ମନ୍ତ୍ରଣାଳୟ ଏକ ବିବୃତି ଜାରି କରି କହିଛି ଯେ, ପାକିସ୍ତାନର ସିନ୍ଧ ପ୍ରଦେଶ ସମ୍ପର୍କରେ ପରିବର୍ତ୍ତନ ଦାବି କରୁଥିବା ଭାରତୀୟ ପ୍ରତିରକ୍ଷା ମନ୍ତ୍ରୀଙ୍କ ଭ୍ରାମକ ଏବଂ ବିପଜ୍ଜନକ ମନ୍ତବ୍ୟକୁ କଡ଼ା ନିନ୍ଦା କରୁଛି । ପାକିସ୍ତାନର ବୈଦେଶିକ ମନ୍ତ୍ରଣାଳୟ ରାଜନାଥ ସିଂହଙ୍କ ବକ୍ତବ୍ୟ ଉପରେ ଅସନ୍ତୋଷ ପ୍ରକାଶ କରିଛି । ଏକ ଚିଠି ଜାରି କରି କହିଛି, 'ପାକିସ୍ତାନର ସିନ୍ଧ୍ ପ୍ରଦେଶ ସମ୍ପର୍କରେ ଭାରତୀୟ ପ୍ରତିରକ୍ଷା ମନ୍ତ୍ରୀଙ୍କ ଦ୍ୱାରା ଦିଆଯାଇଥିବା ଭ୍ରମାତ୍ମକ ଏବଂ ବିପଦପୂର୍ଣ୍ଣ ସଂଶୋଧନବାଦୀ ମନ୍ତବ୍ୟକୁ କଡ଼ା ନିନ୍ଦା କରୁଛି । ଏପରି ବକ୍ତବ୍ୟ ହିନ୍ଦୁତ୍ୱ ବିସ୍ତାରବାଦୀ ମାନସିକତାକୁ ପ୍ରକାଶ କରେ ଯାହା ପ୍ରତିଷ୍ଠିତ ବାସ୍ତବତାକୁ ଚ୍ୟାଲେଞ୍ଜ କରିବାକୁ ଚାହୁଁଛି । ଅନ୍ତର୍ଜାତୀୟ ଆଇନ, ସ୍ୱୀକୃତିପ୍ରାପ୍ତ ସୀମା ଏବଂ ରାଷ୍ଟ୍ରଗୁଡ଼ିକର ସାର୍ବଭୌମତ୍ୱର ସ୍ପଷ୍ଟ ଉଲ୍ଲଂଘନ କରୁଛି । ଆମେ ରାଜନାଥ ସିଂହ ଏବଂ ଅନ୍ୟ ଭାରତୀୟ ନେତାଙ୍କୁ ଗୁହାରି କରୁଛୁ କି ଏପରି ଉତେଜନାପୂର୍ଣ୍ଣ ବୟାନ ନଦିଅନ୍ତୁ ଯାହା ଏହି ଅଂଚଳରେ ସ୍ଥିରତାକୁ ବିପଦରେ ପକାଇବ । ଭାରତ ସରକାର ସେମାନଙ୍କ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଉପରେ ଧ୍ୟାନ ଦେବା ଭଲ ।' କ'ଣ କହିଥିଲେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ- ଗତକାଲି ଏକ କାର୍ଯ୍ୟକ୍ରମରେ ପ୍ରତିରକ୍ଷା ମନ୍ତ୍ରୀ କହିଥିଲେ, ସିନ୍ଧ୍ ଅଂଚଳ ଭାରତର ଅଂଶ ନଥିଲେ ମଧ୍ୟ ଏହା ଭାରତର ହୋଇପାରିବ । ଆଗାମୀ ଦିନରେ ସୀମା ବଦଳିପାରେ ଏବଂ ଏହି ଅଂଚଳ ପୁଣିଥରେ ଭାରତର ଅଂଶ ହୋଇଯିବ । ସିନ୍ଧି ହିନ୍ଦୁମାନେ, ବିଶେଷକରି ଲାଲକୃଷ୍ଣ ଆଡଭାନୀଙ୍କ ପିଢିର ହିନ୍ଦୁମାନେ ଆଜି ଯାଏ ସିନ୍ଧକୁ ଭାରତରୁ ଅଲଗା କରିବାକୁ ଗ୍ରହଣ କରିନାହାନ୍ତି । ଆଡଭାନୀ ଏହା ତାଙ୍କ ପୁସ୍ତକରେ ଉଲ୍ଲେଖ କରିଛନ୍ତି । ସିନ୍ଧ ସର୍ବଦା ଭାରତର ଏକ ଅଂଶ ହୋଇ ରହିବ । କହି ରଖୁଛୁ କି, ସିନ୍ଧୁ ନଦୀ ନିକଟରେ ଥିବା ଏକ ଅଂଚଳ ହେଉଛି ସିନ୍ଧ୍ । ଏହା ୧୯୪୭ ପୂର୍ବରୁ ଅଖଣ୍ଡ ଭାରତର ଅଂଶ ଥିଲା । ସିନ୍ଧ୍ ପ୍ରଦେଶ ୧୯୪୭ରେ ମସିହାରେ ବିଭାଜନ ପରେ ପାକିସ୍ତାନ ନିକଟକୁ ଯାଇଥିଲା ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସମ୍ପାଦକ : ଶୁଭେନ୍ଦୁ ଦାସ
Editor : Subhendu Das